


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୩୦ ଅକ୍ଟୋବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 30 OCTOBER 2020
Vol.No. 30 ■ No. 273 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA
A Fully +2 Science Residential College
Dibyasingpur, Udala,
Dist: Mayurbhanj





2nd Admission is going on
SUMMER COURSE:- 2nd Batch Admission
Starts from: Dt.19.03.2020 and Class Starts
From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି।
For better development of students are taught by highly and well experienced faculties.
Contact No: 9437294587, 9438232419, 9437443950,


ନବୀନଙ୍କ ଡିଜିଟାଲ ପ୍ରଚାର

# ମୁଁ ନେବି ବାଲେଶ୍ୱର ଦାୟିତ୍ୱ: ମୁଖ୍ୟମନ୍ତ୍ରୀ

➩ବାଲେଶ୍ୱରର ବିକାଶ ଉପରେ ସ୍ୱେଶାଲ ଫୋକସ୍ ଦିଆଯିବ
➩ଫକୀରମୋହନ ସେନାପତି ମୋର ପ୍ରିୟ ଲେଖକ



ଭୁବନେଶ୍ୱର,୨୯।୧୦ (ନି.ପ୍ର): ବାଲେଶ୍ୱର ସଦର ଆସନରେ ଉପ ନିର୍ବାଚନ ପାଇଁ ଗୁରୁବାର ଅପରାହ୍ନରେ ଡିଜିଟାଲ ପ୍ଲାଟଫର୍ମରେ ପ୍ରଚାର କରିଛନ୍ତି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବିଜେଡି ର ପ୍ରାର୍ଥୀ ସ୍ୱରୂପ କୁମାର ଦାସଙ୍କ ପାଇଁ ସେ ପ୍ରଚାର କରିଛନ୍ତି। ସାଧାରଣ ନିର୍ବାଚନ ଆଉ ତିନି ବର୍ଷ ରହିଲା । ଏହି ତିନି ବର୍ଷ ମଧ୍ୟରେ ବହୁତ କାମ କରାଯାଇ ପାରିବ । ବିଜେପୁର ପରି ବାଲେଶ୍ୱରର ବିକାଶ ଦାୟୀତ୍ୱ ମୁଁ ନିଜେ ବୁଝିବି ଏବଂ ଏଥିପ୍ରତି ସ୍ୱେଶାଲ ଫୋକସ୍ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉପ ନିର୍ବାଚନରେ ବିଜୁ ଜନତା ଦଳ ପ୍ରାର୍ଥୀଙ୍କୁ ଆଶିର୍ବାଦ କରନ୍ତୁ ଏବଂ ଶଙ୍ଖ ଚିହ୍ନରେ ଭୋଟ୍ ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ବାଲେଶ୍ୱରବାସୀଙ୍କୁ ନିବେଦନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୯୯୯ ମସିହା ମହାବାତ୍ୟା କଥା ମନେ ପକାଇଥିଲେ । ଏଥିରେ ଓଡିଶାର ଅର୍ଥନୀତି, ଭିତିଭୂମି ସବୁକିଛି ନଷ୍ଟ ହୋଇଯାଇଥିଲା । ଓଡିଶାବାସୀଙ୍କର ଦୃଢ ଆତ୍ମବିଶ୍ୱାସ ଓ ପରିଶ୍ରମ ଯୋଗୁଁ ଓଡିଶା ଆଜି ମୁଣ୍ଡ ଟେକି ଉଠିଛି, ବିକାଶ ପଥରେ ଆଗକୁ ବଢୁଛି । ଆଜି ଓଡିଶା ବିପର୍ଯ୍ୟୟ ପରିଚାଳନାରେ ସାରା ବିଶ୍ୱ ପାଇଁ ଆଦର୍ଶ ହୋଇପାରିଛି । ବନ୍ୟା, ବାତ୍ୟା ବା ମହାମାରୀ ସବୁବେଳେ ଲୋକଙ୍କ ଜୀବନର ସୁରକ୍ଷା ଉପରେ ମୁଁ ଗୁରୁତ୍ୱ ଦେଇଆସିଛି। ଓଡିଶା ହେଉଛି ଦେଶର ଏକମାତ୍ର ରାଜ୍ୟ ଯେ କି ସବୁ ଲୋକଙ୍କୁ ମାଗଣାରେ କୋଭିଡ୍ ଚିକିତ୍ସା ଯୋଗାଇ ଦେଇପାରୁଛି। ଆମ ରାଜ୍ୟରେ ସଂକ୍ରମଣ କମିଛି । ସୁସ୍ଥ ହାର ବଢୁଥିବା ବେଳେ ମୃତ୍ୟୁ ହାର ଦେଶରେ ସବୁଠାରୁ କମ୍। ଆମର କୋଭିଡ୍ ଯୋଦ୍ଧାଙ୍କ ନିଷ୍ଠା ଏବଂ ଆପଣମାନଙ୍କ ▶▶ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀଙ୍କ ନିଷ୍ଠୁରତାକୁ ନେଇ ଉଦ୍‌ବେଗ



ବାଲେଶ୍ୱର,୨୯।୧୦ (ନି.ପ୍ର): ବାଲେଶ୍ୱର ଉପ-ନିର୍ବାଚନ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ର୍ୟାଲିରେ ସଦର ନିର୍ବାଚନମଣ୍ଡଳୀ ଲୋକଙ୍କୁ ଉଦବୋଧନ ଦେଇଥିଲେ ବି ପରଲୋକଗତ ବିଧାୟକ ମଦନ ମୋହନ ଦତ୍ତଙ୍କ ପ୍ରତି ଦଳୀୟ ମନ୍ତ୍ରୀ ଓ ନେତାଙ୍କ ଅମାନବୀୟ ଉଚ୍ଚରଣ ତଥା କଟୁ ମନ୍ତବ୍ୟ ବାବଦରେ ପଦେ ହେଲେ କିଛି ନ କହିବାକୁ ନେଇ ବିଜେପି ପ୍ରାର୍ଥୀ ମାନସଙ୍କ ମାଆ ପ୍ରେମଲତା ଦତ୍ତ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏନେଇ ଆଜି ସଂଧ୍ୟାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଦତ୍ତ ଯୋଗଦେଇ ଦୁଃଖ ପ୍ରକାଶ କରିଥିଲେ। ନିର୍ବାଚନ ପ୍ରଚାର ବେଳେ ମଦନ ମୋହନ ଦତ୍ତଙ୍କ ମୃତ୍ୟୁ ଏକ ସୁଯୋଗ ବୋଲି ଯୋଗାଣମନ୍ତ୍ରୀ କହିଥିବା ବେଳେ ଓ କୁନା ତ୍ରିପାଠୀ ସ୍ୱର୍ଗତ ଦତ୍ତଙ୍କୁ ଅକାମୀ ଟ୍ରାନ୍ସଫର୍ମାର ବୋଲି ଉଚ୍ଚାରଣ କରିଥିଲେ। ଏହାକୁ ନେଇ ବିଭିନ୍ନ ମହଲରୁ ତୀବ୍ର ପ୍ରତିକ୍ରିୟା ବି ପ୍ରକାଶ ପାଇଥିଲା। ତେବେ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ରାଲି ଅବସରରେ ଏନେଇ ଦଳୀୟ ମନ୍ତ୍ରୀ ଓ ନେତାଙ୍କୁ ତାଗିଦ୍ କରି କିଛି କହିବେ ବୋଲି ଶ୍ରୀମତୀ ଦତ୍ତଙ୍କ ମାଆ ଆଶା ରଖିଥିଲେ ବୋଲି ସେ କହିଛନ୍ତି। ମାତ୍ର ମୁଖ୍ୟମନ୍ତ୍ରୀ ବିବାଦୀୟ ମନ୍ତ୍ରୀ ନେତାଙ୍କୁ ସମର୍ଥନ କରି ଚୁପ୍ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସେ ଉଦ୍‌ବେଗର ସହ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏଭ ନିଷ୍ଠୁରତା ସମାଜ ପାଇଁ ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମହିଳା ମୋର୍ଚ୍ଚା ସଭାପତିସ୍ମୃତି ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଗୁଜରାତର ପୂର୍ବତନ ମୁଖ୍ୟମନ୍ତ୍ରୀ କେଶୁଭାଇ ପଟେଲଙ୍କ ପରଲୋକ




ଗାନ୍ଧୀନଗର,୨୯।୧୦ (ନି.ପ୍ର): ଗୁଜରାତ ରାଜନୀତିର ଭୀଷ୍ମ ପିତାମହ ତଥା ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ କେଶୁଭାଇ ପଟେଲଙ୍କ ପରଲୋକ ଘଟିଛି। ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା । ତାଙ୍କର ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମେତ ଅନ୍ୟ ମାନ୍ୟଗଣ୍ୟ ଲୋକ ମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି । ତାଙ୍କର ସ୍ୱାସ୍ଥ୍ୟ ଖରାପ ଥିବା କାରଣରୁ ତାଙ୍କୁ ଦଶ ଦିନ ତଳେ ଡାକ୍ତରଖାନାରେ ଭର୍ତ୍ତି କରା ଯାଇଥିଲା ହେଲେ ସ୍ୱାସ୍ଥ୍ୟ ଲାଭ କରିବା ପରେ ତାଙ୍କୁ ଦୁଇ ଦିନ ପୂର୍ବରୁ ଛୁଟି ଦିଆ ଯାଇଥିଲା । ହେଲେ ଆଜି ହଠାତ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡିବା କାରଣରୁ ତାଙ୍କର ମୃତ୍ୟୁ ଘଟିଛି ।

## ଡିସେମ୍ବର ୩୧ ଯାଏଁ ବଢିଲା କୋଭିଡ୍ ହସ୍ପିଟାଲ ମିଆଦ

ଭୁବନେଶ୍ୱର,୨୯।୧୦ (ନି.ପ୍ର): ରାଜ୍ୟ ସରକାର କୋଭିଡ୍-୧୯ ହସପିଟାଲ ଗୁଡ଼ିକର ମିଆଦକୁ ଆସନ୍ତା ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ପୂର୍ବରୁ କୋଭିଡ୍ ହସପିଟାଲ ଗୁଡ଼ିକର ମିଆଦ ଅକ୍ଟୋବର ୧ରେ ଶେଷ ହେଉଥିବାବେଳେ ଏହାକୁ ଆଉ ତିନିମାସ ପାଇଁ ବୃଦ୍ଧି କରାଯାଇଛି । ଏ ସମ୍ପର୍କରେ ରାଜ୍ୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଜିଲ୍ଲାପାଳମାନଙ୍କୁ ପତ୍ର ଲେଖି ସୂଚୀତ କରିଛନ୍ତି । ଏହି ପତ୍ରରେ କୁହାଯାଇଛି ଯେ ସରକାରଙ୍କ ବୈଷୟିକ କମିଟିର ସୁପାରିଶକ୍ରମେ ଯେଉଁ କୋଭିଡ-୧୯ ହସପିଟାଲଗୁଡ଼ିକ ରାଜ୍ୟ ସରକାର ଓ ପାର୍ଶ୍ୱ ଯୋଗାଣକାରୀମାନଙ୍କ ସହ ଚୁକ୍ତି କରିଛନ୍ତି, ଯେଗୁଡ଼ିକର କାର୍ଯ୍ୟ ମିଆଦକୁ ଆଉ ତିନିମାସ ଅର୍ଥାତ ଅକ୍ଟୋବର ୧ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଅନ୍ୟପକ୍ଷରେ ଏସବୁ କୋଭିଡ-୧୯ ହସପିଟାଲଗୁଡ଼ିକରେ ମଂଜୁରୀପ୍ରାପ୍ତ ସାଧାରଣ ଶଯ୍ୟା ସଂଖ୍ୟା ୫୦ ପ୍ରତିଶତ ହ୍ରାସ କରାଯାଇଛି । ତେବେ ଆଇସିୟୁ, ମାଟର୍ନିଟି ଓଟି, ଲେବର ରୁମ,ଡାୟାଲିସିସ ଆଦି ଗୁଡ଼ିକର ମଂଜୁରୀପ୍ରାପ୍ତ କ୍ଷମତା ଅପରିବର୍ତ୍ତିତ ରହିବ ।

## ୨ରୁ ଖୋଲିବ ଏମସ୍ ଓପିଡି




ଭୁବନେଶ୍ୱର,୨୯।୧୦ (ନି.ପ୍ର): ଆସନ୍ତା ନଭେମ୍ବର ୨ ତାରିଖ ଠାରୁ ଭୁବନେଶ୍ୱର ଏମସ୍ ରେ ଓପିଡି ସେବା ପୁଣି ଥରେ ଆରମ୍ଭ ହେବ। ଏହାସହ ଆଇପିଡି ଏବଂ ୧୪ ଟି ଏମଓଟି ସେବା ମଧ୍ୟ ୨ ତାରିଖରୁ ଆରମ୍ଭ ହେବ । ପ୍ରାରମ୍ଭିକ ଭାବେ ନଭେମ୍ବର ୮ ତାରିଖ ପର୍ଯ୍ୟନ୍ତ ପ୍ରତି ବିଭାଗରେ ପ୍ରତ୍ୟେହ ୩୦ ଜଣ ରୋଗୀ ପଂଜୀକରଣ କରିପାରିବେ। ନଭେମ୍ବର ୯ ତାରିଖରୁ ଆଉ ସପ୍ତାହେ ପର୍ଯ୍ୟନ୍ତ ରୋଗୀ ସଂଖ୍ୟା ୫୦ କୁ ବୃଦ୍ଧି କରାଯିବ। ଏହାପରେ ରୋଗୀ ସଂଖ୍ୟା ବୃଦ୍ଧି ନେଇ ଚିନ୍ତା କରାଯିବ। ତେବେ ଏମସ୍ ଭୁବନେଶ୍ୱର ସ୍ୱାସ୍ଥ୍ୟ ଆପ୍ ଏବଂ ଟେଲି ମେଡସିନ୍ (ହ୍ୱାଟସ୍ ଆପ୍ କଲ୍) ▶▶ପୃଷ୍ଠା ୭

ବିହାରରେ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନୀ ପ୍ରଚାର

## କଂଗ୍ରେସ ଶାସନ କାଳରେ ବିହାରର ତିଳେମାତ୍ର ବିକାଶ ହୋଇନାହିଁ : ଧର୍ମେନ୍ଦ୍ର



ବିହାର/ଭୁବନେଶ୍ୱର,୨୯।୧୦ (ନି.ପ୍ର): କଂଗ୍ରେସର ଶାସନ କାଳରେ ବିହାରର ତିଳେମାତ୍ର ବିକାଶ ହୋଇନାହିଁ ବୋଲି ଗୁରୁବାର ବିହାରର ବିଭିନ୍ନ ସ୍ଥାନରେ ନିଜର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନୀ ପ୍ରଚାର କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ବିହାରର ତରୈୟା, ମଧୁବନ, ରୋସଡା ଓ ପିପରାର ବିଭିନ୍ନ ଅଂଚଳରେ ନିର୍ବାଚନୀ ପ୍ରଚାର କରିବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ବିହାରର ଜନତା ସଚେତନ ଅଛନ୍ତି । ଦେଶ ଏବଂ ବିହାରକୁ ନିଜର ଜାଗୀର ଭାବୁଥିବା ଜଙ୍ଗଲରାଜର ଯୁବରାଜ ଏବଂ କଂଗ୍ରେସର ଯୁବରାଜ ବିହାରରେ ନିର୍ବାଚନ ପ୍ରଚାର କରୁଛନ୍ତି। ତେବେ ବିହାରବାସୀ ଜଙ୍ଗଲରାଜ ନୁହେଁ ବରଂ ମୋଦି ଓ ନୀତିଶଙ୍କ ପରି ଏକ ମଜବୁତ୍ ଓ ପ୍ରଗତିଶୀଳ ସରକାର ଚାହୁଁଛନ୍ତି । କଂଗ୍ରେସ ଶାସନ କାଳରେ ଯଦି ବିହାରର ତିଳେମାତ୍ର ବିକାଶ ହୋଇଥାନ୍ତା ତେବେ ଆଜିର ସମୟରେ ବିହାର ଏବଂ ଏଠାକାର ଯୁବକମାନେ ବହୁତ ଆଗରେ ରହିଥାନ୍ତେ। କଂଗ୍ରେସ ଦଳର ଯୁବରାଜଙ୍କ ମନରେ କଷ୍ଟ ହେଉଛି ଯେ କିଭଳି ଜଣେ ଚା’ ବିକ୍ରି କରୁଥିବା ଦେଶର ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ରହିଲେ ଏବଂ ବିହାରର ଜଣେ ଚାଷୀର ପୁଅ କିଭଳି ମୁଖ୍ୟମନ୍ତ୍ରୀ ହେଲେ। ଜଙ୍ଗଲରାଜକୁ ସମ୍ପୂର୍ଣ୍ଣ ଭାବରେ ସମାପ୍ତ କରିବା ପାଇଁ ବିହାରବାସୀ ଭୋଟ ମାଧ୍ୟମରେ ଜବାବ ଦେବେ ବୋଲି ସେ କହିଛନ୍ତି । ବିହାରରେ କଳା, ସଂସ୍କୃତି ଏବଂ କୃଷିର ଅପାର ସମ୍ଭାବନା ରହିଛି। ବିହାର ସମେତ ଦେଶର ଚାଷୀ ମାନଙ୍କ ଆୟକୁ ଦୁଇ ଗୁଣା କରିବା ପାଇଁ ଅନେକ ପଦକ୍ଷେପ ନିଆଯାଉଛି । ନିବେଶ ଆଧାରିତ କୃଷି ପାଇଁ ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୃଷି କ୍ଷେତ୍ରରେ ସଂସ୍କାର ଆଣିଛନ୍ତି । କରୋନା ସମୟରେ ମୋଦି ସରକାର ସାଧାରଣ ଜନତାଙ୍କ ଯଥାସମ୍ଭବ ସାହାଯ୍ୟ କରିଛନ୍ତି। ମୋଦି ସରକାରଙ୍କ ଦ୍ୱାରା ନିକଟରେ ଅଣାଯାଇଥିବା କୃଷି ସଂସ୍କାର ଅଥବା ଏଫପିଓ କାରଣରୁ ଚାଷୀମାନେ ବିଶ୍ୱର ଯେକୌଣସି ସ୍ଥାନରେ ନିଜର ଉତ୍ପାଦିତ ସାମଗ୍ରୀକୁ ବିକ୍ରି କରିବା ପାଇଁ ସମର୍ଥ ହେବେ । ଚାଷୀଙ୍କ ଉତ୍ପାଦିତ ସାମଗ୍ରୀର ▶▶ପୃଷ୍ଠା ୭

ଭୁବନେଶ୍ୱର ପେଟ୍ରୋଲ ପମ୍ପ ବିସ୍ଫୋରଣ ଘଟଣା

## ଆସିଲା ଡିଏନଏ ରିପୋର୍ଟ: ନିଖୋଜ ସୀମାଂଚଳ ମୃତ




ଭୁବନେଶ୍ୱର,୨୯।୧୦ (ନି.ପ୍ର): ଭୁବନେଶ୍ୱର ରାଜଭବନ ନିକଟ ପେଟ୍ରୋଲ ପମ୍ପ ବିସ୍ଫୋରଣ ଘଟଣାରେ ନିଖୋଜ ଥିବା ସୀମାଂଚଳ ପରିଡାଙ୍କର ଉକ୍ତ ବିସ୍ଫୋରଣରେ ମୃତ୍ୟୁ ହୋଇଥିବା ଡିଏନଏ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଭୁବନେଶ୍ୱର -କଟକ ପୋଲିସ୍ କମିଶନର ଡ. ସୁଧାଂଶୁ ଷଡଙ୍ଗୀ ଗୁରୁବାର ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୋଲିସ୍ କମିଶନର କହିଛନ୍ତି ଯେ ଗତ ୭ ତାରିଖ ହୋଇଥିବା ବିସ୍ଫୋରଣ ଘଟଣାରେ ଫରେନ୍ସିକ୍ ଲାବ୍ରୋଟୋରୀରୁ ଡିଏନଏ ରିପୋର୍ଟ ହସ୍ତଗତ ହୋଇଛି। ଘଟଣାରେ ନିଖୋଜ ସୀମାଂଚଳ ପରିଡାଙ୍କ ମୃତ୍ୟୁ ହୋଇଥିବା ଡିଏନଏ ରିପୋର୍ଟରେ ସୂଚନା ଦିଆଯାଇଛି। ଏସମ୍ପର୍କରେ ,ସୀମାଂଚଳଙ୍କ ପରିବାର ଲୋକଙ୍କୁ ଜଣାଇ ଦିଆଯାଇଛି। ▶▶ପୃଷ୍ଠା ୭

## ଘରେ ବସି ନନ୍ଦନକାନନ ଜୀବଜନ୍ତୁଙ୍କୁ ଦେଖିପାରିବେ ପର୍ଯ୍ୟଟକ

ଭୁବନେଶ୍ୱର,୨୯।୧୦ (ନି.ପ୍ର): ଏଣିକି ଘରେ ବସି ବୁଲି ହେବ ନନ୍ଦନକାନନ। କରୋନା ସମୟରେ ଭୁବନେଶ୍ୱରରେ ଥିବା ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଜୀବଜନ୍ତୁଙ୍କୁ ଦେଖିବା ଲାଗି ଆସିପାରୁନଥିବା ପର୍ଯ୍ୟଟକଙ୍କ ପାଇଁ ଏହି ଖୁସି ଖବର ଆଣିଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ । ଭର୍ଚୁଆଲ ଟୁର୍ ମାଧ୍ୟମରେ ପର୍ଯ୍ୟଟକ ମାନେ ଜୀବଜନ୍ତୁଙ୍କୁ ଦେଖିପାରିବେ। ନନ୍ଦନକାନନର ସମସ୍ତ ଜୀବଜନ୍ତୁଙ୍କ ଭିଡିଓ ୱେବସାଇଟରେ ଅପଲୋଡ କରାଯାଇଛି। ▶▶ପୃଷ୍ଠା ୭

## ବାଲେଶ୍ୱରରେ ବିଜେପି ତାରକା ପ୍ରଚାରକଙ୍କ ଭୋଟଭିକ୍ଷା



ବାଲେଶ୍ୱର,୨୯।୧୦ (ନି.ପ୍ର): ଚଳିତ ସଦର ଉପ-ନିର୍ବାଚନରେ ବାଲେଶ୍ୱରରେ ବିଜେପିର ହେବିଓ୍ୱେଟ୍ ନେତାଙ୍କ ଉପସ୍ଥିତି ଓ କ୍ୟାମ୍ପେନିଂ ଦଳୀୟ ପ୍ରଚାର ଅଭିଯାନକୁ ଆହୁରି ଜୋରଦାର କରିବାରେ ଲାଗିଛି। ଏହ ଷ୍ଟାର ପ୍ରଚାରକମାନେ ସଦର ନିର୍ବାଚନମଣ୍ଡଳୀର ବଭିନ୍ନ ଅଞ୍ଚଳରେ ପ୍ରଚାର କାର୍ଯ୍ୟ ଚଳାଇ ରଖିଥିବା ଲକ୍ଷ୍ୟ କରାଯାଇଛି। ରୂପସା ଅଞ୍ଚଳରେ ମସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ, ବାଲେଶ୍ୱର ସହରରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୁଖ୍ୟ ସଚେତକ ମୋନ ମାଝୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗୋମାଙ୍ଗ, କଟକ ସାଂସଦ ପ୍ରକାଶ ମିଶ୍ର, ପୂର୍ବତନ ସାଂସଦ ଖାରବେଳ ସ୍ୱାଇଁ ଓ ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ ଆଜି ପ୍ରଚାର ଚଳାଇଥିବା ଦେଖିବାକୁ ମିଳିଛି। ସେହିପରି ପଞ୍ଚୁପଡ଼ାରେ ମୟୂରଭଂଜ ସାଂସଦ ବିଶେଶ୍ୱର ଟୁଡୁ, ବୁଢ଼ାବଳଙ୍ଗ ମଣ୍ଡଳରେ କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା, ଚାନ୍ଦିପୁର ଅଞ୍ଚଳରେ ସୁନ୍ଦରଗଡ଼ ବିଧାୟିକା ଟେଟେ ମାରାଥନ୍ ପ୍ରଚାରା କରିଛନ୍ତି। ରାଜ୍ୟ ସରକାରଙ୍କ ୨୧ ବର୍ଷର ଶାସନ ବିଫଳତାକୁ ଲୋକଲୋଚନକୁ ଆଣିବା ସହିତ ବିକାଶ ନାଆଁରେ ଲୋକଙ୍କୁ କିପରି ମିଥ୍ୟା ପ୍ରତିଶ୍ରୁତି ଦିଆଯାଉଛି, ସେ ସମ୍ପର୍କରେ ଏହି ତାରକା ▶▶ପୃଷ୍ଠା ୭

## ରାଜ୍ୟରେ ଆଉ ୧୩ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୧୨୯୭ ହେଲା




ଭୁବନେଶ୍ୱର,୨୯।୧୦ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୩ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୨୯୭ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଖୋର୍ଧା, ନୂଆପଡା, କଟକ, ବାଲେଶ୍ୱର, ଅନୁଗୁଳ ଜିଲ୍ଲାର ୨-୨ ଜଣ ରହିଥିବା ବେଳେ କେନ୍ଦୁଝର, ଜଗତସିଂହପୁର ଓ ସମ୍ବଲପୁର ଜିଲ୍ଲାର ଜଣେ ଜଣେ ଜଣେ ମୃତ୍ୟୁବରଣ କରିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଭୁବନେଶ୍ୱରର ୪୯ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୭୧ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । କଟକ ଜିଲ୍ଲାର ଜଣେ ୫୨ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି। କଟକ ଜିଲ୍ଲାର ଜଣେ ୬୨ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି । କେନ୍ଦୁଝର ଜିଲ୍ଲାର ▶▶ପୃଷ୍ଠା ୭

## ୨୪ ଘଂଟାରେ କରୋନାରୁ ସୁସ୍ଥ ହେଲେ ୧୯୦୮

ଭୁବନେଶ୍ୱର,୨୯।୧୦ (ନି.ପ୍ର): ରାଜ୍ୟରେ ବୁଧବାର ଦିନ ୧୯୦୮ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୨୨ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୨,୭୨,୦୩୮କୁ ବୃଦ୍ଧି ପାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ▶▶ପୃଷ୍ଠା ୭

# ଜିଲ୍ଲାସ୍ତରୀୟ କାଳୀପୂଜା ସମନ୍ୱୟ କମିଟି ବୈଠକ : କୋବିଡ୍ ଆଇନ ଭଙ୍ଗ କଲେ ୧ ଲକ୍ଷ ଜୋରିମାନା ଓ ମାମଲା ରୁଜୁ




ଭଦ୍ରକ,୨୮।୧୦ : ଭଦ୍ରକରେ ଲକ୍ଷ୍ମୀପୂଜା ଓ ବହୁ ପ୍ରସିଦ୍ଧ କାଳୀପୂଜା ନିମନ୍ତେ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଆଜି ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ କୋବିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାପାଳ ଡ. ଜ୍ଞାନ ଦାସ ଅଧ୍ୟକ୍ଷତା କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ୟାମଭକ୍ତ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିକାଶ ଦାଶଙ୍କ ସମେତ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା, ପୁଲିସ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲାପାଳ ସୂଚନା ଦେଇ କହିଥିଲେ କି ସମସ୍ତ ପୂଜା କମିଟି ପୂଜା ପୂର୍ବରୁ ଉପଜିଲ୍ଲାପାଳଙ୍କ ଠାରୁ ବିଧିବଦ୍ଧ ଅନୁମତି ନେବାକୁ ବାଧ। ମଣ୍ଡପ ଗୁଡିକର ୩ ପାଖ ପୂର୍ଣ୍ଣ ଆବଦ୍ଧ ହେବାକୁ ଥିବା ବେଳେ ସମ୍ମୁଖ ଭାଗ ଆବଦ୍ଧ ମଧ ହେବ। ମଣ୍ଡପରେ ପୁରୋହିତ, କର୍ତ୍ତାଙ୍କୁ ମିଶାଇ ୭ଜଣରୁ ଅଧିକ ଲୋକ ରହି ପାରିବେ ନାହିଁ। ମୂର୍ତ୍ତି ଗୁଡିକର ଉଚ୍ଚତା ୪ ଫୁଟରୁ ଅଧିକ ହୋଇ ପାରିବ ନାହିଁ। ସର୍ବସାଧାରଣଙ୍କ ନିମନ୍ତେ ଦର୍ଶନକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। କମିଟି ପକ୍ଷରୁ ପ୍ରତି ମଣ୍ଡପର ଭିତରେ ଓ ବାହାରେ କ୍ଲୋଜ ସର୍କିଟ କ୍ୟାମେରା ଲଗାଯିବ। ମଣ୍ଡପରେ ଉପସ୍ଥିତମାନେ କୋବିଡ୍ ନିୟମାନୁଯାୟୀ ମାସ୍କ ପରିଧାନ, ସାମାଜିକ ଦୂରତା ରକ୍ଷା କରିବା ସହିତ ସାନିଟାଇଜର ବ୍ୟବହାର କରିବେ। କୌଣସି ଅପେରା, ସାଂସ୍କୃତିକ କାର୍ଯ୍ୟକ୍ରମ କିମ୍ବା ମାଇକ ଆଦି ବ୍ୟବହାର ହୋଇ ପାରିବ ନାହିଁ। ସେହିପରି ଭସାଣୀ ନିମନ୍ତେ କୌଣସି ଶୋଭାଯାତ୍ରା ହୋଇ ପାରିବ ନାହିଁ। ପ୍ରଶାସନ ପକ୍ଷରୁ ସ୍ଥିରିକୃତ ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ସମୁହଙ୍କୁ ବିସର୍ଜନ କରାଯିବ। ତେବେ କୋବିଡ୍ - ୧୯ର ନିୟମକୁ କୌଣସି ମଣ୍ଡପରେ ଉଲଂଘନ ହେବାର ଜଣାଗଲେ ୧ ଲକ୍ଷ ଟଙ୍କା ଜୋରିମାନା ଏବଂ କମିଟି ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଭାବେ ଫୌଜଦାରୀ ମାମଲା ରୁଜୁ କରାଯିବ ବୋଲି ଜିଲ୍ଲାପାଳ ଡ. ଦାସ କହିଥିଲେ।

## ସାନ୍ତସାହି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସ୍ମୃତିସଭା

କେନ୍ଦ୍ରାପଡ଼ା,୨୯।୧୦ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର ସାନ୍ତସାହୀରେ ଥିବା ବୁଢ଼ୀ ବିଳାସୁଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଗତ ନୟନା ମଲିକଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ବ୍ଲକ ଶାଖା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ଆୟୋଜିତ ଏହି ସ୍ମୃତିସଭା ରେ ବ୍ଲକ ସଭାପତି ତଥା ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ରାଉତ ଅଧ୍ୟକ୍ଷତା କରିଥିବା ବେଳେ ବ୍ଲକ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇ ସ୍ୱର୍ଗତା ମଲିକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ତାଙ୍କର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଉପସ୍ଥିତ ଶିକ୍ଷକ ରମେଶ ଚନ୍ଦ୍ର ସାହୁ, ଅଶୋକ କୁମାର ସାହୁ, ସେକ ମନସୁର ଅଲ୍ଲୀ ଓ କୈଳାସ ଚନ୍ଦ୍ର ରାଉତ ପ୍ରମୁଖ ସ୍ୱର୍ଗତା ମଲିକଙ୍କ ସ୍ମୃତି ଚାରଣ କରିବା ସହ ତାଙ୍କର କର୍ତ୍ତବ୍ୟ ପରାୟଣତା ଓ ଶିକ୍ଷାଦାନରେ ନିଷ୍ଠାପର ଉଦ୍ୟମ ର ପ୍ରଶଂସା କରିଥିଲେ ।

# ପୂର୍ବତଟ ରେଳପଥର ସତର୍କତା ସପ୍ତାହ: ଉପଭୋକ୍ତା ଓ ଭାଗିଦାରୀ ମାନଙ୍କ ବୈଠକ

ଭୁବନେଶ୍ୱର,୨୯।୧୦ (ନି.ପ୍ର):ପୂର୍ବତଟ ରେଳପଥ ଏହାର ସମସ୍ତ ଭାଗିଦାରୀ, ହିତାଧିକାରୀ ଏବଂ ଯୋଗାଣକାରୀଙ୍କ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଗ୍ରାହକ ମାନଙ୍କ ସହିତ ଉତମ ସମ୍ପର୍କ ଆଣିବା ସହ ଉଭୟ ରେଳବାଇ ଏବଂ ଶିଳ୍ପର ପ୍ରଗତିରେ ତଥା ଅଭିବୃଦ୍ଧିରେ ସାହାଯ୍ୟ କରିବା ସହିତ ସେମାନଙ୍କର ମତାମତ, ଅଭିଯୋଗର ସମାଧାନ ଇତ୍ୟାଦି ସମ୍ବନ୍ଧରେ ଆଲୋକପାତ କରାଯାଇଥିଲା। ପୂର୍ବତଟ ରେଳପଥର ବରିଷ୍ଠ ଉପ ମହାପ୍ରବନ୍ଧକ ତଥା ମୁଖ୍ୟ ସତର୍କତା ଅଧିକାରୀ ଶ୍ରୀ ହେମନ୍ତ କୁମାର ଦତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଆଲୋଚନା ସମୟରେ ଅଂଶଧନଧାରୀଙ୍କ ସହିତ କାରବାର କରିବା ଏବଂ ଅଭିଯୋଗକୁ ଯଥାର୍ଥ ଏବଂ ପ୍ରଭାବଶାଳୀ ଭାବରେ ସଂକ୍ଷିପ୍ତ କରିବା ପାଇଁ ସ୍ୱଚ୍ଛ, ନିରପେକ୍ଷ ଏବଂ ଉଦ୍ଦେଶ୍ୟ ଉପରେ ପ୍ରାଥମିକତା ଦିଆଯାଇଥିଲା। ଏହା ବ୍ୟତୀତ, ସାମଗ୍ରୀ ଏବଂ ସେବା କ୍ରୟ କରିବା ସହିତ ଚୁକ୍ତିନାମା କରିବା ସମୟରେ ଏହା ସ୍ୱଚ୍ଛ ଏବଂ ନିରପେକ୍ଷ ହେବା ଉଚିତ୍ ବୋଲି ମତ ପ୍ରକାଶ କରାଯାଇଥିଲା । ଉପଭୋକ୍ତା, ହିତାଧିକାରୀ ଏବଂ ବିଭିନ୍ନ ଶିଳ୍ପ ଯଥା ଇସ୍ପାତ କାରଖାନା, ବନ୍ଦର ମାନଙ୍କର ପ୍ରତିନିଧି, ଯୋଗାଣକାରୀ, ବ୍ୟାଙ୍କ, କଂଟ୍ରାକ୍ଟର ମାନେ ପ୍ରତ୍ୟକ୍ଷ ଭାବେ ଏହି ଅଧିବେଶନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ଏବଂ ସେମାନଙ୍କର ମତ ଏବଂ ପରାମର୍ଶ ଉପସ୍ଥାପନ କରିଥିଲେ ।

# ପୌରସଂସ୍ଥା ଅଧିନରେ କାମକରିଥିବା ଶ୍ରମିକଙ୍କୁ ମିଳିନି ପ୍ରାପ୍ୟ

କେନ୍ଦ୍ରାପଡ଼ା,୨୯।୧୦ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର ୨୦ ଓ ୨୧ନଂ ୱାର୍ଡରେ ରହୁଥିବା ଜନଜାତି ଶ୍ରମିକ ମାନେ ପୌର ପରିଷଦର ମାଇକ୍ରୋ ଆକ୍ଟିଭିଟିଜ କମ୍ୟୁନିଟି ସେଣ୍ଟର ନିର୍ମାଣ କାର୍ଯ୍ୟରେ ଶ୍ରମିକ ଭାବରେ କାମ କରିଥିଲେ ମଧ୍ୟ ସେମାନଙ୍କୁ ଏପର୍ଯ୍ୟନ୍ତ ପ୍ରାପ୍ୟ ମିଳି ନଥିବା ଅଭିଯୋଗ କରିଛନ୍ତି । ସେମାନଙ୍କ ଅଭିଯୋଗ ମୁତାବକ ଏହି ଶ୍ରମିକ ମାନେ ଚଳିତ ବର୍ଷ ଜୁନ୍ ଠାରୁ ଜୁଲାଇ ପର୍ଯ୍ୟନ୍ତ ୧୫ଦିନ କାମ କରିଥିଲେ ମଧ୍ୟ ସେମାନଙ୍କୁ ସଂପୂର୍ଣ୍ଣ ପ୍ରାପ୍ୟ ଦିଆଯାଇ ନାହିଁ । ଏନେଇ ସେମାନେ ବାରମ୍ବାର ପୌରସଂସ୍ଥାର କନିଷ୍ଠ ଯନ୍ତ୍ରୀଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ପାଇ ପାରି ନାହାଁନ୍ତି । ମୀନା ଦାସ, ଟୁନି ଦାସ, ଶାନ୍ତିଲତା ଦାସ, ଲକ୍ଷ୍ମଣ ଦାସ, ସୁକୁମାରୀ ଦାସ , ବିଜୟ ଦାସ, ଟୁକୁନି ଦାସ ପ୍ରମୁଖ ଶ୍ରମିକ ମାନେ ଦାବି ଜଣାଇଥିଲେ । ତେବେ ଏକଥା ଜାଣିବା ପରେ ପୌର। ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ ଯଥାଶିଘ୍ର ଏହି ଶ୍ରମିକ ମାନଙ୍କ ପ୍ରାପ୍ୟ ଦେବା ପାଇଁ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

## ଭୁବନ ଏନଏସି ନିର୍ବାହୀ ଅଧିକାରୀ ପ୍ରମୋଦ ବରାଳ ଙ୍କ ପରଲୋକ: ଚାଲିଗଲେ କରୋନା ଯୋଦ୍ଧା

ଭୁବନ,୨୯।୧୦ (ନି.ପ୍ର): ଭୁବନ ଏନଏସି ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳଙ୍କ ହୃଦଘାତରେ ପରଲୋକ ହୋଇଯାଇଛି । ଜ୍ୱରରେ ପୀଡିତ ଥାଇ ଭୁବନେଶ୍ୱରସ୍ଥ ଏକ ହସପିଟାଲକୁ ଯିବା ଉଦ୍ଦେଶ୍ୟରେ କାରରେ ବସିବାକୁ ଯାଉଥିବା ବେଳେ ହଠାତ ହୃଦଘାତ ହୋଇଥିଲା । ତାଙ୍କୁ ପ୍ରଥମେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଳିଙ୍ଗ ନଗର ସ୍ଥିତ ଟାଟା ମେଡିକୋ ହସପିଟାଲକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ମରଶରୀରକୁ ଭୁବନ ଏନଏସି କ୍ୱାଟରକୁ ଅଣାଯାଇଥିଲା । ବିଡିଓ ଆଶୀର୍ବାଦ ପରିଡା,ଆଇଆଇସି ଜିତେନ୍ଦ୍ର ସାହୁ, ପୂର୍ବତନ ନଗରପାଳ ନନ୍ଦ କିଶୋର ସାହୁ , ଯୁବ ସମାଜସେବୀ ଶୁଭେନ୍ଦୁ ସାହୁ ,ଏନଏସି କର୍ମଚାରୀ ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପରେ ମରଶରୀରକୁ ନିଜ ଗ୍ରାମ କଟକ ଜିଲ୍ଲା ଅସୁରେଶ୍ୱର ନିକଟସ୍ଥ କୁସୁନୁପୁର କୁ ନିଆଯାଇଥିଲା । ସ୍ୱର୍ଗତ ବରାଳ ଦକ୍ଷତାର ସହ କୋଭିଡ-୧୯ ପରିଚାଳନା କରି ବିଭିନ୍ନ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ ହେବା ସହ ଜଣେ ମେଳାପି, କର୍ତ୍ତବ୍ୟନିଷ୍ଠ ଓ ଲୋକପ୍ରିୟ ଅଫିସର ଭାବେ ଭୁବନରେ ପରିଚିତ ଥିବାରୁ ତାଙ୍କ ବିୟୋଗରେ ଗଭୀର ଶୋକର ଛାୟା ଖେଳିଯାଇଛି ।

# ଚୋରାଚାଲାଣ ବେଳେ ୧୩୦ ବସ୍ତା ପିଡିଏସ ଚାଉଳ ଜବତ

ମାଲକାନଗିରି,୨୯।୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ର ସିମିଳିବାଞ୍ଚା ପଂଚାୟତ ଅନ୍ତର୍ଗତ ଏମ ଭି ୬୦ ଗ୍ରାମ ନିକଟରୁ ଗତକାଲି ଅପରାହ୍ନ ସମୟରେ ଏକ ୪୦୭ ଟ୍ରକ ଗାଡି ନଂ ଓଡି ୩୦, ୫୬୩୭ କୁ ଗ୍ରାମ ବାସୀ ଅଟକାଇ ଯାଂଚ କରିବାରୁ ସେଥିରେ ୧୩୦ ବସ୍ତା ପିଡିଏସ ଚାଉଳ ଥିବା ଦେଖିବାକୁ ପାଇଥିଲେ ।ଗାଡିର ଡ୍ରାଇଭର ଅବିନାଶ କୁ ପଚରାଉଚରା କରିବା ରୁ ଚାଉଳ ସିମିଳିବାଞ୍ଚା ପଂଚାୟତ ର ବାଲାନପାଲି ଏବଂ ଏମ ଭି ୬୦ନଂ ଗ୍ରାମରୁ ସଂଗୃହିତ ହୋଇ ମାଲକାନଗିରି କୁ ଯାଉଥିଲା ବୋଲି ଡ୍ରାଇଭର କହିଛି ।ଏହି ଚାଉଳକୁ ଏମ ଭି ୬୦ ଗ୍ରାମର ଅଞ୍ଜନ ମଣ୍ଡଳ କିଣି ନେଉଥିଲା ବୋଲି ଗ୍ରାମ ବାସୀ ପ୍ରକାଶ କରିଛନ୍ତି । ଏହି ଚାଉଳ ଚୋରାଚାଲାଣ ରେ ଉକ୍ତ ପଂଚାୟତ ର ଯୋଗାଣ ସହାୟକ ସହ ବେପାରୀ ରଙ୍କୁ ସହଯୋଗ କରୁ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ବର୍ତମାନ ସୁଦ୍ଧା ଗ୍ରାମବାସୀ ଚାଉଳ ଗାଡିକୁ ଅଟକ ରଖିଥିଲେ ମଧ ପଡିଆ ବ୍ଲକ ଯୋଗାଣ ଅଧିକାରୀ ଘଟଣା ସ୍ଥଳ କୁ ଯାଇନଥିବା ଜଣାପଡିଛି ।

# ନିଟ ସଫଳ ଛାତ୍ରଙ୍କୁ କଦମପାଳ ପଂଚାୟତ ପକ୍ଷରୁ ସମ୍ବର୍ଦ୍ଧିତ

ଧର୍ମଶାଳା,୨୯।୧୦ (ନି.ପ୍ର): ସର୍ବଭାରତୀୟ ଏନ୍‌ଇଇଟି ପରୀକ୍ଷା ଫଳ ପ୍ରକାଶିତ ହୋଇଛି । ଏହି ପରୀକ୍ଷାରେ ଧର୍ମଶାଳା ବ୍ଲକ କଦମପାଳ ପଂଚାୟତର କଦମପାଳ ଗ୍ରାମର ଅଶ୍ୱିନି କୁମାର ପ୍ରଧାନ ଏବଂ ସୁଷମ କୁମାର ପ୍ରଧାନ ସର୍ବଭାତୀୟ ସ୍ତରରେ ସଫଳତା ପାଇଛନ୍ତି । ତେବେ ତାଙ୍କର ଏହି ସଫଳତାକୁ ଦୃଷ୍ଟିରେ ରଖି କଦମପାଳ ପଂଚାୟତ ପକ୍ଷରୁ ଏକ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ସମ୍ବର୍ଦ୍ଧନା ସଭଣା କବି ସନାତନ ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ପ୍ରବଚକ ବିଭୂତି ଭୂଷଣ ପାଲ,ସମ୍ମାନୀତ ଅତିଥିଭାବେ ସୁବଧେ ପ୍ରଧାନ, ମୁଖ୍ୟବକ୍ତା ଅରେଇକଣା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଂଜୟ କୁମାର ରାଉତ ଓ ଅରକ୍ଷିତ ଜେନା ପ୍ରମୁଖ ଯୋଗ ଦେଇଥିଲେ । ଅତିଥିମାନେ ଏହି ଦୁଇ ଛାତ୍ରଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଦୀର୍ଘ ଜୀବନ କାମନା କରିଥିଲେ । ଶେଷରେ ଭରତ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଚିତ ରଂଜନ ମହାନ୍ତି,ଫକିର ଚରଣ ପ୍ରଧାନ, ବଳରାମ ମହାନ୍ତି, ବନମାଳୀ ଓଝା,ଚନ୍ଦନ ପ୍ରଧାନ, ନିରଞ୍ଜନ ଅଧିକାରୀ,ନିରଞ୍ଜନ ପ୍ରଧାନ, ବୈଷ୍ଣବ ପ୍ରଧାନ,ସୁଶିଲ ପ୍ରଧାନ ଓ ପ୍ରସନ୍ନ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ସମ୍ବର୍ଦ୍ଧିତ ସଭାରେ ଗ୍ରାମ ମୁରବୀ ଓ ବହୁ ମାନ୍ୟଗଣ୍ୟ ବକ୍ତି ଉପସ୍ଥିତ ରହିଥିଲେ ।

# କେନ୍ଦୁଝର : କରେଂଟ ଲାଗି ଜଣେ କର୍ମଚାରୀଙ୍କ ମୃତ୍ୟୁ

କେନ୍ଦୁଝର,୨୯।୧୦ (ନି.ପ୍ର): କେନ୍ଦୁଝର ରେ ଆଜି ବୁଧବାର ଦିନ ହଠାତ୍ କରେଂଟ ଲାଗିବା ଯୋଗୁଁ ଜଣେ ବିଦ୍ୟୁତ କର୍ମଚାରୀହଙ୍କର ଦୁଖ୍ୟଦ ମୃତ୍ୟୁ ହୋଇଛି । ଯାହାକୁ ନେି ସମଗ୍ର ଅଂଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଆଜି ବୁଧବାର ଅପରାହ୍ନ ସମୟରେ ଟାଉନ ଥାନା ଅନ୍ତର୍ଗତ ଶିରିପୁର ଅଂଚଳରେ ଏହି ଅଭାବନୀୟ ଅଘଟଣ ଘଟିଛି । କେନ୍ଦୁଝର ଗଡ ପୌର ପାଳିକା ପକ୍ଷରୁ ସହରରେ ପୌରବାସୀଙ୍କୁ ନିୟମିତ ବିଦ୍ୟୁତ ସେବା ଯୋଗାଇ ଦିଆଯାଇଥାଏ । ଏବଂ ଏହି ବିଦ୍ୟୁତ ସେବାକୁ ସବୁ ସମୟରେ ସୁବିସ୍ଥିତ କରିବା ରଖିବା ଲାଗି ପୌର ପାଳିକା ପକ୍ଷରୁ ବିଦ୍ୟୁତ କର୍ମଚାରୀ ମଧ୍ୟ ନିୟୋଜିତ ରହିଛନ୍ତି । ଏମାନେ ସହର ମଧ୍ୟରେ ନୂତନ ଲାଇଟ୍ ସଂଯୋଗ ଦେବା ସହ ଖରାପ ହୋଇଯାଇଥିବା ବିଦ୍ୟୁତ ଲାଇଟର ମରାମତି ମଧ୍ୟ କରିଥାଆନ୍ତି । ଆଜି ଜଣେ କର୍ମଚାରୀ ପୌର ପାଳିକାର ଷ୍ଟିଟ ଲାଇଟ୍ ସଜାଡୁଥିବା ବେଳେ ତାଙ୍କ ଅଜାଣତରେ ୧୧ କେଭି କରେଟଂ ସଂସ୍ପର୍ଶରେ ଆସି ଯାଇଥିଲେ । ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ମୃତକ ଜଣଙ୍କ ପଳାଶପଙ୍ଗା ନିକଟସ୍ଥ ବାଙ୍କମାରୁଣୀ ଗ୍ରାମର ବିନୋଦ ମହାନ୍ତ ବୋଲି ଜଣା ପଡିଛି । ବିନୋଦ ପୌର ପାଳାକା ପକ୍ଷରୁ ନିଯୁକ୍ତ ଠାକାଦାର ଅଧିନରେ ଠିକା ଶ୍ରମିକ ଭାବେ କାମ କରୁଥିଲେ । କରେଟଂ ଲାଗିବା ପରେ ବିନୋଦଙ୍କୁ ତୁରନ୍ତ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇବା ପରେ ତୁରନ୍ତ ଟାଉନ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ତାଙ୍କ ପରିବାରକୁ କ୍ଷତିପୁରଣ ଦେବାକୁ ଦାବୀ ଉଠିଛି ।

# ସର୍ବଭାରତୀୟ ନିଟ୍, ଜେ.ଇ, କ୍ଲାଟ ପରୀକ୍ଷାରେ ଏସ୍.ବି.ଡି. ସ୍କୁଲର ସଫଳତା

ଭଦ୍ରକ, ୨୯/୧୦ (ହି.ସ.) - ରାଜ୍ୟର ଅନ୍ୟତମ ସଫଳ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଏସ୍.ବି.ଡି. ଇଂଟରନ୍ୟାସନାଲ ସ୍କୁଲର ଛାତ୍ରଛାତ୍ରୀଗଣ ନିକଟରେ ପ୍ରକାଶିତ ହୋଇଥିବା ନିଟ, ଜେ.ଇ. (ମେନ), କ୍ଲାଟ ପରୀକ୍ଷାରେ ଅଭୁତପୂର୍ଣ୍ଣ ସଫଳତା ଅର୍ଜନ କରିଛନ୍ତି। ଉକ୍ତ ବିଦ୍ୟାଳୟର ଛାତ୍ର ସୀତାଂଶୁ ପାଣିଗ୍ରାହ ଓ ସୁଶ୍ରୀ ଭାବନା ଗୁପ୍ତା ନିଟ ପରୀକ୍ଷରେ ସଫଳତା ଅର୍ଜନ କରି ସମସ୍ତଙ୍କୁ ଗୌରବାନ୍ୱିତ କରିଛନ୍ତି। ସୁଶ୍ରୀ ପାୟଲ ବେହେରା ଓ ବୈଭବ ନାୟକ ଆଇ.ଆଇ.ଟି. ପ୍ରବେଶିକା ପରୀକ୍ଷାରେ ସଫଳତା ଅର୍ଜନ କରି ପ୍ରମାଣିତ କରିଛନ୍ତି ଯେ କଠିନ ପରିଶ୍ରମ ସଫଳତାର ଚାବିକାଠି। ସେହିପରି ବିଦ୍ୟାଳୟର ପୂର୍ବତନ ଛାତ୍ରୀ ସୁଶ୍ରୀ ମଧୁଲିକା ତ୍ରିପାଠୀ ସର୍ବଭାରତୀୟ କ୍ଲାଟ ପରୀକ୍ଷାରେ ସଫଳତା ଅର୍ଜନ କରିଛନ୍ତି। ଏହି କୃତୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ, ପରିଚାଳନା କମିଟି କୃତଜ୍ଞତା ଜଣାଇବା ସହିତ ସେମାନଙ୍କ ଆଗାମୀ ସଫଳତା କାମନା କରିଛନ୍ତି। ଛାତ୍ରଛାତ୍ରୀଙ୍କ ପରିଶ୍ରମର ମୂଲ୍ୟ ସେମାନଙ୍କୁ ମିଳିଥିବା ନେଇ ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଖୁସିବ୍ୟକ୍ତ କରିବା ସହ ଅନ୍ୟ ଛାତ୍ରଛାତ୍ରୀମାନେ କଠିନ ପରିଶ୍ରମ କରିବାକୁ ଆହ୍ୱାନ ଦେଇଛନ୍ତି।

# ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁର୍ନିତି ନିବାରଣ ସଚେତନତା ସପ୍ତାହ ପାଳନ

କେନ୍ଦ୍ରାପଡ଼ା,୨୯।୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁର୍ନିତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଇଛି । ବୁଧବାର ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ପରିସର ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଶପଥ ପାଠ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଶପଥ ପାଠ କରାଇଥିଲେ । ସତର୍କ ଭାରତ – ସମୃଦ୍ଧ ଭାରତବର୍ଷ ଉପରେ ଶପଥ ପାଠ କରାଇବା ସହ ସତର୍କ ନାଗରିକ ଓ ସମୃଦ୍ଧ ନାଗରିକ ଉପରେ ବକ୍ତବ୍ୟ ରଖି ନିଷ୍ଠା , ସତ୍ୟ ଓ ନ୍ୟାୟଚିତ ଭାବରେ କର୍ମ ସଂପାଦକ କରିବା ପାଇଁ ଉପସ୍ଥିତ କର୍ମଚାରୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ସୂଚନା ଓ ଲୋକ ସଂପର୍କ ବିଭାଗ ଉପ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ନାୟକଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଚିନ୍ମୟୀ ରଥ, ଜିଲ୍ଲା ମଙ୍ଗଳ ଅଧିକାରୀ ମମତା ରାଣୀ ପରିଡା, କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଯୋଗାଣ ଅଧିକାରୀ ପ୍ରଶାନ୍ତ କୁମାର ଗନ୍ତାୟତ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ବରିଷ୍ଠ ସହାୟକ ଦିବାକର ମହାନ୍ତି ଓ ମଧୁସୁଦନ ମଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟକ କରିଥିଲେ ।

# ପୁଲିସ ମାଡ଼ରେ ବାଇକ ଚାଳକର ଆଖି ନଷ୍ଟ ହେଲା

ବାରିପଦା,୨୯।୧୦ (ନି.ପ୍ର): ବାରିପଦା ରିଜର୍ଭ ପୁଲିସରେ କାର୍ଯ୍ୟରତ ଜଣେ କନେଷ୍ଟବଳଙ୍କ ଲାଠିମାଡ଼ରେ ଜଣେ ଯୁବକର ଜୀବନ ଅନ୍ଧକରେ ବଂଚି ଯାଇଥିବା ବେଳେ ତାର ଡ଼ାହାଣ ଆଖି ଫାଟି ରକ୍ତସ୍ରାବ ହେବା ସହ ଆଖିକୁ ଦେଖାଯାଉ ନ ଥିବାର ଅଭିଯୋଗ ହୋଇଛି । ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ଅକ୍ଟୋବର ୨୭ ବାରିପଦା ପୌରପରିଷଦର ୱାର୍ଡ଼ ନମ୍ବର ୨୫ ଅଂଚଳର ସିପୁ ଦାସ ଅସୁସ୍ଥ ଥିବାରୁ ଔଷଧ ନେବା ପାଇଁ ଷ୍ଟେଷନ ବଜାରକୁ ଆସିଥିଲେ । ତରବରରେ ଆସିଥିବାରୁ ଘରୁ ହେଲମେଟ ଆଣି ନ ଥିଲେ । ଫେରିବା ସମୟରେ ପାଲବଣି ବାଇପାଶ୍ ନିକଟରେ ଗାଡ଼ିମୋଟର ଯାଂଚ ଆରମ୍ଭ ହୋଇଥିଲା । ଏହି ସମୟରେ ସିପୁ ହଠାତ୍ ପୁଲିସକୁ ଦେଖି ବାଇକ ରାସ୍ତା ପାର୍ଶ୍ୱରେ ପାର୍କି କରାଉଥିବା ସମୟରେ ରିଜର୍ଭ ପୁଲିସରେ କାର୍ଯ୍ୟରତ ଜଣେ କନେଷ୍ଟବଳ ସିପୁଙ୍କ ମୁଣ୍ଡକୁ ଲକ୍ଷ କରି ଲାଠିମାଡ଼ କରିଥିଲେ । ମାତ୍ର ଲାଠି ପ୍ରହାର ସୌଭାଗ୍ୟ ବଶତଃ ମୁଣ୍ଡରେ ନ ବାଜି ଆଖିରେ ବାଜି ଥିଲା ଏବଂ ଆଖି ଡ଼ୋଳା ଫାଟି ରକ୍ତ ସ୍ରାବ ଆରମ୍ଭ ହୋଇଥିଲା । ଏହା ଦେଖି ପୁଲିସ ସିପୁକୁ ଘରକୁ ପଠାଇ ଦେଇଥିଲା । ଆଜି ବାରିପଦା ପିଆରଏମ ମେଡ଼ିକାଲ କଲେଜ ଓ ହସପିଟାଲର ଚକ୍ଷୁ ବିଭାଗରେ ନିଜର ଆଖିକୁ ଦେଇ ଔଷଧପତ୍ର ନେଇ ଆସିଥିବା ବେଳେ ତାଙ୍କର ଡ଼ାହାଣ ଆଖିର ଧଳା ଡ଼ୋଳାଟି ଲାଠିମାଡ଼ରେ ନଷ୍ଟ ହୋଇଯାଇଥିବାର ଜଣାପଡ଼ିଛି । ଏବିଷୟରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ମିଥ ପି ପରମାର ଘଟଣା ଉପରେ ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି ।

# କନ୍ଧମାଳରେ ଆରମ୍ଭ ହେଲା ପହିଲି ଶୀତ, ପାରଦ ଖସିଲା ୧୫ ଡିଗ୍ରୀକୁ

କନ୍ଧମାଳ,୨୯।୧୦ (ନି.ପ୍ର): ଚଳିତ ବର୍ଷ ଅଧିକ ବର୍ଷା ଯୋଗୁଁ ଶୀତର ପ୍ରକୋପ ମଧ୍ୟ ଦେଖିବାକୁ ମିଳିବ ବୋଲି ପାଣିପାଗ ବିଭାଗ ତରଫରୁ ସୁଚନା ମିଳିଛି । ଏହାର ଫଳ ସ୍ୱରୁପ ଜିଲ୍ଲାରେ ଗତ ୩ ଦିନ ହେଲା କ୍ରମାନ୍ୱୟ ଭାବରେ ତାପମାତ୍ରାରେ ହ୍ରାସ ହେବାର ପରିଲକ୍ଷୀତ ହେଉଛି । ଦୁଇ ଦିନ ପୁର୍ବରୁ ଜିଲ୍ଲାରେ ତାପମାତ୍ରା ୨୦ ଡିଗ୍ରୀ ସେଲସିଅସ ରହିଥିଲା ତା ପରଦିନ ଏହା ୧୮ଡିଗ୍ରୀକୁ ଖସି ଆସିଥିବା ବେଳେ ଆଜି ଫୁଲବାଣୀର ତାପମାତ୍ରା ୧୫.୩ ଡିଗ୍ରୀକୁ ଖସଛି ସେହିପରି ଜିଲ୍ଲାର କାଶ୍ମୀର କୁହା ଯାଉଥିବା ଦାରିଙ୍ଗବାଡିରେ ମଧ୍ୟ ଗତ ଦୁଇଦିନରେ ସେହିପରି ୧୬ ଡିଗ୍ରୀ ଏବଂ ଆଜି ୧୫ ଡିଗ୍ରୀକୁ ଖସି ଆସିଥିବା ଜିଲ୍ଲା ପାଣିପାଗ ବିଭାଗ ସୁତ୍ରରୁ ଜଣାପଡିଛି । ଜିଲ୍ଲାରେ ତାପମାତ୍ରାର ହ୍ରାସ ଯୋଗୁଁ ଶୀତର ପ୍ରଭାବ ମଧ୍ୟ ଦେଖିବାକୁ ମିଳୁଛି । ସକାଳ ୮ଟା ପର୍ଯ୍ୟନ୍ତ କୁହୁଡି ରହୁଥିବା ଦେଖିବାକୁ ମିଳୁଛି । ଫୁଲବାଣୀ ସମେତ ଜିଲ୍ଲାର ଦାରିଙ୍ଗବାଡି, ରାଇକିଆ, ଘୁ.ଉଦୟଗିରି, ବେଲଘର ଏବଂ ବାଲିଗୁଡା ସମେତ ଅନେକ ଅଂଚଳରେ ହାଲକା ଶୀତର ପ୍ରଭାବ ମଧ୍ୟ ଅନୁଭୁତ ହେଉଛି । କରୋନା ସଂକ୍ରମଣ କମିବା ଫଳରେ ଲୋକେ ଏହି ଶୀତର ମଜା ନେବାକୁ ସକାଳୁ ଘରୁ ବାହାରି ବୁଲିବା ଦେଖିବାକୁ ମିଳୁଛି । ଏହାସହିତ ସକାଳ କୁହୁଡିରେ ଲୋକଙ୍କର ପଡିଆରେ ବ୍ୟାୟାମ କରିବାର ଦୃଶ୍ୟ ସାଙ୍ଗକୁ ଜିଲ୍ଲାର ପ୍ରାକୃତିକ ନିଆରା ଦୃଶ୍ୟ ଦେଖିବାକୁ ପୁରୁଷ ଓ ମହିଳା ମାନେ ଘରୁ ବାହାରକୁ ବାହାରିବା ଦେଖାଯାଉଛି । ତେବେ ଜିଲ୍ଲାରେ ଚଳିତ ବର୍ଷ ଅଧିକ ବର୍ଷା ହୋଇଥିବାରୁ ଶୀତର ପ୍ରଭାବ ମଧ୍ୟ ଅଧିକ ରହିବା ନେଇ ପାଣିପାଘ ବିଭାଗ ପକ୍ଷରୁ ପୁର୍ବାନୁମାନ କରାଯାଉଥିବା ଜିଲ୍ଲା ଆପାତକାଳୀନ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ମଣ୍ଡଳ କହିଛନ୍ତି । କନ୍ଧମାଳ ଜିଲ୍ଲାରେ ପ୍ରାକୃତିକ ଦୃଶ୍ୟ ଓ ପର୍ଯ୍ୟଟନ ସ୍ଥଳିମାନ ରହିଛି । ଚଳିତ ବର୍ଷ ପର୍ଯ୍ୟଟକଙ୍କ ଆଗମନକୁ କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ସମେତ ଅନୟାନ୍ୟ ଅଂଚଳର ଲୋକେ ଚାହିଁ ରହିଛନ୍ତି । ହେଲେ କରୋନା ସଂକ୍ରମଣ ଯୋଗୁଁ ଜିଲ୍ଲାକୁ ପର୍ଯ୍ୟଟକ ଆସିବା ନେଇ ସେମାନେ ସନ୍ଦେହରେ ଥିବା ଜଣାପଡିଛି ।

# ଘରୁ ଉଠାଇନେଇ ଯୋର ଜବରଦସ୍ତ ଜମି ବିକ୍ରି କାଗଜ ପତ୍ର କରାଇନେଲେ : ଅଭିଯୋଗ ଶୁଣିଲାନି ପୁଲିସ

ରାଉରକେଲା,୨୯।୧୦ (ନି.ପ୍ର): ରାଉରକେଲା ନିକଟ ଲାଠିକଟା ବ୍ଲକର କଂଶର ଅଂଚଳରେ ରହୁଥିବା ଜଣେ ବିଧବା ମହିଳା ଓ ତାଙ୍କ ବୁଢି ଶାଶୁଙ୍କୁ ଘରୁ ଉଠାଇ ନେଇ ରାଉରକେଲା ସିଭିଲଟାଉନର ଏକ ୩ ମହଲା କୋଠାରେ ସକାଳୁ ରାତି ଯାଏ ରଖି ସେମାନଙ୍କର ସମସ୍ତ ଜମି ଓ ଯାଗାର ଖର୍ଦ୍ଦି ବିକ୍ରୀ କାଗଜ ପତ୍ର କରିନିଆଯାଇଛି । ଏନେଇ ଅଭିଯୋଗ କରିବାକୁ ଜଲଦା ଫାଣ୍ଡିକୁ ଜିବା ସତ୍ୱେ ସେଠାରେ ଜଣେ ପୁଲିସି ବାବୁ ତାଙ୍କୁ ଡରାଇ ଧମକାଇ ଫେରାଇଦେବା ପରେ ସଂପୃକ୍ତ ମହିଳା ଜଣକ ଓଡିଶା ପୁଲିସ ଡିଜିଙ୍କ ପାଖକୁ ଏନେଇ ଏକ ଅଭିଯୋଗ ପତ୍ର ପଠାଇଥିବା ଜଣାପଡିଛି । ଖବରରୁ ଜଣାପଡିଛି ଯେ, କଂଶରରେ ରହୁଥିବା ଆରତୀ ସିଂ ନିଜ ବସ୍ତିରେ ନିଜ ଶାଶୁ ଓ ପିଲାଙ୍କୁ ନେଇ ବସବାସ କରନ୍ତି । ତେବେ ତାଙ୍କ ଜମିର ୧୦ ଡିସିମିଲ ଅଂଚଳ ଜମିକୁ ୮୦ ହଜାର ଟଙ୍କାରେ ବିକିବା ଲାଗି ସେଠାକାର ଜଣେ ଜମି ଦଲାଲାକୁ କହିଥିଲେ । ତେବେ ଜମି ବିକ୍ରି ହେବା ପରିବର୍ତେ ଗତ ୧୯ତାରିଖରେ ସେହି ଜମି ଦଲାଲ ତାଙ୍କ ଶାଶୁ ଓ ତାଙ୍କୁ ଏକ କାରରେ ବସାଇ ନେଇ ରାଉରକେଲାର ସିଭିଲ ଟାଉନ ସ୍ଥିତ ଏକ ୩ ମହଲା କୋଠାକୁ ନେଇଯାଇଥିଲା । ସେଠାରେ ସେମାନଙ୍କୁ ଡରାଇ ଧମକ ଚମକ ଦେଇ ନିଜକୁ ମାଜିଷ୍ଟ୍ରେଟ ପରିଚୟ ଦେଇ ତାଙ୍କର ସମସ୍ତ ଯାଗା ବାଡିର ଖର୍ଦ୍ଦି ବିକ୍ରି କାଗଜ ପତ୍ର କରିନେଇଥିବା ସେ ଅଭିଯୋଗ କରିଛନ୍ତି । ସେଦିନ ଏହି କାମ ସରିବା ପରେ ସେ ଡରି ଅନ୍ୟ ଜଣେ ବ୍ୟକ୍ତି ଯୋଗେନ୍ଦ୍ର ନାମକ ବ୍ୟକ୍ତିଙ୍କ ଘରେ ରହିଥିଲେ । ପରେ ସକାଳୁ ସମସ୍ତ ଟଙ୍କା ଯାହା ସେ ଲୋକ ମାନେ ତାଙ୍କ ବ୍ୟାଙ୍କ ଆକାଉଁଟକୁ ଦେଇଛନ୍ତି ତାକୁ ଉଠାଇ ସେମାନଙ୍କୁ ଫେରାଇଦେବାକୁ ସେ ଯୋଗେନ୍ଦ୍ରଙ୍କୁ ଅନୁରୋଧ କରିବାରୁ, ଯୋଗେନ୍ଦ୍ର ଦୁଇ ଦଫାରେ ତାଙ୍କ ହାତ ଦସ୍ତଖତ ନେଇ ଟଙ୍କା ଉଠାଇ ଅନ୍ୟ ଏକ ବ୍ୟାଙ୍କରେ ରଖି କହିଥିଲେ ସବୁ କାମ ସରିଲା ଏବେ ତୁମ ଜମି ଯାଗା ତୁମର । ତେବେ ମହିଳା ଜଣକ ଏନେଇ ଜଲଦା ଫାଣ୍ଡି ଅଧିକାରୀଙ୍କୁ ଜଣାଇବା ନିମନ୍ତେ ଫାଣ୍ଡିକୁ ଜିବାରୁ ସେଠାରେ ତଙ୍କୁ ଫେରାଇ ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି । ତେବେ ସମସ୍ତ ଘଟଣାକୁ ନେଇ ଆରତୀଙ୍କୁ ଯୋଗାଯୋଗ କରାଜିବାରୁ ସେ ଏହି କଥା କହିବା ସହ ତାଙ୍କ ଆଖ ପାଖର କିଛି ଲୋକ ଓ ସଂପୃକ୍ତ ଜମି ଦଲାଲ ଏହି କାରବାରର ମୁଖ୍ୟ ବୋଲି ସେ ପ୍ରକାଶ କରିଛନ୍ତି । ପୁଲିସ ତାଙ୍କୁ ସହଯୋଗ କଲାନି ତେଣୁ ସେ ଡିଜି ଓ ଅନ୍ୟ ଅଧିକାରୀଙ୍କୁ ଲେଖିଛନ୍ତି । ରାଉରକେଲା ସହରରେ ବର୍ତମାନ ବିଲଡର ମାନଙ୍କ ସଂଖ୍ୟା ବଢୁଥିବାରୁ ଆଖ ପାଖରେ ଥିବା ଆଦିବାସି ଓ ଆଣ ଆଦିବାସି ମାନଙ୍କ ଜମି ଉପରେ ଏହି ଲୋକ ମାନଙ୍କର ନଜର ପଡୁଛି । ବିଶେଷ କରି ଚଳିବା ସ୍ୱଚ୍ଛଳ ନଥିବା କିମ୍ବା ନିଶାଗ୍ରସ୍ତ ଲୋକ ମାନଙ୍କୁ ଏମାନେ ସେ ଅଂଚଳର ଦଲାଲ ମାନଙ୍କ ମାଧ୍ୟମରେ ଧରି ସେମାନଙ୍କର ମୂଲ୍ୟବାନ ଜମି ଗୁଡିକୁ ହାତେଇବା ଲାଗି ଅହରହ ଚେଷ୍ଟା କରୁଥିବାର ଖବର ମିଳିଛି । ଆଖ ପାଖର ପୁଲିସ ଏମାନଙ୍କ ସହ ସାମିଲ ଥିବାରୁ ସେମାନେ ମନଇଚ୍ଛା ଏଭଳି କାରବାର କରୁଥିବାର ଖବର ମିଳିଛି । ଖାଲି ସେତିକି ନୁହେଁ ସବରେଜେଷ୍ଟ୍ରି ଅଫିସର କେତେକ କର୍ମଚାରୀ ମଧ ଏଥିରେ ସାମିଲ ଥିବାର ଖବର ମିଳିଛି । ତେଣୁ ସରକାର ଏହି ମାମଲାରେ ସତ୍ୟା ସଥ୍ୟ ଯାଂଚ କରିବା ସହ କିଏ ସେହି ବ୍ୟକ୍ତି, ୩ ମହଲା କୋଠାଟି କାହାର, କିଏ ସେହି ଜମି ଦଲାଲ ଓ କିଏ ସେହି ପୁଲିସି ଅଫିସର ଜିଏ ଥାନାରୁ ଏହି ମହିଳାଙ୍କୁ ଫେରାଇଦେଲେ ସେ ନେଇ ତଦନ୍ତ କରାଇଲେ ସବୁ ତଥ୍ୟ ପଦାକୁ ଆସିବ ବୋଲି ମତ ପ୍ରକାଶ ପାଇଛି । ଏନେଇ ପାନପୋଷ ଏସଡିପିଓଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଛନ୍ତି ଏଭଳି କୌଣସି ମାମଲା ତାଙ୍କ ଥାନା ଏରିଆକୁ ଆସି ନାହିଁ ।

# ଅଗ୍ନୀକାଣ୍ଡ ଘଟି ୪ ବଖରା ଘର ପୋଡି ପାଉଁଶ

ଧର୍ମଶାଳା,୨୯।୧୦ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ମିର୍ଜାପୁର ଗ୍ରାମରେ ଅଗ୍ନୀକାଣ୍ଡ ଘଟି ୪ ବଖରା ଛପର ଘର ପୋଡି ପାଉଁଶ ହୋଇଯାଇଛି । ରୋଷେଇ ଘରୁ ଏହି ଅଗ୍ନୀକାଣ୍ଡ ଘଟିଥିବା ବେଳେ ରାମଚନ୍ଦ୍ର ସ୍ୱାଇଁଙ୍କ ଘର ବୋଲି ଜଣାପଡିଛି । ଖବର ପାଇ ଚଣ୍ଡିଖୋଲ ଅଗ୍ନୀଶମ ବିଭାଗ ଘଟଣାସ୍ଥଳରେ ପଂହଚି ନିଆଁକୁ ଆୟତ କରିଥିଲେ ମଧ୍ୟ ସେତବେଳକୁ ଘରର ସମସ୍ତ ଆସବାସପତ୍ର ପୋଡି ପାଉଁଶ ହୋଇଯାଇଥିଲା । ଅଗ୍ନୀବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ପୋଲ ଡ୍ୟାନ୍ସ ଅଭ୍ୟାସ କରୁଛନ୍ତି ତେଜସ୍ୱୀ

ରିଓଲିଟି ଶୋ’ ଖତରୋଁ କି ଖିଲାଡୀର ପ୍ରତିଯୋଗୀ ତେଜସ୍ୱୀ ପ୍ରକାଶ କୌଣସି ନା କୌଣସି ପ୍ରକାରରେ ଚର୍ଚ୍ଚାରେ ରହିବାକୁ ପସନ୍ଦ କରନ୍ତି । ଏବେ ସେ ନିଜର ଏକ ଭିଡିଓ କାରଣରୁ ଆସିଛନ୍ତି ଚର୍ଚ୍ଚାକୁ । ସୋସିଆଲ ମିଡିଆରେ ତେଜସ୍ୱୀଙ୍କ ଏହି ଭିଡିଓ ବେଶ ଭାଇରାଲ ହୋଇଛି । ସେଥିରେ ସେ ପୋଲ ଡ୍ୟାନ୍ସ କରୁଥିବାର ଦେଖିବାକୁ ମିଳୁଛି । ତେଜସ୍ୱୀ କ୍ୟାପସନ୍‌ରେ ଲେଖିଛନ୍ତି ଯେ, ମୁଁ ଏବେ ପୋଲ ଡ୍ୟାନ୍ସ ଅଭ୍ୟାସ କରୁଛି । ତେଜସ୍ୱୀ ଦୁଇଟି ଭିଡିଓ ପୋଲ ଡ୍ୟାନ୍ସକୁ ନେଇ ସେୟାର କରିଛନ୍ତି । ଅନେକ ଏହି ଭିଡିଓକୁ ପସନ୍ଦ କରିବା ସହ ତେଜସ୍ୱୀଙ୍କୁ ଶୁଭେଚ୍ଛା ମଧ ଜଣାଇଛନ୍ତି । ଏହି ଭିଡିଓକୁ ଅଦ୍ୟାବଧି ଦେଢ଼ଲକ୍ଷରୁ ଅଧିକ ଲାଇକ୍ ମିଳିସାରିଲାଣି । ତେଜସ୍ୱୀ କହିଛନ୍ତି ଯେ ମୁଁ ଏବେ ପୋଲ ଡ୍ୟାନ୍ସର ବେସିକ୍ ଶିଖୁଛି । ଆଗକୁ ଆହୁରି ଅଭ୍ୟାସ କରିବି । ସୂଚନାଯୋଗ୍ୟ ଯେ, ଖତରୋଁ କି ଖିଲାଡିରେ ତେଜସ୍ୱୀ ଜବରଦସ୍ତ ଷ୍ଟଣ୍ଟ ଦେଇ ନିଜ ପ୍ରଶଂସକଙ୍କ ହୃଦୟ ଏବଂ ରୋହିତ ସେଟ୍ଟିଙ୍କୁ ମଧ ବଡ ପ୍ରଭାବିତ କିରଛନ୍ତି । ବିଭିନ୍ନ ଟିଭି ସିରିୟଲରେ କାମ କରିଥିବା ତେଜସ୍ୱୀ ଏବେ ବଡ ପରଦାକୁ ଆସିବାର ଯୋଜନାରେ ଅଛନ୍ତି ।



**ବିଭିନ୍ନ କାମରେ ଲାଗୁଥିବା ଦ୍ରବ୍ୟଗୁଡିକ ମଧ୍ୟରୁ ଫିଟିକିରି ଅନ୍ୟତମ । ପ୍ରାୟ ସମସ୍ତଙ୍କ ଘରେ ଏହା ଥାଏ । ନଥିଲେ ବଜାରରୁ ସହଜରେ ଅଣାଯାଇ ପାରିବ । ଏକଥା କାହାକୁ କହିବାକୁ ପଡିବ ନାହିଁ ଯେ ଏହା, ଦୂଷିତ ପାଣିକୁ ସଫା କରିଦେଇପାରେ । ଫିଟ୍‌କିରିର ଅନେକ ଗୁଣ ମଧ୍ୟରୁ ଏହା ଗୋଟିଏ । ହେଲେ ବହୁ ଲୋକ ଏହାର ଅନ୍ୟ ଗୁଣଗୁଡିକ ସମ୍ପର୍କରେ ଜାଣନ୍ତି ନାହିଁ । ଏହାର ବୈଜ୍ଞାନିକ ନାମ ପୋଟାସିଅମ ଆଲୁମିନିୟମ ସଲ୍‌ଫେଟ୍ । ଆସନ୍ତୁ ଫିଟ୍‌କିରିର ଅନ୍ୟ ଗୁଣଗୁଡିକ ସମ୍ପର୍କରେ ଜାଣିବା ।**

୧. ମୁହଁରେ କଳା ବା ଅନ୍ୟ ଦାଗ ଥିଲେ ପ୍ରଥମେ ଥଣ୍ଡା ଓ ପରିଷ୍କାର ପାଣିରେ ମୁହଁ ସଫା କରନ୍ତୁ ଏବଂ ଫିଟିକିରିକୁ ଭିଜାଇ ଧୀରେଧୀରେ ମୁହଁରେ ମାଲିସ୍ କରନ୍ତୁ । ଅଳ୍ପଦିନ ପରେ ଦାଗ ଦୂର ହେବ ।

୨. ଦାନ୍ତରେ ଦରଜ ଥିଲେ ଫିଟିକିରିକୁ ପାଉଡର ପରି ଗୁଣ୍ଡ କରନ୍ତୁ ଏବଂ ଦରଜଥିବା ସ୍ଥାନରେ ଲଗାନ୍ତୁ । କିଛି ସମୟ ପରେ ଦରଜ କମିଯିବ ।

୩. ପ୍ରତିଦିନ ଫିଟିକିରି ମିଶା ପାଣିରେ ସ୍ନାନ କରନ୍ତୁ । ଏହା କୀଟାଣୁ ଓ ବ୍ୟାକ୍ଟେରିଆରୁ ରକ୍ଷା କରିବ । ଖରାଦିନରେ ଦେହରୁ ଝାଳ ବାହାରିବା ଏକ ସ୍ୱାଭାବିକ ପ୍ରକ୍ରିୟା । ଝାଳରେ ଥିବା ବ୍ୟାକ୍ଟେରିଆ ଯୋଗୁଁ ଦୁଗନ୍ଧ ସୃଷ୍ଟି ହୁଏ । ଏଥିରୁ ମଧ ରକ୍ଷା ମିଳିବ ।

୪. ବୟସ ବଢିଲେ ମୁହଁର ତ୍ୱଚା ଧୀରେଧୀରେ ଢିଲା ହେବାକୁ ଆରମ୍ଭ କରେ । ଫିଟିକିରି ପାଣିରେ ଗୋଲାପ ଜଳ ମିଶାଇ ମୁହଁରେ ନିୟମିତ ଲଗାନ୍ତୁ । ଏହି ପ୍ରକ୍ରିୟା ବିଳମ୍ବିତ ହେବ ।

୫. ଆଘାତଜନିତ କାରଣରୁ ଗୋଡ ବା ହାତ କଟି ରକ୍ତ ଝରୁଥିଲେ ଫିଟିକିରି ଲଗାନ୍ତୁ । ଅଳ୍ପ ସମୟ ପରେ ବନ୍ଦ ହୋଇଯିବ । ତେବେ ରକ୍ତ ବେଶୀ ଝରୁଥିଲେ ବା ଜୋରରେ ବାହାରୁଥିଲେ ବିଳମ୍ବ ନକରି ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।





# ବାସ୍ତୁ ବିଜ୍ଞାନ

ବାସ୍ତୁ ନିୟମ ଅନୁସାରେ ଗୃହ ନିର୍ମାଣ କରିବା ଉଚିତ୍ । ଏହା ଭବିଷ୍ୟତରେ ସମ୍ମୁଖୀନ ହେବାକୁ ଥିବା ବିଭିନ୍ନ ସମସ୍ୟାରୁ ରକ୍ଷା କରେ । ବାସ୍ତୁ ପୁରାଣ ବା ଶାସ୍ତ୍ର ନୁହେଁ, ଏହା ଏକ ବିଜ୍ଞାନ ବୋଲି ବାସ୍ତୁବିତ୍‌ମାନେ କହନ୍ତି । ପ୍ରତ୍ୟେକ ବ୍ୟକ୍ତି ଓ ପରିବାର ପାଇଁ ଘର ଏକ ଜରୁରୀ ଆବଶ୍ୟକତା । ଏଠାରେ ସେ ତଥା ପରିବାରର ସମସ୍ତ ସଦସ୍ୟଙ୍କ ସର୍ବାଧିକ ସମୟ ବିତିଥାଏ । ଘରର ବାସ୍ତୁ ସେମାନଙ୍କ କର୍ମ, ଭାଗ୍ୟ ଓ ଭବିଷ୍ୟତକୁ ପ୍ରଭାବିତ କରେ । ତେବେ ସମସ୍ୟା ହେଲା ଆଜିର ସମୟରେ ବାସ୍ତୁ ଉପଯୋଗୀ ଜମି ମିଳିବା ସହଜ ନୁହେଁ । ପୁଣି, ବଡବଡ ସହରରେ ଏବେ ଫ୍ଲାଟ୍ ଆପାର୍ଟମେଣ୍ଟର ସଂସ୍କୃତି । ବାସ୍ତୁ ନିୟମକୁ ଜଗିଲେ ଘର ମିଳିବା କାଠିକର ପାଠ । ସେହିପରି ଅନେକ ଲୋକ ସେମାନଙ୍କ ପୈତୃକ ଘରେ ରହୁଛନ୍ତି, ଯେଉଁଗୁଡିକ ବାସ୍ତୁ ଅନୁମୋଦିତ ନୁହେଁ । ସେ ପ୍ରକାର ପରିସ୍ଥିତି ବାସ୍ତୁ ତ୍ରୁଟିଜନିତ ସମସ୍ୟାରୁ କିପରି ରକ୍ଷା ମିଳିବ ? ପ୍ରତିକାର ହେଉଛି ଏହାର ଏକମାତ୍ର ସମାଧାନ । ବାସ୍ତୁଶାସ୍ତ୍ରରେ ଏହି ବ୍ୟବସ୍ଥା ବି ରହିଛି । ସୁତରାଂ ସେମାନେ କାଳ ବିଳମ୍ବ, ନକରି ଯଥାଶୀଘ୍ର ଅଭିଜ୍ଞ ବାସ୍ତୁବିତ୍‌ଙ୍କ ପରମର୍ଶ ନେବା ଉଚିତ୍ । କିଛି ବାସ୍ତୁ ପ୍ରତିକାର -

୧. ବାସ୍ତୁଶାସ୍ତ୍ର ଅନୁସାରେ ଘରର ଶିଡି ପୂର୍ବ-ପର୍ଶ୍ଚିମ ବା ଉତ୍ତର-ଦକ୍ଷିଣ ହେବା କଥା । ସେହିପରି ପାହାଚ ସଂଖ୍ୟା ବିଷମ, ଯଥା ୧୧, ୧୩, ୧୫, ୧୭,୧୯...ହେବା ଶେୟସ୍କର । ଯଦି ଏପରି ହୋଇ ନଥାଏ, ତା’ହେଲେ ଏହା ବାସ୍ତୁତ୍ରୁଟି ବୋଲି ବୁଝିବାକୁ ହେବ । ଏହାର ପ୍ରତିକାର ପାଇଁ ଗୋଟିଏ ଗିନାରେ ମାଟିରଖି ଶିଡି ତଳେ ଥିବା ଭୂଇଁରେ ପୋତି ଦିଅନ୍ତୁ ।

୨. ପୂର୍ବ ଓ ଉତ୍ତରମୁଖୀ ଘର ପରିବାର ପାଇଁ ଉତ୍ତମ । ଯଦି ଘରର ମୁଖ୍ୟ ଦ୍ୱାର ଅନ୍ୟ କେଉଁ ଦିଗକୁ ରହିଥାଏ ତା’ହେଲେ ରୁପା, ତମ୍ବା ବା ପଞ୍ଚାଧାତୁ ନିର୍ମିତ ସ୍ୱସ୍ତିକ ପ୍ରାଣପ୍ରତିଷ୍ଠା କରି ଲଗାନ୍ତୁ ।

୩.ରୋଷେଇ ଘରର ବାସ୍ତୁଦୋଷ ଦୂର କରିବା ପାଇଁ ମାଟିପାତ୍ରରେ ଏକ କ୍ରିଷ୍ଟାଲ ବଲ୍ ରଖି ରୋଷେଇ ଘରେ ରଖନ୍ତୁ ।



# ଘନ କେଶ ପାଇଁ ପରିବା ରସ

**ଉଭୟ ମହିଳା ଓ ପୁରୁଷଙ୍କ ନିମନ୍ତେ କେଶ ସୌନ୍ଦର୍ଯ୍ୟ ନିତାନ୍ତ ଆବଶ୍ୟକ। ଏବର ପରିବେଶରେ କେଶ ଝଡ଼ିବା, ଅକାଳରେ ପାଚିବା ଏକ ପ୍ରମୁଖ ସମସ୍ୟାରେ ପରିଣତ ହୋଇଛି। ଘରୋଇ ଉପଚାରରେ ଏସବୁର ସମାଧାନ ହୋଇପାରିବ। ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତରେ, ପୁରାତନ ଯୁଗରେ ପ୍ରାକୃତିକ ଉପଚାରରେ ହିଁ କେଶ ଚର୍ଚ୍ଚା କରାଯାଉଥିଲା।**

- କେଶ ଅତ୍ୟଧିକ ଝଡୁଥିଲେ କିମ୍ବା କେଶର ଘନତ୍ୱ ବଢ଼ାଇବାକୁ ଚାହୁଁଥିଲେ, ପିଆଜ ରସ ତୁଳାରେ ନେଇ କେଶମୂଳରେ ଲଗାନ୍ତୁ। ସପ୍ତାହକୁ ୨ରୁ ୩ ଥର ଏପରି କରିବା ଉଚିତ୍।
- ଦୈନିକ ଖାଲିପେଟରେ ସକାଳୁ ୧୦୦ ଗ୍ରାମ୍ ଗାଜର ରସ ପିଇବା କେଶ ପାଇଁ ଏକ ଉତ୍ତମ ପାନୀୟ। ଏପରି କଲେ କେଶ ଲମ୍ବା ହେବା ସହ ଅକାଳରେ ପାଚିନଥାଏ।
- କିଓ୍ୱି ଫଳକୁ ଗ୍ରାଇଣ୍ଡିଂ କରି କେଶରେ ଲଗାଇଲେ କେଶ ଘନ କଳା ହେବା ସହ ଝଡ଼େନାହିଁ।
- ନିୟମିତ ଭାବରେ ପାଳଙ୍ଗ ଶାଗ ଖାଇବା ସହ ଏହାର ରସକୁ କେଶ ଶାମ୍ପୁ କରିବା ପୂର୍ବରୁ ଲଗାନ୍ତୁ।
- କେଶକୁ ପ୍ରଦୂଷଣରୁ ରକ୍ଷା କରିବା ନିମନ୍ତେ ରସୁଣ ରସ ଲଗାଇ ୨୦ ମିନିଟ୍ ରଖନ୍ତୁ। ପରେ ଭଲଭାବରେ ଶାମ୍ପୁ କରି କେଶରେ ଦହି ଲଗାଇବା ଉଚିତ୍।
- ଘିକୁଆଁରୀ ରସ ମଧ୍ୟ କେଶ ଓ ତ୍ୱଚା ପାଇଁ ଭଲଭାବେ କାମ କରେ। ମେହେନ୍ଦି ପ୍ୟାକରେ ଏହି ରସ ବ୍ୟବହାର କରି କେଶରେ ୩୦ମିନିଟ୍ ପାଇଁ ଲଗାନ୍ତୁ। ସପ୍ତାହକୁ ଥରେ ଏହିପରି କଲେ କେଶର ଘନତ୍ୱ ବୃଦ୍ଧି ହୁଏ।
- ସହଜରେ ଉପଲବ୍ଧ ହେଉଥିବା ଧନିଆ ପତ୍ରକୁ ଛେଚି କେଶ ମୂଳରେ ଲଗାଇଲେ କେଶ ଝଡ଼ିବା କମ୍ ହୁଏ।






## ବିଉଟୀ ଟିପ୍ସ

୧ଚାମଚ ବନ୍ଧାକୋବିପତ୍ର ରସ, ୧ଚାମଚ ଗୋଲାପଜଳ, ୧ଚାମଚ କାକୁଡ଼ିରସ ମିଶାଇ ଏକ ପ୍ୟାକ ପ୍ରସ୍ତୁତ କରନ୍ତୁ ଏବଂ ଏହି ପ୍ୟାକକୁ କିଛି ସମୟ ପାଇଁ ଫ୍ରିଜରେ ରଖନ୍ତୁ । ପରେ ପ୍ୟାକଟିକୁ ଥଣ୍ଡା କରି ଦେଇ, ତୁଳା ସାହାଯ୍ୟରେ ମୁଖରେ ଲଗାନ୍ତୁ ଏହି ପ୍ୟାକକୁ ଦିନକୁ ୭/୮ ଥର ବ୍ୟବହାର କରିପାରିବେ । ତେବେ ନିୟମିତ ଏପରି କରିବା ଦ୍ୱାରା ଏହା ତ୍ୱଚାର ରଙ୍ଗ ଫିଟିବା ସହିତ ନମନୀୟ ମଧ ହୋଇଥାଏ ।



# ରହସ୍ୟମୟୀ କୁଣ୍ଡ ଗଭୀରତା ମାପିପାରୁନି ବୈଜ୍ଞାନିକ ଯନ୍ତ୍ର

ମଧ୍ୟପ୍ରଦେଶର ଛତରପୁର ଜିଲାରୁ ୭୦ କି.ମି ଦୂର ବାଜନା ଗ୍ରାମ ସ୍ଥିତ ଏକ କୁଣ୍ଡକୁ ଦେଖିବାକୁ ଦେଶ ବିଦେଶରୁ ଲୋକେ ନିୟମିତ ଆସୁଛନ୍ତି । ଏହି କୁଣ୍ଡଟି ମହାଭାରତ କାଳର ବୋଲି କୁହାଯାଉଛି । କୁଣ୍ଡର ଗଭୀରତା ଏତେ ଅଧିକ ଯେ, ଏହାକୁ ମାପିବା ପାଇଁ ବ୍ୟବହାର ହେଉଥିବା ଯନ୍ତ୍ରାଂଶ ବିଫଳ ହେଉଛି । କୁହାଯାଏ ଯେ, ଯେତେବେଳେ ପାଣ୍ଡବମାନେ ଅଜ୍ଞାତବାସରେ ଥିଲେ ସେତେବେଳେ ପାଣିର ସନ୍ଧାନ ପାଇଁ ସେମାନେ ଏଠାକୁ ଆସିଥିଲେ । ଏଠାରେ ପାଣିର କୌଣସି ସ୍ରୋତ ନମିଳିବାରୁ ସେତେବେଳେ ଭୀମ ନିଜ ଗଦାରେ ଏହି କୁଣ୍ଡ ବନାଇଥିଲେ । ଏହି କୁଣ୍ଡର ଆକାର ମଧ ଠିକ୍ ଗଦା ଭଳି ରହିଛି । ଆଜି ପର୍ଯ୍ୟନ୍ତ ବୈଜ୍ଞାନିକମାନେ ଏହି କୁଣ୍ଡର ଗଭୀରତା ମାପିବାରେ ବିଫଳ ରହିଛନ୍ତି । ବିଦେଶୀ ବୈଜ୍ଞାନିକମାନେ ମଧ ଏହି ଉଦ୍ୟମ କରି ବିଫଳ ହୋଇଛନ୍ତି ।



# ଭାରତର ଇସ୍ରାଏଲ୍ ‘କସୌଲ’



ଗ୍ରୀଷ୍ମରେ ଭାରତର ଅନ୍ୟ ପ୍ରାନ୍ତ ତୁଳନାରେ ଉତ୍ତରାଖର୍ଣ୍ଡର ହିଲ-ଷ୍ଟେସନଗୁଡ଼ିକରେ ଭିଡ଼ ଅଧିକ ଜମିଥାଏ । ତନ୍ମଧ୍ୟରୁ ଅନ୍ୟତମ ସ୍ଥାନ ହେଲା କସୌଲ। ଭାରତର ମିନି ଇସ୍ରାଏଲ ଭାବେ ଜଣାଯାଉଥିବା ଏଇ ପ୍ରନ୍ତରେ ସ୍ୱାଧୀନତା ପୂର୍ବରୁ କେବଳ ଇଂରେଜ ଶାସକଙ୍କ ଭିଡ଼ ଜମୁଥିଲା । ଏବେ ଦେଶବିଦେଶରୁ ସଂଖ୍ୟାଧିକ ପର୍ଯ୍ୟଟକ ଏଠାକୁ ଛୁଟି ଆସୁଛନ୍ତି । ଡିସେମ୍ବର ଶେଷ ସପ୍ତାହରୁ ଫେବୃଆରୀ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଏଇ ଅଞ୍ଚଳରେ ବରଫପାତ ହେଉଥିବାବେଳେ ବର୍ଷର ଅନ୍ୟ ସମୟରେ ତାପମାତ୍ରା ୧୨-୨୧ ଡିଗ୍ରୀ ମଧ୍ୟରେ ରହିଥାଏ । ତେବେ ଗ୍ରୀଷ୍ମଦିନେ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଅଧିକ ଜମିଥାଏ । ପାର୍ବତୀ ନଦୀ ନିକଟସ୍ଥ ଏଇ ଛୋଟ ସହରରେ ଇସ୍ରାଏଲୀ ଖାଦ୍ୟପାନୀୟର ଆଦର ହିଁ ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରେ । ଶାନ୍ତ ବାତାବରଣ ସହ ପ୍ରାକୃତିକ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ କସୌଲରେ ଲୋକେ କ୍ୟାମ୍ପିଂ କରିବାକୁ ମଧ ପସନ୍ଦ କରିଥାନ୍ତି । ଏଇ ସହରର ନିକଟସ୍ଥ ବିମାନବନ୍ଦର ହେଉଛି ଭୂନ୍ତର ବିମାନବନ୍ଦର ଯାହା କସୌଲଠାରୁ ମାତ୍ର ୩୮ କିମି ଦୂରରେ ଅବସ୍ଥିତ । ସଡ଼କପଥ ଓ ରେଳପଥରେ ମଧ ଏଠାକୁ ଯାତାୟାତର ସୁବିଧା ଉପଲବ୍ଧ ।

# ଫିଟେଷ୍ଟ ଫ୍ରେମ୍



**ଅଭିନୟ ସହ ନିଜର ଷ୍ଟାଇଲ୍ ଷ୍ଟେଟମେଣ୍ଟ ଏବଂ ଫିଟ୍‌ନେସ୍ ପାଇଁ ସିନେପ୍ରେମୀଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛନ୍ତି ରଣବୀର ସିଂହ । ଫିଲ୍ମର କାହାଣୀ ହିସାବରେ ନିଜ ଲୁକରେ ଏକ୍ସପେରିମେଣ୍ଟ କରୁଥିବା ରଣବୀରଙ୍କ ପରି ସୁଢ଼ଳ ଶରୀର ପାଇବାକୁ କିଏ କିଏ ବା ନ ଚାହେଁ । ରିକି ବେହଲ ସାଜି ସିକ୍ସ ପ୍ୟାକରେ ଝିଅମାନଙ୍କୁ ବାଇଆ କରୁଥିବା ରଣବୀର ଏବେ ପାଲଟିଛନ୍ତି ସବୁ ଯୁବାଙ୍କ ପାଇଁ ଫିଟ୍‌ନେସ ଆଇକନ୍ ।**

**ଡାଏଟ୍ ସିକ୍ରେଟ୍:-**

ଟୋନ୍ ବଡି ସହିତ ଇମପ୍ରେସିଭ ଫିଜିକ୍ ପାଇବା ପଛରେ ଡାଏଟର ବଡ଼ ଯୋଗଦାନ ରହିଛି । ରଣବୀର ଯେତେ ଭୋକିଲା ଥିଲେ ବି କେବେ ବାହାର ଖାଦ୍ୟ ଖାଆନ୍ତିନି । ଯଦି ଆଉଟଡୋର ଶୁଟିଂରେ ବାହାରକୁ ଯାଇଥାନ୍ତି ତେବେ ଫଳ ଏବଂ ସବୁଜ ପରିବାରରେ କାମ ଚଳେଇ ନିଅନ୍ତି । ସକାଳ ଜଳଖିଆରେ ସିଝା ଅଣ୍ଡା, ଫ୍ରୁଟ୍ ସାଲାଡ୍ ଖାଆନ୍ତି ରଣବୀର । ଫିଟନେଶ୍ ଅତୁଟ ରଖିବା ପାଇଁ କାର୍ବୋହାଇଡେଟ୍ ଯୁକ୍ତ ଦ୍ରବ୍ୟଠାରୁ ନିଜକୁ ଦୂରେଇ ରଖନ୍ତି ରଣବୀର । ପ୍ରତି ଦିନ ମଧ୍ୟାହ୍ନ ଭୋଜନରେ ଚିକେନ୍ ଏବଂ ମାଛକୁ ବି ସାମିଲ କରନ୍ତି । ସେ ପ୍ରତି ତିନିଘଣ୍ଟାରେ କିଛି ନାକିଛି ଖାଇଥାନ୍ତି । ବିଶେଷ କରି ବାଦାମ, ସିଜା ବୁଟ ଖାଇଥାନ୍ତି । ଚିନି ଏବଂ ଆଲକହଲଠାରୁ ଯଥା ସମ୍ଭବ ନିଜକୁ ଦୂରେଇ ରଖନ୍ତି ରଣବୀର ।

**ବ୍ୟାୟାମ:-**

ଉତ୍ତମ ଶରୀର ପାଇଁ ପ୍ରତିଦିନ ବ୍ୟାୟାମ ଜରୁରୀ ବୋଲି ରଣବୀର ବିଶ୍ୱାସ କରନ୍ତି । ସକାଳୁ ଦେଢ଼ ଘଣ୍ଟା ଜିମରେ ବିତାନ୍ତି ରଣବୀର । ବ୍ୟାୟାମକୁ ନେଇ ରଣବୀର ଏତେ ପାଗଳ ଯେ ଅସୁସ୍ଥ ଥିଲେ ବି ଜିମ୍ ଯିବାକୁ ଭୁଲନ୍ତି ନାହିଁ । ସେ କୋର ଷ୍ଟ୍ରେନ୍‌ଥ୍ ଟ୍ରେନିଂ କରିଥାନ୍ତି । ଏଥିରେ ପୁସଅପ୍, ବର୍ପିଜ, ଡେଡଲିଫ୍ଟ ବି ସାମିଲ ରହିଛି । ଏହା ବ୍ୟତୀତ ସେ ୱେଟ୍ ଲିଫଟିଂ, ରନିଂ ଉପରେ ବି ଗୁରୁତ୍ୱ ଦିଅନ୍ତି ।

## ଜ୍ୱର ସଂକ୍ରାନ୍ତ ସତର୍କତା

**ମଣିଷ ଶରୀରର ତାପମାତ୍ରା ଭିନ୍ନଭିନ୍ନ। ଛୋଟ ପିଲାଙ୍କ ଶରୀର ତାପମାତ୍ରା କମଥାଏ। ଯଦି କୌଣସି ଇନଫେକ୍ସନ୍ ହୁଏ ତେବେ ଛୋଟପିଲାଙ୍କ ଶରୀରର ତାପମାତ୍ରା ବୃଦ୍ଧି ପାଏ।**

- ଜ୍ୱର ଶରୀର ପ୍ରତିରୋଧକ ପ୍ରଣାଳୀର ଅଂଶବିଶେଷ। କୌଣସି କୀଟାଣୁ ବା ଭୂତାଣୁ ଶରୀରକୁ ଆକ୍ରମଣ କଲେ ପ୍ରତିରୋଧକ ବ୍ୟବସ୍ଥା ସ୍ୱରୂପ ଜ୍ୱରହୁଏ।
- ଜ୍ୱର ଅନେକ କାରଣରୁ ହୋଇପାରେ। ଯଥା: ବଦହଜମି, କ୍ଲାନ୍ତି, ଅନେକ ସମୟ ଖରାରେ ରହିବା, ଥଣ୍ଡା ସର୍ଦ୍ଦି ଆଦି।
- ଜ୍ୱରରେ ପୀଡ଼ିତ ରୋଗୀଙ୍କର ଜ୍ୱର ବାରମ୍ବାର ମାପିବା ଦରକାର ନାହିଁ। କିଛି ଘଣ୍ଟା ଅନ୍ତରରେ ଜ୍ୱର ମାପନ୍ତୁ। ଜ୍ୱର ହେଲେ ସବୁବେଳେ ବିଛଣାରେ ପଡ଼ି ରହିବା ଭଲ ନୁହେଁ।
- ଜ୍ୱର ଶରୀରକୁ କ୍ଲାନ୍ତ କରେ ନାହିଁ।
- ଯଦି ଶରୀର ତାପମାତ୍ରା ଅଧିକ ହେଉଛି ତେବେ ତାହାର ଦୁଇଟି କାରଣ ରହିଛି। ପ୍ରଥମଟି ହେଉଛି ମସ୍ତିଷ୍କର ହାଇପୋଥେଲସିସ ପ୍ରଭାବିତ ହେଉଛି। ହାଇପୋଥେଲସିସ ଶରୀରର ବିଭିନ୍ନ କାର୍ଯ୍ୟ କରିବା ସହ ତାପମାତ୍ରାକୁ ନିୟନ୍ତ୍ରିତ କରେ। ଦ୍ୱିତୀୟ କାରଣ ହେଉଛି ତାପ ଆଘାତ।

# ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୩୦ ଅକ୍ଟୋବର ୨୦୨୦, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## କରୋନାର ଦ୍ୱିତୀୟ ପୁନରାବୃତ୍ତି...

କରୋନା ମହାମାରୀ ଏବେ ବିଶ୍ୱରୁ ଲୋପ ପାଇନାହିଁ । ବରଂ ୟୁରୋପ ସମେତ ଅନେକ ରାଷ୍ଟ୍ରରେ ଏହା ଦ୍ୱିତୀୟ ଥର ପାଇଁ ତା'ର ପ୍ରକୋପ ଦେଖାଇବା ଆରମ୍ଭ କରିଛି । ଭାରତ ସମେତ ଆଉ କେତେକ ରାଷ୍ଟ୍ରରେ ଏହାର ପ୍ରଭାବ ହ୍ରାସସ ପାଇଥିଲେ ସୁଦ୍ଧା ତାହା ଉପରେ ସଂପୂର୍ଣ୍ଣ ନିୟନ୍ତ୍ରଣ ଆସି ପାରିନାହିଁ । ଏପରି ସ୍ଥଳେ କରୋନା ସମଗ୍ର ବିଶ୍ୱ ଉପରେ ଯେଉଁ ବ୍ୟାପକ ପ୍ରଭାବ ପକାଇଛି ସେଥିରୁ ମୁକୁଳିବା ସକାଶେ ଉଣା ଅଧିକେ ସବୁ ରାଷ୍ଟ୍ର ଏବେ ପ୍ରୟାସରତ । କାରଣ, କରୋନା ମହାମାରୀ ଯୋଗୁ ବିଶ୍ୱର ଆର୍ଥ, ସାମାଜିକ ଅବସ୍ଥା ସଂପୂର୍ଣ୍ଣ ରୂପେ ବ୍ୟାହତ ହୋଇଥିବା ବେଳେ ମାନସିକ ସ୍ତରରେ ଏହା ଲୋକମାନଙ୍କ ମଧରେ ଏକ ଅଜଣା ଆଶଙ୍କା ସୃଷ୍ଟି କରିଛି । ଆର୍ଥିକ ଦୁର୍ଗତିରୁ ଉଦ୍ଧାର ପାଇବା ସକାଶେ ପ୍ରତ୍ୟେକ ରାଷ୍ଟ୍ର ନିଜ ନିଜ ସ୍ତରରେ ପ୍ରୟାସ ଜାରି ରଖିଛନ୍ତି । ବ୍ୟକ୍ତିଗତ ଭାବେ କୌଣସି ରାଷ୍ଟ୍ର ଏଥିରୁ ମୁକୁଳିବା ଏତେଟା ସହଜ ନୁହେଁ । ତେଣୁ ଏଥିପାଇଁ ସମୂହ ପ୍ରୟାସ ଲୋଡ଼ା ବୋଲି ବିବେଚନା କରାଯାଉଛି । ଅତୀତର ଯେକୌଣସି ମହାମାରୀ ତୁଳନାରେ କରୋନାର ପ୍ରଭାବ ସର୍ବାଧିକ ଓ ସୁଦୂରପ୍ରସାରୀ ବୋଲି ଭୂତାଣୁବିଜ୍ଞାନୀମାନେ ଯେଉଁ ଅନୁମାନ କରିଥିଲେ ତାହା ଧୀରେ ଧୀରେ ସତ୍ୟରେ ପରିଣତ ହେବାକୁ ଯାଉଛି । ଏପରିକି ବୈଜ୍ଞାନିକ ଗୋଷ୍ଠୀ ଓ ସମାଜବିଜ୍ଞାନୀମାନେ ଅନୁମାନ କରନ୍ତି ଯେ କରୋନା ପୂର୍ବରୁ ବିଶ୍ୱରେ ଯେଉଁ ସ୍ୱାଭାବିକତା ଥିଲା ତାହା ସବୁଦିନ ପାଇଁ ଆମମାନଙ୍କୁ ହରାଇବାକୁ ପଡ଼ିପାରେ । ଅର୍ଥାତ୍, ଉତ୍ତର କରୋନା ପୃଥିବୀ ଏକ ଭିନ୍ନ ଧରଣର ବିଶ୍ୱ ଭାବେ ଆମ ନିକଟରେ ଉଭା ହେବ । ଯଦି ଏହା ସତ୍ୟ ହୋଇଥାଏ ତେବେ ମାନବ ସମାଜ ପାଇଁ ଯେ ଏକ କଠିନ ସମୟ ଆରମ୍ଭ ହେବାକୁ ଯାଉଛି ସେଥିରେ ଦ୍ୱିରୁକ୍ତି ଥାଇ ନପାରେ । ଏହାର ଦୁଇଟି କାରଣ ରହିଛି । ପ୍ରଥମତଃ, କରୋନା ମହାମାରୀକୁ ନିୟନ୍ତ୍ରଣ କରିବା ସକାଶେ ଆଧୁନିକ ବିଜ୍ଞାନ ଓ ବିଜ୍ଞାନୀମାନେ ଯେତିକି ପ୍ରୟାସ ଚଳାଇଛନ୍ତି ତାହା ପୂର୍ବରୁ କୌଣସି ବେମାରୀ ପାଇଁ କରାଯାଇନଥିଲା । ଏପରିକି କ୍ୟାନସର କିମ୍ବା ଏଡସ୍ ଭଳି ଦୁରାରୋଗ କ୍ଷେତ୍ରରେ ସୁଦ୍ଧା ନୁହେଁ । କିନ୍ତୁ ଏପର୍ଯ୍ୟନ୍ତ ସେଥିରୁ ଇପସିତ ସୁଫଳ ମିଳିପାରିନାହିଁ । ଅପର ପକ୍ଷରେ ଆଶଙ୍କା କରାଯାଉଛି ପ୍ରତିଷେଧକ ଟୀକା ଆବିଷ୍କୃତ ହେବା ପରେ ସୁଦ୍ଧା କରୋନା ସହିତ ହିଁ ମାନବ ସମାଜକୁ ଜୀବନ ବଞ୍ଚିବାକୁ ପଡ଼ିବ । ଅର୍ଥାତ୍, କରୋନା ବିଶ୍ୱରୁ ମୂଳପୋଛ ହେବନାହିଁ । ଏହା ଯଦି ସତ୍ୟରେ ପରିଣତ ହେବାକୁ ଯାଉଥାଏ, ତେବେ ବିଶ୍ୱର ଆର୍ଥିକ, ସାମାଜିକ, ରାଜନୈତିକ, ଏପରିକି ପାରିବାରିକ କ୍ଷେତ୍ରରେ ମଧ ବ୍ୟାପକ ପରିବର୍ତ୍ତନ ଘଟିବା ସୁନିଶ୍ଚିତ । କରୋନା ଏକ ଅଦୃଶ୍ୟ ଆଶଙ୍କା ଓ ବିପଦ ଆମମାନଙ୍କ ଉପରେ ଲଦି ଦେଇଛି । ସେ ଆଶଙ୍କାରୁ ମୁକ୍ତି ନାହିଁ । ଚିନ୍ତା କରିବା କଥା ମାତ୍ର ଆଠ ନଅମାସ ଭିତରେ ବିଶ୍ୱର ସାମଗ୍ରିକ ପ୍ରଗତି କଥା ଦୂରେ ଥାଉ, ସ୍ୱାଭାବିକତା କ୍ଷେତ୍ରରେ ଯେଉଁ ଶିଥିଳତା ଦେଖାଦେଇଛି ତାହାକୁ ଭରଣା କରିବାକୁ କେତେ ସମୟ ଲାଗିବ ତାହା ଭବିଷ୍ୟଦ୍ରଷ୍ଟାମାନେ ଆକଳନ କରିପାରୁନାହାନ୍ତି । କାରଣ ସମସ୍ୟାର ସମାଧାନ ସୂତ୍ର ନବାହାରିବା ପର୍ଯ୍ୟନ୍ତ ସୁସ୍ଥତା କଥା ଚିନ୍ତା କରାଯାଇ ନପାରେ । ୟୁରୋପ ମହାଦେଶରେ କରୋନାର ପୁନଃପ୍ରତ୍ୟାବର୍ତ୍ତନ ଏହି ପ୍ରଶ୍ନକୁ ଆହୁରି ଜଟିଳ କରିଦେଇଛି । ଏହା ଯେ ଭାରତ ସମେତ ଅନ୍ୟାନ୍ୟ ରାଷ୍ଟ୍ର ପାଇଁ ପ୍ରଯୁଜ୍ୟ ନୁହେଁ, ସେକଥା କିଏ କହିବ ? ଆଗକୁ ଶୀତଦିନ ଆସୁଥିବାରୁ ଏହାର ପ୍ରଭାବରେ କରୋନା ଭୂତାଣୁ ସଂକ୍ରମଣ ଆହୁରି ଭୟଙ୍କର ଆକାର ଧାରଣ କରିପାରେ ! ତେଣୁ ଅନେକ ରାଷ୍ଟ୍ର ଏଥିପାଇଁ ସତର୍କ ହେବା ଆରମ୍ଭ କରିଛନ୍ତି । ତେଣୁ ଉତ୍ତର କରୋନା ବିଶ୍ୱ ପାଇଁ ଏକ ସଂପୂର୍ଣ୍ଣ ନୂତନ ସମୟ ଓ ପରିବେଶ ସୃଷ୍ଟି କରିବାକୁ ଯାଉଥିବା ଅନୁମାନ କରାଯାଏ । ତଥାପି ଆଶା କରିବା କଥା ଯେ ଥରେ ପ୍ରତିଷେଧକ ଟୀକା ବାହାରିବା ପରେ ଏହାକୁ ପ୍ରଥମେ ନିୟନ୍ତ୍ରଣ କରାଯାଇ ପାରିଲେ, ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ସହଜସାଧ ହେବ । ଅତୀତରେ ବିଶ୍ୱ ଅନେକ ସଂକଟରୁ ନିଜକୁ ଉଦ୍ଧାର ପାଇଁ ବିଶ୍ୱ ସ୍ତରରେ ଏବେଠାରୁ ହେଉଥିବା ପ୍ରୟାସରେ ଯେ ମାନବ ସମାଜ ସକ୍ଷମ ହୋଇପାରିବ ତାହା ଆଶା କରାଯାଇପାରେ । ଏଥିପାଇଁ ଆବଶ୍ୟକ ସହଯୋଗ ଓ ସହଭାଗୀତା ପାଇଁ ବିଶ୍ୱ ନିଜକୁ ପ୍ରସ୍ତୁତ କରିବା ଉଚିତ । ସେଥିରେ ହିଁ ମାନବସମାଜର ମଙ୍ଗଳ ।

## କବିତା କୋଣାର୍କ

### କୁହୁଡ଼ି...

ଲକ୍ଷ୍ମୀକାନ୍ତ ସାହୁ

ସକାଳର କୁହୁଡ଼ିରେ ଅନେକ ଭିଜିଛି
ଶାରଦୀୟ ଘାସରେ ପାଦ ପକେଇଛି ।

ତା'ର କୋମଳ ସ୍ୱର୍ଶ ଆନନ୍ଦ ଦେଇଛି
ସେହି ବାଟେ ଚାଲିବାକୁ ଇଚ୍ଛା ହେଉଛି ।

କୈଶୋର ର ଶେଷ,
ଯୌବନର ଆରମ୍ଭ
ମନ ସାରା ଉତଫୁଲ୍ଲିତ ସତେ ପୂର୍ଣ୍ଣ କୁମ୍ଭ ।

ମନେ ପଡ଼େ ବିତିଥିବା ପିଲାଦିନର ସ୍ମୃତି
ଚଷାପୁଅ ତ ଘାସରେ ଚାଲୁଥାଏ ନିତି ।

ଦେଖି ଦେଖି ଆଶ୍ଚର୍ଯ୍ୟ ହୋଇଛି
କେବେ କେବେ
ପାଖେ ଥିଲେ ବି ଜଣାପଡ଼େନା
ସେ ଅଛି ଆଗେ ।

ତା'କୁ ପାଇଛି ବୋଲି ମନରେ
ଅନେକ ଖୁସି
ସ୍ୱପ୍ନର ପୂରବି ରାଗରେ ଭିଜିଛି
ସାରା ରାତି ।

ସତ ତ ଏହା ଯେ ମୁଁ ଭାବନା
ରାଜ୍ୟରେ ବୁଡ଼ିଛି
ଯାହା ଆଖି ଦେଖେ ସତ ସତ
ମାନି ନେଉଛି ।

ମୋହ ମାୟା ସଂସାରରେ ବୁଲାଉଛି ବାଡ଼ି
ମୁଁ ତ ସାଜିଛି ଏବେ ଶାରଦୀୟ କୁହୁଡ଼ି ।

+ ଡୁଡୁକାମୁଣ୍ଡା, ବଲାଙ୍ଗିର
ମୋ: ୮୭୫୮୧୨୦୬୦୩

## ଲକ୍ଷ୍ମୀପୂଜା : ଏକ ଅଧ୍ୟୟନ

ବିଦ୍ୟୁତ ଲତା ପଣ୍ଡା



ସଂସ୍କୃତିର ଛାପ ମାନବର ଅସ୍ଥିମଜ୍ଜାଗତ । ଏହାକୁ ତ୍ୟାଗ କରିବା ସମ୍ଭବ ନୁହେଁ । ସଭ୍ୟତାର ପରିବର୍ତ୍ତନ ହେଲେବି ସଂସ୍କୃତିର ସ୍ୱକୀୟ ସଂକତେ ଜାତିର ଭାବସତ୍ତାରେ ଛପି ରହିଯାଏ । ଯୁଗେ ଯୁଗେ ଉତ୍କଳୀୟମାନେ ଧର୍ମବିଶ୍ୱାସୀ । ତାର ପ୍ରତ୍ୟେକଟି କର୍ମ ଭିତରେ ଏହି ଆଧାମୃର ଦର୍ଶନ ଫୁଟିଉଠେ । ସେଥିପାଇଁ ସେ ପାଳନ କରେ ବାରମାସର ତେର ପର୍ବ । ସେହି ପର୍ବ ମଧରୁ ସେ ପାଳନ କରିଥାଏ ଆଶ୍ୱିନ ମାସର ପୂର୍ଣ୍ଣମୀ ତିଥିରେ କୁମାରୋତ୍ସବ ବା କୁମାରପୂର୍ଣ୍ଣମୀ । ଉକ୍ତ ଦିବସରେ ମା'ଲକ୍ଷ୍ମୀଙ୍କର ଆବିର୍ଭାବ ଯୋଗୁଁ ସେ ମା'ଗଜଲକ୍ଷ୍ମୀଙ୍କର ଉପାସନା କରିଥାଏ । ରାତ୍ରି ଉଜାଗର ପୂର୍ବକ ଏହି ଉପାସନା କରାଯାଉଥିବାରୁ ଏହାକୁ କୋଜାଗର ଲକ୍ଷ୍ମୀ ପୂଜା ବୋଲି ମଧ କୁହାଯାଏ । ସୌଭାଗ୍ୟ, ସୌନ୍ଦର୍ଯ୍ୟ, ସଂପଦର ଅଧିକାରିଣୀ ମା ଲକ୍ଷ୍ମୀଙ୍କର ଶାରଦୀୟ ପୂର୍ଣ୍ଣମୀରେ ସେ ଆରାଧନା କରି ସୌଭାଗ୍ୟ, ସଂପଦର ଓ ସୌନ୍ଦର୍ଯ୍ୟର ଆଶୀଷ ମାଗିଥାଏ ।

ବର୍ଷାଋତୁର ଧରାଧାମରୁ ବିଦାୟ ନେଇସାରିଥାଏ । ହେମନ୍ତର ଆଗମନରେ ଧରିତ୍ରୀ ଶସ୍ୟ-ସବୁଜିମାରେ ପରିପୂର୍ଣ୍ଣ ହେବା ସହ କେଉଁଠି କେମିତି ଧାନକ୍ଷେତର ସୁନେଲି ଆଡମ୍ବର । ନିର୍ମଳ ଆକାଶ, ଅନାବିଳ ନଦୀ, ପୁଷ୍କରିଣୀର ଜଳରାଶି । ମା'ଲକ୍ଷ୍ମୀଙ୍କର ଆଗମନକୁ ସ୍ୱାଗତ ନିମନ୍ତେ ପ୍ରସ୍ତୁତ କରିଛି ଧରିତ୍ରୀ । ଧରିତ୍ରୀର ପ୍ରତୀକ୍ଷାର ଅନ୍ତ ଘଟାଇ ମା'ଲକ୍ଷ୍ମୀ ଧରାଧାମକୁ ଅବତରି ଆସନ୍ତି ଗଜାରୁଢ ହୋଇ । ମାତା ଲକ୍ଷ୍ମୀଙ୍କ ନିକଟରେ ଭକ୍ତି ଅର୍ଘ୍ୟ ପ୍ରଦାନ କରି ସନ୍ତୁଷ୍ଟ କରିବାକୁ ଚେଷ୍ଟାକରେ ଓଡିଆ । ତା ଭକ୍ତିରେ ସନ୍ତୁଷ୍ଟ ହୋଇ ମା'ଲକ୍ଷ୍ମୀ ରାତ୍ରି ସମୟରେ ଭକ୍ତଙ୍କ ଘରେ ଉପସ୍ଥିତ ହୋଇ ଅନୁଧ୍ୟାନ କରନ୍ତି କେଉଁ ଭକ୍ତ ଉଜାଗର ପୂର୍ବକ ତାଙ୍କର ଉପାସନା କରୁଛି କିମ୍ବା ପଶାଖେଳରେ ରାତ୍ରି ବିତାଉଛି । ଆଜିର ସମୟରେ ପଶାଖେଳ ବା ଦ୍ୟୁତ କ୍ରିଡାର ରୂପଟି ଅତି ଭୟାବହ ଅନୁଭୂତ ହେଲେ ମଧ ଏହାର ଆକ୍ଷରିକ ଅର୍ଥ ଏହା ହୋଇପାରେ ଯେ, ସଂସାରଟା ଗୋଟିଏ ପଶାପାଲି । ଏଠାରେ କେଉଁ ସାର ବା ଗୋଟି ନିର୍ବିଘ୍ନରେ ପାଚିଯାଏ ତ କେଉଁ ସାର ଅକାଳରେ ଝରିପଡେ । ସାର ପାଚିବାର ସମ୍ଭାବନା ଥିଲେ ମଧ ଶେଷ ମୁହୂର୍ତ୍ତରେ କଞ୍ଚାରେ ମରିଯାଏ । ଉ ।ନ, ପତନ, ଦୌଡ ଓ ପ୍ରତିଯୋଗିତାର ଚିତ୍ରିତ ଏ ସଂସାର ରୂପକ ପଶାପାଲି । ମା'ଲକ୍ଷ୍ମୀଙ୍କର ନିର୍ଦ୍ଦେଶ, ଯେଉଁ ବ୍ୟକ୍ତି ଏ ଉଠାପଡା ଦୁନିଆରେ ନିଜ ପୁରୁଷାକାର ଦ୍ୱାରା ସ୍ଥିର ରହେ ସେହି କେବଳ ଜିତାପଟ ନିଏ । କାରଣ ଲକ୍ଷ୍ମୀଙ୍କର ଅନ୍ୟନାମ ଚଞ୍ଚଳା । ସେ କାହାକୁ ହସାନ୍ତି ତ କାହାକୁ କନ୍ଦାନ୍ତି । କାହା ମୁଣ୍ଡରେ ରାଜମୁକୁଟ ତ କାହାକୁ ଭିକାରୀ । ତେଣୁ ଯିଏ ରୋଗ, ଶୋକ, ଅଭାବ, ଅନଟନ ଅନ୍ଧକାରରେ ଭାଙ୍ଗି ନପଡି ଦୃଢତାର ସହିତ ମୁକାବିଲା କରେ, ରାତ୍ରି ଉଜାଗର ରହି ଅସ୍ଥିର ବା କ୍ଲାନ ହୁଏ ନାହିଁ ସେ ହିଁ କେବଳ ଲକ୍ଷ୍ମୀଙ୍କର କୃପାଶୀଷ ପାଇବାକୁ ଯୋଗ୍ୟ । ଏହି ଦିନ ଲକ୍ଷ୍ମୀଙ୍କୁ ଚୁଡା ଓ ନଡିଆ ଦେଇ ଅର୍ଚ୍ଚନା କରାଯିବାର ପରମ୍ପରା ରହିଛି । କାରଣ ଅନ୍ନ ହିଁ ଲକ୍ଷ୍ମୀ । ଧାନରୁ ପ୍ରସ୍ତୁତ ଚୁଡାରେ ଅନ୍ନ ଅପେକ୍ଷା ଅଧିକ ସ୍ଥାୟିତ୍ୱ ଥାଏ । ସେହିପରି ନାରିକେଳ ମଧ ଭାଗ୍ୟର ପ୍ରତୀକ । ଏହାର ରସାଳ ଶୁଭ୍ର ଅଂଶ ବା ଜଳକୁ ସୌଭାଗ୍ୟ ସହିତ ତୁଳନା କରାଯାଇପାରେ । ଏଣୁ ନିଜର ସୌଭାଗ୍ୟର ଉଦୟ ଏବଂ ସ୍ଥିରତା ପାଇଁ ସମ୍ଭବତଃ ଚୁଡା ଏବଂ ନାରିକେଳ ମିଶ୍ରିତ ନୈବେଦ୍ୟର ପରିକଳ୍ପନା ହୋଇଛି । ନଶ୍ୱରୁଣା ଓ ଚପଳତା ଯୋଗୁଁ ମନୁଷ୍ୟର ଭାଗ୍ୟ ସ୍ଥିର ହେଉ ନଥିବାରୁ ସ୍ଥାୟୀ ନୈବେଦ୍ୟ ଦ୍ୱାରା ସ୍ଥିର ସୌଭାଗ୍ୟର ଅପେକ୍ଷା ରଖେ ସେ ।



ଏହି ଦିନ ମଧ ଚନ୍ଦ୍ର ଓ କାର୍ତ୍ତିକଙ୍କର ଉପାସନା କରାଯାଏ । ନୂଆ ବସ୍ତ୍ର ପରିଧାନ ପୂର୍ବକ କୁମାରୀମାନେ ଏହି ପୂଜାର ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ବିଳୟରେ ପୂଜା କଲେ ବୁଢାବର ମିଳିବାର ଜନଶ୍ରୁତି ଥିବାରୁ କୁମାରୀମାନେ ସନ୍ଧ୍ୟା ସମୟରେ ନବୋଦିତ ଚନ୍ଦ୍ରଙ୍କର ଆରାଧନା କରନ୍ତି । ମାସକ ପୂର୍ବରୁ ଅର୍ଥାତ୍ ଭାଦ୍ରବ ଇନ୍ଦୁ ପୂର୍ଣ୍ଣିମାରୁ ଚାଲି ଆସିଥିବା ଜହ୍ନି ଓଷାର କୁମାରପୂର୍ଣ୍ଣମୀରେ ଉଦଯାପନ ହୁଏ । ଜହ୍ନିଫୁଲର କୋଠି ତିଆରି କରି, କଳସ ସ୍ଥାପନ ପୂର୍ବକ ଚଉରା ମୂଳରେ ପୂଜା କରନ୍ତି । ଏହାପରେ ଆରମ୍ଭ ହୋଇଯାଏ ପୁଚି ଖେଳ । ଗାଁଦାଣ୍ଡରେ ମଧୁମହୋତ୍ସବର ଆସର ଜମେ । ପଲ୍ଲୀବାଳାର ଅଳସପାଦ ଚଳଚଞ୍ଚଳ ହୋଇଯାଏ । ବ୍ରୀଡାବତୀ କ୍ରୀଡାବତୀ, ମୁକ ମୁଖର ପାଲଟିଯାଏ । ଯାହା ପାଟିରୁ ପଦିଏ କଥା ବାହାରେ ନାହିଁ ସେ ପାଦରେ ଅଳତାମାଖି, ନୂପୁରର ରୁଣ୍ଣଝୁଣ୍ଣ ନାଦରେ ଗାଁ ଦାଣ୍ଡକୁ ପ୍ରକମ୍ପିତ କରିପକାଏ । ଅଳସ ଆଖିରେ ତାର କୁମାରୀ ଜୀବନର ଅଦିନିଆ ଫଗୁଣ । ତନୁମନରେ ତା'ର ଉ ।ଳ ଯଉବନର କାଉଁରୀ କାଠିଛୁଆଁ ନୂଆପରଶ । ପଦ ଛନ୍ଦତପଳ । କଣ୍ଠରେ ମନଫୁଲାଣିଆ ପୁଚିଗୀତ ଐକତାନିକ ସ୍ୱରରେ କିଶୋରୀମାନଙ୍କ ତୁଣ୍ଡ ଉଛୁଳା ମଧୁଶ୍ରାବୀ ଝଙ୍କାରରେ ଗାଁ ଦାଣ୍ଡ ଉଛୁଳି ପଡେ । ତାଙ୍କରି ମଧୁବର୍ଷୀ କଣ୍ଠରୁ ଝରିପଡେ---

"ଠିଆ ପୁଚି ନାରଙ୍ଗ,
ଗୋଡ ଦିଟା ସାରଙ୍ଗ
ସାରଙ୍ଗ ବାଡିକୁ ଯାଇଥିଲି,
ନାରଙ୍ଗ ପୁଞ୍ଜିଏ ଆଣିଥିଲି
........।

ପୁଚି ଖେଳ ଛଳରେ ସେ ତା'ର ସୁଠାମ ଅଙ୍ଗଦେଶକୁ ଭାବୀ ଅନଙ୍ଗ କ୍ରୀଡା ଉପଯୋଗୀ ସୁସ୍ଥ ସବଳ କରିବା ସଙ୍ଗେ ସଙ୍ଗେ ଭାବୀ ଜନ୍ମଦାତ୍ରୀର ଆସନ ଦଖଲ କରିବା ସୂଚନା ଦିଏ । ଆଜି ଏହି ପୁଚିଖେଳ ଗତାୟୁ ହୋଇପଡିଛି । ସାଧାରଣତଃ କୁମାରୀ ଅର୍ଥାତ୍ ଷୋହଳବର୍ଷ ପୂର୍ବରୁ କିଶୋରୀମାନଙ୍କୁ ଏହି ଖେଳ ସାଜେ । ଏହି ଖେଳ ଏବଂ ଏହାର ପ୍ରସ୍ତୁତି ଦ୍ୱାରା ସେମାନଙ୍କର ଉତ୍ତମ ବ୍ୟାୟାମ ହୋଇଯାଉଥିଲା ଯଦ୍ୱାରାକି ନାନା ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାରୁ ସେମନେ ନିଜକୁ ମୁକୁଳାଇ ପାରୁଥିଲେ ।

ସନ୍ଧ୍ୟା ସମୟରେ ନବୋଦିତ ଚନ୍ଦ୍ରଙ୍କର ଉପାସନା କରିବା ପୂର୍ବରୁ ଭୋର ସକାଳ ଯେତେବେଳେ କି ଆକାଶରେ କଅଁଳ ସୂର୍ଯ୍ୟଙ୍କର ଅରୁଣ ଦୀପ୍ତି ଓ ମଳାଜହ୍ନର ନିଷ୍ପ୍ରଭ ଜ୍ୟୋତି ଉଭୟର ସମାବେଶ ଘଟିଥାଏ ସେତିକିବେଳେ ଲିଆ, ନଡିଆ ଓ ବିଭିନ୍ନ ଫଳମୂଳର ଅଞ୍ଜଳି ଟେକି ଚନ୍ଦ୍ର ଓ ସୂର୍ଯ୍ୟଙ୍କର ଅର୍ଘ୍ୟ ପ୍ରଦାନ କରନ୍ତି । ଠିକ ସେହିପରି ସନ୍ଧ୍ୟା ସମୟରେ ଗୋଧୂଳିର ଲାଲିମା ଲିଭିନଥାଏ କି ଚନ୍ଦ୍ର ନିଜର କାନ୍ତି ପ୍ରକାଶ କରିନଥାନ୍ତି । ଏହି ଭଳି ଏକ ମଧୁର ଲଗ୍ନରେ ଚନ୍ଦ୍ର, ସୂର୍ଯ୍ୟ, ଲକ୍ଷ୍ମୀ, କର୍ତ୍ତିକଙ୍କର ଆରାଧନା କରି ସୁଖ, ଯଶ, ସୌଭାଗ୍ୟ, ଧନ , ଶକ୍ତି, ସାମର୍ଥ୍ୟ ଓ ପୌରୁଷ କାମନା କରିଥାନ୍ତି ।

॥ ଜୟ ଜଗନ୍ନାଥ ॥

+ କପ୍ତିପଦା,ମୟୂରଭଞ୍ଜ
ମୋ.୯୯୩୮୧୨୨୮୨୬

## ବିପଦ ବେଳେ ଧୈର୍ଯ୍ୟ ହିଁ ଲୋଡା

ପ୍ରଦୀପ୍ତ ଆଚାର୍ଯ୍ୟ



କରୋନା ମହାମାରୀ ମଧ୍ୟ ଦିନେ ନା ଦିନେ ଚାଲିଯିବ। ଆଜି କାହାରି ମନରେ ସରସତା ନାହିଁ। ମାଆ ଜଗତଜନନୀ ଦେବୀ ଦୁର୍ଗାଙ୍କର ଧରାବତରଣରେ, ଉତ୍ସବର ମାହୋଲ ଶିଥିଳ, ନିସ୍ତବ୍ଧ ଚର୍ତୁଦିଗ।ଅନେକ ଲୋକଙ୍କର କେହି ନା କେହି ପ୍ରିୟଜନ କରୋନା ମହାମାରୀ ର ଲେଲିହାନ ଶିଖାରେ ପୀଡିତ କିମ୍ବା ବିଲୁପ୍ତ।ସମଗ୍ର ପୃଥିବୀର ମାନବ ସମାଜ ଆଜି ଭୀତତ୍ରସ୍ତ,ଏକ ଅଜଣା ଆତଙ୍କରେ ଆତଙ୍କିତ।ପୃଥିବୀରେ କୌଣସି ଜିନିଷ ସ୍ଥାୟୀ ନୁହେଁ। କ୍ଷଣଭଙ୍ଗୁର ଏ ଦୁନିଆ।ଏହି ଅବସ୍ଥା ଆର ବର୍ଷକୁ ନଥିବ, ଆମେ ପୁଣି ଧୁମ୍‌ଧାମ୍‌ରେ, ମହାସମାରୋହରେ ପାଳନ କରିବା ମାଆଙ୍କର ପୂଜା। ପ୍ରସିଦ୍ଧ ଇଂରାଜୀ କବି,(ଥିଓଡୋର ଟିଲଟନ୍)ତାଙ୍କର ଗୋଟିଏ କବିତା (ଇଭିନ୍ ଦିସ୍ ସାଲ୍ ପାସ୍ ଆଉଏ)ରେ ଲେଖିଥିଲେ,ଏକଦା ପର୍ସିଆରେ ଜଣେ ରାଜା ଥିଲେ,ଯିଏକି ତାଙ୍କ ମୁଦିରେ ଗୋଟିଏ ଲେଖା ଖୋଦିତ କରାଇଥିଲେ(ଇଭିନ୍ ଦିସ୍ ସାଲ୍ ପାସ୍ ଆଉଏ)ଯାହାକୁ ସେ ଆଖି ଆଗରେ ଦେଖିଲେ, ସମସ୍ତ ଦୁଶ୍ଚିନ୍ତା, ଉତେଜନା, ଆନନ୍ଦ ଏବଂ କଷ୍ଟରୁ ତତ୍‌କ୍ଷଣାତ ସାଧାରଣ ମାନସିକ ଅବସ୍ଥାକୁ ଫେରି ଆସୁଥିଲେ। ମରୁଭୁମି ମଧ୍ୟ ଦେଇ ଓଟ ପଲ ଏବଂ ସମୁଦ୍ର ମଧ୍ୟ ଦେଇ ଜାହାଜ ଭେଳା ତାଙ୍କ ରାଜ୍ୟକୁ ଅପର୍ଯ୍ୟାପ୍ତ ମଣି ମୁକ୍ତା ଧନରତ୍ନ ବୋହି ଆଣୁଥିଲେ। ମୁଦ୍ରିକାରେ ଖୋଦିତ ଲେଖାକୁ ଦୃଷ୍ଟିପାତ କରିବା ପରେ,ସେ ଭାବୁଥିଲେ ଧନ କଣ ? ଆଜି ଆସିଛି କାଲି ଚାଲିଯିବ।ଇଭିନ୍ ଦିସ୍ ସାଲ୍ ପାସ୍ ଆଉଏ।ରାଜ ଦରବାରରେ ଯୁବତୀ ନର୍ତକୀ ମାନଙ୍କର ନୃତ୍ୟ, ସଭାସଦ୍ ମାନଙ୍କର ଘନଘନ କରତାଳି ଏବଂ ସୁରାପାନର ଆବେଗମୟ ମୁହୂର୍ତ ସମୟରେ, ମୁଦ୍ରିକା ଦର୍ଶନ ମାତ୍ରେ ଚିତ୍କାର କରି ଉଠିଛନ୍ତି, ବନ୍ଧୁଗଣ, ଏ ଆନନ୍ଦ ଚିରସ୍ଥାୟୀ ନୁହେଁ, ଇଭିନ୍ ଦିସ୍ ସାଲ୍ ପାସ୍ ଆଉଏ।ସୁନ୍ଦରୀ ପତ୍ନୀଙ୍କ ନିବିଡ ଆଲିଙ୍ଗନ,ରାତ୍ରୀର ଅନ୍ଧକାର ମଧ୍ୟରେ, କୋମଳ ଜୀବନ୍ତ ମାଂସ ସ୍ୱର୍ଶର ଚରମ ଉତେଜନା ମଧ୍ୟ ଚିରସ୍ଥାୟୀ ନୁହେଁ, ଇଭିନ୍ ଦିସ୍ ସାଲ୍ ପାସ୍ ଆଉଏ।ଯୁଦ୍ଧରେ ବର୍ଚ୍ଛାବିଦ୍ଧ ହୋଇ ଯନ୍ତ୍ରଣାରେ ଚିତ୍କାର କରିବା ସମୟରେ, କହି ଉଠିଛନ୍ତି,ଯନ୍ତ୍ରଣା ସହ୍ୟ କରିବା କଷ୍ଟକର, କିନ୍ତୁ ଧୈର୍ଯ୍ୟର ସହିତ ଅପେକ୍ଷା କଲେ, ଏହା ମଧ୍ୟ ଧୀରେଧୀରେ ଉପଶମ ହୋଇଯିବ।ସର୍ବସାଧାରଣ ଛକରେ, ତାଙ୍କର କୀର୍ତି ଖୋଦିତ କୋଡିଏ କ୍ୟୁବିଟସ୍ ଉଚ୍ଚା ପ୍ରତିମୂର୍ତୀ ଛଦ୍ମ ବେଶରେ ଦର୍ଶନ କରିବା ସମୟରେ,ଭାବିଛନ୍ତି ଯଶଖ୍ୟାତି ମଧ୍ୟ କ୍ଷଣସ୍ଥାୟୀ,ଏହା ମଧ୍ୟ ଧୀରେଧୀରେ ଲୋପ ପାଇଯିବ।ଇଭିନ୍ ଦିସ୍ ସାଲ୍ ପାସ୍ ଆଉଏ। ଜୀର୍ଣଶୀର୍ଣ ଅବସ୍ଥାରେ ପକ୍ଷାଘାତ ରୋଗାକ୍ରାନ୍ତ ହୋଇ ,ମୃତ୍ୟୁକୁ ଅପେକ୍ଷା କରି ଶଯ୍ୟାଶାୟୀ ଥିବା ସମୟରେ ଚେନାଏ ସୂର୍ଯ୍ୟକିରଣ ମୁଦି ଉପରେ ପଡିବା ପରେ ,ମନକୁ ସାନ୍ତ୍ୱନା ମିଳି ଯାଇଛି,ମୃତ୍ୟୁ ମଧ୍ୟ ଆସିବ ଏବଂ ପଳାଇଯିବ।ଏହି କବିତାଟିର କଥାବସ୍ତୁ ଅବତାରଣା କରିବାର ଉଦ୍ଦେଶ୍ୟ ହେଉଛି,କରୋନା ଆସିଛି,କିଛିଦିନ ରହିବ ଏବଂ ଇଭିନ୍ ଦିସ୍ ସାଲ୍ ପାସ୍ ଆଉଏ। ବର୍ତମାନ ଏ ଦୁର୍ଦ୍ଦିନ ଏବଂ ଭୟଙ୍କର ପରିସ୍ଥିତି ଅଣାୟତ,ବିଶ୍ୱବାସୀ ଆଜି ଅସହାୟ। ମନୁଷ୍ୟର ଗର୍ବ ଦମ୍ଭ ସବୁ ଭାଙ୍ଗି ଚୁରମାର ହୋଇଯାଇଛି।ଆତଙ୍କିତ ବିଶ୍ୱବାସୀ ଆଜି ବିଶ୍ୱନିୟନ୍ତାଙ୍କ ନିକଟରେ ଆତ୍ମ ସମର୍ପଣ କରି ,ଆକୁଳ ପ୍ରାର୍ଥନାରତ।ଏ ଘୋର ବିପଦ ସମୟରେ କେବଳ ଧୈର୍ଯ୍ୟହିଁ ଆବଶ୍ୟକ।

ପୃଥିବୀ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାରର ବନ୍ୟା,ବାତ୍ୟା, ମହାବାତ୍ୟା, ଦୁର୍ଭିକ୍ଷ, ପ୍ଲେଗ୍ ସ୍ୱାଇନଫ୍ଲୁ ପରି ମହାମାରୀ, ଭୂମିକମ୍ପ, ଭୟଙ୍କର ବିଶ୍ୱ ଯୁଦ୍ଧ ପରି ବିପତିର ସମ୍ମୁଖୀନ ହୋଇଛି। ଲକ୍ଷଲକ୍ଷ ଲୋକ ମୃତାହତ ହୋଇଛନ୍ତି। ଦୈବୀଦୁର୍ବିପାକ ଏବଂ ମନୁଷ୍ୟ କୃତ ଆତଙ୍କବାଦ, ସବୁକିଛି ଛଡାଇ ନେଇଯାଇଛି ମନୁଷ୍ୟଠାରୁ।କିନ୍ତୁ ଛଡାଇ ନେଇ ପାରିନାହିଁ,ଦୁଇଗୋଟି ଜିନିଷ, ଯାହାକୁ ପାଥେୟ କରି,ପରାଜୟ ପରେ ମଧ୍ୟ ମନୁଷ୍ୟ ପୁଣି ଜୀବନ ସଂଗ୍ରାମର ରଣାଙ୍ଗନରେ ଅବତୀର୍ଣ ହେଉଛି।ତାହା ହେଉଛି ଆଶା ଏବଂ ଧୈର୍ଯ୍ୟ।

ଆଜି କରୋନା ମହାମାରୀ ପରି ବିପଦ ସମୟରେ, ବଂଚିବାର ଆଶାକୁ ଦୃଢୀଭୁତ କରି, ଧୈର୍ଯ୍ୟର ସହିତ ଏ ବିପଦ କୁ ମୁକାବିଲା କରିବାକୁ ପଡିବ।ସରକାରୀ ନିର୍ଦ୍ଦେଶନାମାନୁଯାୟୀ ସମାଜିକ ଦୁରତ୍ୱ,ମାସ୍କ ପରିଧାନ,ହସ୍ତ ପ୍ରକ୍ଷାଳନ ଏବଂ ଶରୀରର ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ନିମନ୍ତେ ସମସ୍ତ ପଦକ୍ଷେପକୁ ନିଷ୍ଠାର ସହିତ ପାଳନ କରିବା ଆବଶ୍ୟକ। ଏ ଅବସ୍ଥା ସବୁଦିନ ରହିବ ନାହିଁ।ଦୀର୍ଘଦିନର ଗୃହବନ୍ଦୀ ଜୀବନ ଆମ ପକ୍ଷରେ ଅତିଷ୍ଠ ହେଉଥିଲେ ମଧ୍ୟ, ଜୀବନ ରକ୍ଷା ଆଗରେ ଏହା ଗୌଣ।କାରଣ ସେଦିନ ସେହି ବୃଦ୍ଧ ଗଧଟି, ନିଜର ଭାରସାମ୍ୟ ହରାଇ ଭଙ୍ଗା କୂଅରେ ପଡିଯିବା ପରେ,ନିଜର ଜୀବନ ରକ୍ଷାପାଇଁ ଶେଷ ପର୍ଯ୍ୟନ୍ତ ଜାରି ରଖିଥିବା ପ୍ରଚେଷ୍ଟା ହିଁ ଆମ ପାଇଁ ଦୃଷ୍ଟାନ୍ତ।ମାଲିକ,ବୃଦ୍ଧ ଗଧଟି ତା ପାଇଁ ଆଉକିଛି କାର୍ଯ୍ୟ କରିପାରିବ ନାହିଁ ଉପଲଦ୍ଧି କରି,ସାଙ୍ଗସାଥି ମାନଙ୍କୁ ଡାକି କୂଅଟିକୁ ପୋତିବା କାର୍ଯ୍ୟ ଆରମ୍ଭ କରିଦେଲା। ବୃଦ୍ଧ ଗଧଟି ପରିସ୍ଥିତିକୁ ଅନୁମାନ କରି, ବିକଳ ସ୍ୱରରେ ଚିତ୍କାର କରିବାକୁ ଆରମ୍ଭ କରିଦେଲା,କିନ୍ତୁ ତାହା ଥିଲା ନିଷ୍ଫଳ। ଟୋକେଇ ପରେ ଟୋକେଇ ମାଟି କୂଅ ଭିତରକୁ ପକାଗଲା।ଜୀବନରେ ବଂଚିବାର ମୋହ, ଗଧଟିକୁ ସକ୍ରିୟ କରାଇଦେଲା।ତା ଉପରେ ପକାଯାଉଥିବା ପ୍ରତ୍ୟେକ ମାଟି ଟୋକେଇକୁ ସେ ଝାଡିଝୁଡି ଦେଇ,ତା ଉପରକୁ ଉଠି ଯାଉଥିଲା।କ୍ରମେ କ୍ରମେ ମାଟି ଯେତେ ଅଧିକ ପକାଗଲା,ସେ ସେତିକି ଉପରକୁ ଉଠି,ସର୍ବ ଶେଷରେ ଜୀବନ ବଂଚାଇବାକୁ ସକ୍ଷମ ହୋଇପାରିଲା।ତେଣୁ,ପୃଥିବୀ ପୃଷ୍ଠରେ ବଂଚିବାକୁ ହେଲେ ଆବଶ୍ୟକ ସଂଗ୍ରାମ। କରୋନା ହାରିବ,ଓଡିଶା ଜିତିବ,ଭାରତ ଜିତିବ ଏବଂ ପୃଥିବୀ ଜିତିବ।ତଥ୍ୟାନୁଯାୟୀ କରୋନା ସଂକ୍ରମିତଙ୍କ ମଧ୍ୟରୁ ଅଧିକାଂଶ, ଅତ୍ୟଧିକ ଭୟଜନୀତ ହୃଦଘାତରୁ ମୃତ୍ୟୁ ମୁଖରେ ପଡୁଛନ୍ତି।ବେଳେବେଳେ ଗଣମାଧ୍ୟମ ଗୁଡିକର ଅତିରଂଜିତ ପ୍ରଚାର, ଏ ଭୟ ସୃଷ୍ଟିର କାରଣ ହୋଇଥାଏ। ତେଣୁ ସାଂପ୍ରତିକ ପରିସ୍ଥିତିରେ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ରାଜନୈତିକ ବ୍ୟକ୍ତି ସର୍ବୋପରି ଗଣମାଧ୍ୟମ ଗୁଡିକ, ଲୋକମାନଙ୍କ ମନରୁ ଅହେତୁକ ଭୟ ଦୂରକରି, ସାହସ ସଂଚୟ ପାଇଁ ପ୍ରେରଣା ଦେବା ନିହାତି ଆବଶ୍ୟକ। ଏ ପରିସ୍ଥିତି ସବୁଦିନ ରହିବ ନାହିଁ,ଏହା ମଧ୍ୟ ଚାଲିଯିବ।ଇଭିନ୍ ଦିସ୍ ସାଲ୍ ପାସ୍ ଆଉଏ।

+ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଈଶାଣୀବ୍ରହ୍ମପୁର,କଟକ।
ମୋ-୬୩୭୧୫୯୩୨୨୦

## କବିତା କୋଣାର୍କ

### ବିଦ୍ରୋହ...

ଲୋକେଶ୍ୱର ପାଣ୍ଡେ

ମା ସଜେଇଦେ ମତେ
ଏବେ ଉଡାଣ ଭରିବି
ଆକାଶର ଛାତିରେ
ବିଦ୍ରୋହ ର ଗୀତ ଗାଇ କହିବି-
ଆମେ ଏହା ନିଷ୍ପେସିତ ଶୋଷିତ,

ଏ ମାଟି, ପାଟି-ପବନ
ପାହାଡ଼-ପର୍ବତ
ଗଛ-ବୃଛ
ସବୁ ଆମର ।

ଏ ଯୋଉ ପଥର, ପଥର ନୁହେଁ
ସାକ୍ଷାତ ଈଶ୍ୱର
ଏ ମାଟି ଖାଲି ମାଟି ନୁହଁ
ମାଆଟି ମୋର ।

ଫେରେଇ ଦିଅ ଚାର, କେନ୍ଦୁ, ପଣସ
ଶାଳ-ପିଆଶାଳ ତାଳ, ମହୁଲ
ମିଠା ମିଠା ଜହ୍ନ ରାତି ଆଉ
ନିଷ୍ପାପ ସକାଳ ।

ଫେରେଇ ଦିଅ ସାତ ପୁରୁଷର ବସା
ପ୍ରିୟତମ ମଶାଣିଆଉ ଧରସା
ଉଦାର ଆକାଶ ବଞ୍ଚିବାର ଆଶା ।

ଫେରେଇ ନିଅ ଠାଣି ମାନୀର ଝଲକ
ଘୃଣା ପ୍ରତାରଣାର ସିନ୍ଦୁକ
ଆଉ ମିଠା ଜହରର ବିଳାସ ।

ମାଁ ! ପିନ୍ଧେଇ ଦେ ବିଜୟର ଟୀକା
ଏବେ ଉଡାଣ ଭରିବି
ଆକାଶର ଛାତିରେ

ଗାଇ- ବିଦ୍ରୋହର ଗୀତି
କହିବି- ଏ ଯୋଉ ପଥର, ପଥର ନୁହଁ
ସାକ୍ଷାତ ଈଶ୍ୱର
ଏ ମାଟି, ଖାଲି ମାଟି ନୁହଁ
ମାଁ' ଟି ମୋର, ମାଁ'ଟି ମୋର ।

+ ମେଣ୍ଢାପାଲି, ଦଶପୁର,
ବଲାଙ୍ଗିର
ମୋ: ୯୪୩୮୩୧୦୯୫୨

### ବର୍ତ୍ତମାନର ଅତୀତ...

ସୁଧାକର ରାଉତ

ଅବଶୋଷଭରା ଜୀବନଟା ସାରା
ଆଶାର ସୁରୁଯ ଡୁବେ
ସମୟର ଢେଉ ଫେରେ ନାହିଁ ଆଉ
ନିଃସଙ୍ଗ ହୋଇ ମୁଁ ଭାବେ ।

ଅତୀବ ଅନ୍ଧାର ଗାଥା ଅତୀତର
ମନେ ପଡ଼ି ଆସେ ଭୟ
କାଳେ ସେ କାମନା ଭୂତ
ବାଟବଣା
କରିବ ମୋତେ ଅଥୟ ।

ବର୍ତ୍ତମାନ ବେଳା ଭୂମି ପରେ ବସି
ଦେଖେ ଭବିଷ୍ୟତ ତରୀ
ଡୁବି ଡୁବି ଯାଏ ହୋଇ ତୃଣ ଟିଏ
ଦେଖି ଯନ୍ତ୍ରଣା ଲହରୀ ।

ତଥାପି ଜୀବନ ହୋଇ ଅବସନ୍ନ
ବଞ୍ଚିବାର ଧରି ରାହା
କା'ର ପଦଚିହ୍ନ ଧରି ଧାବମାନ
ମାୟା ମୋହେ କରି ସାହା ।

ନାହିଁ ପ୍ରତିଶ୍ରୁତି କି ସହାନୁଭୂତି
ଯାହାକୁ କରି ପାଥେୟ
ଜୀବନ ମରୁରେ ଚାଲି ନୀରବରେ
ଲୋଡ଼ିବି କାର ଆଶ୍ରୟ ।

ଆସେ ବିଭାବରୀ ତା'
ବାହୁ ପ୍ରସାରୀ
ଅଙ୍କେ ତା କରି ଶୟନ
ପାପ ଆଉ ପୁଣ୍ୟ ଗଣିତ ଅପୂର୍ଣ୍ଣ
ରଖି ହଜିବ ଜୀବନ ।

+ ପ୍ରତାପ ନଗରୀ, କଟକ
ମୋ: ୮୨୪୯୯୩୨୭୯୨

# ଜାତୀୟ କୃଷି ବିଲ୍-୨୦୨୦


ଡାକ୍ତର ସୁରେନ୍ଦ୍ର ନାଥ ଦାଶ




ନିକଟ ଅତୀତରେ ଦେଶର ରାଜ୍ୟ ସଭାରେ କେନ୍ଦ୍ର କୃଷିମନ୍ତ୍ରି ନରେନ୍ଦ୍ର ସିଂ ତୋମାର ଆଗତ କରିଥିବା ତିନୋଟି ଜାତୀୟ କୃଷି ବିଲ ଗତ ଗୁରୁବାର ଦିନ ରାଜ୍ୟ ସଭାରେ ବାଚନିକ ଭୋଟରେ ଗୃହିତ ହେଲା ପରେ ସ୍ୱୀକୃତି ଲାଭ ପାଇଁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଙ୍କ ପାଖକୁ ପଠାଇ ଦିଆଯାଇଛି । ତାଙ୍କ ଦସ୍ତଖତ ପରେ ତାହା ଆଇନରେ ପରିଣତ ହୋଇ ସାରା ଦେଶରେ କାର୍ଯ୍ୟକାରି ହେବ । ଏହି ନୂତନ ଆଇନକୁ ଦେଶର ବିଭିନ୍ନ ଦଳ ଓ ସଂଗଠନ ବିରୋଧ କରୁଛନ୍ତି । ରଜ୍ୟ ସଭାରେ ବିରୋଧିଦଳ ମାନେ ହଙ୍ଗାମା କରି ବିଲକୁ ଏକ ସ୍ୱତନ୍ତ୍ର ରିଭ୍ୟୁ କମିଟି କୁ ପଠାଇବା ପାଇଁ ଦାବି କରିଛନ୍ତ । ବିଲ ଗୃହିତ ହେଲା ପରେ ବିଜେପି ର ସହେଯାଗୀ ପଞ୍ଜାବର ସିରୋମଣି ଅକାଳୀ ଦଳର ସଭ୍ୟା ହରସିମତ କାଉର କେନ୍ଦ୍ର ମନ୍ତ୍ରୀ ମଣ୍ଡଳ ରୁ ଇସ୍ତଫା ଦେଇଛନ୍ତି । ସାରା ପଞ୍ଜାବ ଓ ହରିଆନାରେ କୃଷକ ମାନେ ବିକ୍ଷୋଭ ଓ ରାସ୍ତା ରୋକ କରିଛନ୍ତି । କଂଗ୍ରେସ ଦଳ ଏହାକୁ ଏକ କଳା ଆଇନ ଓ କୃଷକ ମାନଙ୍କୁ ମିଲମାଲିକ ଓ ଶିଳ୍ପପତିଙ୍କ ହାତରେ ଟେକି ଦିଆଗଲା ବୋଲି ଅଭିଯୋଗ କରିଛି । କୃଷି ରାଜ୍ୟ ତାଲିକା ଅନ୍ତର୍ଭୁକ୍ତ । ଏ ଆଇନ କେନ୍ଦ୍ର ସରକାରଙ୍କ ରାଜ୍ୟର କ୍ଷମତାରେ ଅନୁପ୍ରବେଶ କରିଛି ବୋଲି ବିରୋଧି ମାନେ ଅଭିଯୋଗ କରିଛନ୍ତି । ବିଜେପି ଏହାକୁ ଏକ ନୂଆ ଯୁଗର ପ୍ରବର୍ତ୍ତନ ବୋଲି ଦାବି କରିଛି । କଂଗ୍ରେସ ଦଳମଣ୍ଡି ମାଧ୍ୟମରେ ଦୁର୍ନିତି ଦ୍ୱାରା ଅଜସ୍ର ଅର୍ଥ ହରିଲୁଟ କରୁଥିଲା ବୋଲି ବିଜେପି ଅଭିଯୋଗ କରିଛି ।

ଫାର୍ମ ବିଲ କଅଣ: ପ୍ରତି ଦଶ ବର୍ଷରେ କେନ୍ଦ୍ର ସରକାର ଏକ ନୁତନ କୃଷି ନିତୀର ପ୍ରଚଳନ ପାଇଁ ଆଇନର ସଂସ୍କାର କରନ୍ତି । ମାଗଣା ବା ଟଙ୍କା କିଆ ଚାଉଳ ବଂଟନ,ଅତ୍ୟାବଶ୍ୟକିୟ ଦ୍ରବ ଆଇନ. ସର୍ବନିମ୍ନ ଶସ୍ୟ ମୁଲ୍ୟ ନିର୍ଦ୍ଧାରଣ, ସହାୟକ ରାଶି ବା ଇନପୁଟ ସବସିଡ ପ୍ରଦାନ, ଶସ୍ୟ ବୀମା, ଖାଦ୍ୟ ନିରାପତା ବ୍ୟବସ୍ଥା ଭଳି ଆଇନ ୨୦୦୯ ଓ୨୦୧୪ ମସିହା କୃଷି ଆଇନରେ କରା ଯାଇଛି । ସାରା ଦେଶରେ ମଣ୍ଡି ବ୍ୟବସ୍ଥା କରା ଯାଇଛି ଓ ସରକାରୀ ନିୟନ୍ତ୍ରଣରେ ମଣ୍ଡିରେ କିଣାବିକା ହେଉଛି ବର୍ତ୍ତମାନ ତିନୋଟି କୃଷି ସଂସ୍କାର ବିଲ ଅଣା ଯାଇଛି । ସେଗୁଡିକ ହେଲା:୧.Farmers Produce Trade and Commerce Bill-2020. 2.Farmers Empowerment and Protection, Agreement on price assurance Bill-2020. 3.The essential Commodity Ammendment Bill-2020.

ବର୍ତ୍ତମାନ ଆସିଥିବା କୃଷିବିଲରେ ତିନୋଟି ଧାରାରୁ ପ୍ରଥମ ବିଲ(ମାର୍କେଟିଙ୍ଗ ବିଲ) ଟି କୃଷକ ମାନଙ୍କର ବିପଣି ସଂମ୍ବନ୍ଧରେ । ବର୍ତମାନ ମଣ୍ଡି ମାନଙ୍କ ମାଧ୍ୟମରେ ସରକାରୀ ଏ ପି.ଏମସ.(ଇଚଗଉ) ମାଧ୍ୟମରେ କିଣାବିକା ହେଉଛି । ଏକ ସର୍ବନିମ୍ନ ସହାୟକ ମୁଲ୍ୟ ନିର୍ଦ୍ଧାରିତ ହୋଇଛି । ଇଲେକ୍ଟ୍ରୋନିକ ମଣ୍ଡି ବ୍ୟବସ୍ଥା ହୋଇଛି । ନୁତନ ବ୍ୟବସ୍ଥାରେ କୃଷକ ତାର କୃଷି ଜାତ ଦ୍ରବ୍ୟ କୁ ଯେକୌଣସି ସ୍ଥାନରେ ତାର ମନମୁତାବକ ସଂସ୍ଥା ବା ବ୍ୟକ୍ତି କୁ ବିକିବାର ସ୍ୱାଧୀନତା ପାଇଲା । ମଣ୍ଡି କୁ ନେବା ବାଧ୍ୟତା ମୁଳକ ନୁହେଁ । ସେ ଚାହିଁଲେ ମଣ୍ଡି କୁ ନଜାଇ ନିଜ ଗେଟ ପାଖରେ ବିକି ପାରିବାର ଅଧିକାର ପାଇଛି । ସରକାରଙ୍କ କହିବା କଥା ମଣ୍ଡିରେ ଦଲାଲ,ଏଜେଂଟ ମାନେ ଚାଷି ଙ୍କୁ ଶୋଷଣ କରୁଥିଲେ । ରାଜ୍ୟ ସରକାର ତାଠାରୁ ଟିକସ ନେଉଥିଲେ । ପରିବହନ ଖର୍ଚ୍ଚ, ଦିନଦିନ ଧରି ମଣ୍ଡିରେ ପଡି ରହିବା,ବିକ୍ରୟ ଅର୍ଥକୁ ପାଇବାରେ ଅହେତୁକ ବିଳମ୍ବ ହଉଥିଲା । ଦଲାଲ ମାନେ ନିଜ ଫିସ ନେଉଥିଲେ । ବିଭିନ୍ନ ସରକାରୀ ସଂସ୍ଥା ମଧ୍ୟରେ ସମନ୍ୱୟ ରହୁନଥିଲା । ବାରମ୍ବାର ଧାଇଁ ବାକୁ ପଡୁଥିଲା । ଅସାଧୁ ଯୋଗାଣ କର୍ମଚାରୀ ମାନେ ସବସିଡ କୁ ଆତ୍ମସାତ କରୁଥିଲେ । ନୂଆ ବିଲରେ ଉତ୍ପାଦିତ ଶସ୍ୟକୁ ନିଜ ମନ ମୁତାବକ ବିକି ଚାଷି ଲାଭ ଓ ସ୍ୱାଧିନତା ପାଇଲା । ଏହାର ବିରୁଦ୍ଧରେ ପଞ୍ଜାବ, ହରିଆନା, ୟୁପି ଯେଉଁଠି ମଣ୍ଡି ବ୍ୟବସ୍ଥା ଦୃଢ, ସେଠାରେ ପ୍ରତିବାଦ ହେଉଛି । କୁହାଯାଉଛି ଯେ, ମଣ୍ଡି ଉଚ୍ଛେଦ ଦ୍ୱାରା ଚାଷି ବ୍ୟବସାୟୀ ଙ୍କ ଦ୍ୱାରା ଶୋଷିତ ହେବ । ସର୍ବନିମ୍ନ ଦରର ସୁରକ୍ଷା ଓ ଇନପୁଟ, ସବସିଡ ପାଇବ ନାହିଁ । ରାଜ୍ୟ ସରକାର ତାଙ୍କ ଟିକସ ହରାଇବେ । ଦ୍ୱିତୀୟ ବିଲ(ଚୁକ୍ତି ବା ଆଗ୍ରିମେଂଟ) ଟି କୃଷକ ମାନେ ନିଜ ବିପଣି ର ବିକ୍ରୟ ପାଇଁ ବଡବଡ ବ୍ୟବସାୟୀ ଙ୍କ ସହ ସିଧା ଚୁକ୍ତି କରି ନିଜର ଦ୍ରବ୍ୟର ମୁଲ୍ୟ ସ୍ଥିର କରି ପାରିବେ । ନିବେଶକ ମାନେ ପ୍ରତିଯୋଗିତା କରି ଚାଷି ମାନଙ୍କର ବିଶ୍ୱାସ ଭାଜନ ହେବାକୁ ପ୍ରୟାସ କରିବେ । ଚାଷିଙ୍କ ସୁବିଧା ପାଇଁଶୀତଳ ଭଣ୍ଡାର, ମାର୍କେଟପ୍ଲେସ ମାନ ତିଆରି କରିବେ । ଚାଷି ମାନଙ୍କୁ ଉନ୍ନତ ମାନର ଜ୍ଞାନ କୌଶଳ ଯୋଗାଇ ଦେବେ । ଜଳ ସେଚନ ପାଇଁ ଅର୍ଥ ଲଗାଇବେ । ଅର୍ଥକାରୀ ଫସଲ,ଫଳ ଉତ୍ପାଦନ ଦିଗରେ ଧ୍ୟାନ ଦେବେ । ନୁତନ ପ୍ରଣାଳୀର ଚାଷ ପାଇଁ ପ୍ରଚୁର ଅର୍ଥ ଦରକାର ହେଉଥିବାରୁ ସାଧାରଣ ଚାଷି ତାହା କରିପାରୁ ନାହାନ୍ତି । ନାମମାତ୍ର ଚାଷି ମାନେ ଅନ୍ୟ ମାନଙ୍କ ସହ ମିଶି ଚୁକ୍ତି ଭିତିକ ଚାଷ ପାଇଁ ନିଜ ଜମିକୁ ଦେଇପାରିବେ ।ଏହି ଚୁକ୍ତି ସର୍ବନିମ୍ନ ଏକ ଓ ସର୍ବୋଚ୍ଚ୫ ବର୍ଷ ରହିପାରିବ ।

ଏହା ବିରୁଦ୍ଧରେ କୁହା ଯାଉଛି, ଯେ ଚାଷି ମାନେ ବଡବଡ କମ୍ପାନୀଙ୍କ ସହ ଦୁର୍ବଳ ସହଯୋଗୀ ହୋଇପଡିବେ । ନିଜର ଅର୍ଥ ବଳରେ କମ୍ପାନୀ ମାନେ ନିଜହାତକୁ ଚାଷ ନେଇଯିବେ । ଶେଷକୁ ଚାଷଜମି ମଧ୍ୟ ତାଙ୍କ ହାତକୁ ଚାଲିଯିବ । ଚାଷି ତାର ଶେଷ ସମ୍ବଳ ହରାଇବ । ତୃତିୟ ବିଲଟି ହେଉଛି ଅତ୍ୟାବଶ୍ୟକିୟ ଦ୍ରବ୍ୟ ଆଇନ ୧୯୫୫ ର ସଂଶୋଧନ ।ଏହି ଆଇନର ଦୁରୁପୋଯୋଗ ବିଷୟରେ କହିବା ନିଷ୍ପ୍ରୟୋ ଜନ । ଏହି ଆଇନ ବଳରେ ଯୋଗାଣ ବାବୁ ମାନେ ବ୍ୟବସାୟୀକୁ ଡରାଇ ବଟି ନିଅନ୍ତି । ଜେଲ ପଠାଇବାକୁ ଡରାନ୍ତି । ଅବାଧ ଯୋଗାଣରେ ବାଧା ଦିଅନ୍ତି । ଅନ୍ୟ ପ୍ରଦେଶରେ ଉଚ୍ଚା ଦର ଥିଲେ ମଧ୍ୟ ଚାଷି ନିଜ ଶସ୍ୟ ସେଠାକୁ ପଠାଇ ପାରେ ନାହିଁ । କେତେ ଷ୍ଟକ ରଖି ପାରିବ ତାହାର ସୀମା ଥିଲା ଏହି ଆଇନ କୃତ୍ରିମ ଅଭାବ ସୃଷ୍ଟି ହୁଏ । ସମସ୍ତେଏହାର ଅପକାରିତା ଜାଣିଲେ ମଧ୍ୟ ନିଜର ସ୍ୱାର୍ଥ ପାଇଁ ଏହି କଳା ଆଇନ କୁ ବଂଚାଇ ରଖିଥିଲେ । ସରକାର ଧାନ ଚାଉଳ, ଗହମ, ତୈଳବିଜ, ମକା ବାଜରା ଭଳି ଶସ୍ୟ ଓ ତୈଳବିଜର ପରିବହନକୁ ସଂପୂର୍ଣ୍ଣ ନିୟନ୍ତ୍ରଣ ମୁକ୍ତ କରି ଏକ ବଡ କଳଙ୍କ ଦୂର କରିଛନ୍ତି । ଶସ୍ୟ ପରିବହନ ପାଇଁ କୌଣସି ସୀମା ବା ପ୍ରତିବନ୍ଧକ ରହିବ ନାହିଁ ।ଏହାର ବିରୁଦ୍ଧରେ କୁହାଯାଉଛି ବଡବଡ ବ୍ୟବସାୟୀ ମାନେ ଜିନିଷ ମାନ ଲୁଚାଇ କୃତ୍ରିମ ଅଭାବ ସୃଷ୍ଟି କରିବେ । ଅଭାବ ବେଳା ଦରବୃଦ୍ଧି ହେ, ଯାହା ପିଆଜ ଓ ତେଲ ରେ ହେଉଛି । କଥାରେ ଅଛି ଫଳେନ ପରିଚୟତେ । ଆଇନ କୁ ସମର୍ଥନ ବା ବିରୋଧ ଆମଦେଶ ରେ କୌଣସି ନିତୀକୁ ନେଇ ହୁଏନା । ନିଜ ଦଳର ସ୍ୱାର୍ଥ ଓ ବ୍ୟକ୍ତି ର ଲାଭ କ୍ଷତି ନେଇ ବିରୋଧ ବା ସମର୍ଥନ କରାଯାଏ । ଆମ ରାଜ୍ୟ ବିଜେଡି ଲୋକସଭାରେ ସମର୍ଥନ କରି ରାଜ୍ୟସଭାରେ ବିରୋଧ କଲା । ଆମ ଦେଶରେ ଲୋକଙ୍କ ମଙ୍ଗଳ ପାଇଁ ତିଆରି ହେଉଥିବା ଆଇନ ର ହିସାବ ନାହିଁ । କିନ୍ତୁ ସରକାରୀ ବାବୁ ମାନେ ଆଇନକୁ ନିଜର ଲାଭ ପାଇଁ ବ୍ୟବହାର କରୁଛନ୍ତି । ସେମାନଙ୍କ ଯୋଗୁ କୌଣସି ଯୋଜନା ସଫଳ ହେଉନି । ସେଥିପାଇଁ ରାଜିବ ଗାନ୍ଧି ଖେଦରେ କହିଥିଲେ, ଦିଲ୍ଲୀରୁ ଆସୁଥିବା ଏକ ଟଙ୍କା ରୁ ପନ୍ଦର ପଇସା ଲୋକଙ୍କ ପାଖରେ ପହଂଚୁଛି ! ଏହା ମଧ୍ୟରେ ତାହା ଆହୁରି କମିଗଲାଣି । ପି ସି ଆମର ଶାସନର ପରମ୍ପରାରେ ପଡିଗଲାଣି । ନିର୍ଶ୍ଚିତ ରୋଜଗାର ଯୋଜନାରେ କାମ ମେସିନ କରୁଛି । ସମେସ୍ତ ଦେଖୁଛନ୍ତି । ତିଆରି ହୋଇଥିବା ସୁଲଭ ପାଇଖାନାରୁ କେତେଟା କାର୍ଯ୍ୟ କରୁଛି ? ରାଷ୍ଟ୍ରାୟତ ଇଝଘଖ/ ଝଇଓଖଏମାନଙ୍କ ଯୋଗୁ ବନ୍ଦ ହବା ଅବସ୍ଥା କୁ ଆସିଲାଣି । ତେଣୁ କାର୍ଯ୍ୟରେ ସଡଳ ହେଲେ ହିଁ ଲୋକମାନେ ଲାଭବାନ ହେବେ । କେତେ ଆଶାକରି ବିମୁଦ୍ରା କରଣ କରାଗଲା । ଆଚ୍ଛା ଦିନ ଆସିବ ବୋଲି ଲୋକେ ଚାହିଁ ରହିଲେ । ମାତ୍ର ବାବୁ ମାନେ ସବୁ ଉଲଟ ପାଲଟ କଲେ । ସେରକ ପୁରିଲା, ମାଣକ ପୂରିଲା ହୋଇଗଲା । ଥିଲା ଯେତିକି ଡେରିଲା ସେତିକି, ଫକିର ମୋହନଙ୍କ ଭାଷାରେ ସାହୁ ପୁଅ ହାତ ଖାଲି । ଆମ ନେତା ଓଶିଳ୍ପପତି ମାନଙ୍କ ପାଖରେ ଆଦୌ କଳାଟଙ୍କା ନାହିଁ । ସବୁ କଳାଟଙ୍କା ଧଳା ହୋଇଗଲା । ଏହି ଆଇନ ଜୁନ ୫ ତାରିଖରେ ଅଧ୍ୟାଦେଶ ଆକାରରେ ଅଣାଗଲା । ମୌସିମି ଅଧିବେଶନରେ ଲୋକ ସଭାରେ ଗୃହିତ ହେଲା । ଗତ ଗୁରୁବାର ଦିନ ରାଜ୍ୟ ସଭାରେ ଗୃହିତ ହେଲାପରେ ଦେଶରେ ବିରୋଧର ସ୍ୱର ଶୁଣା ଯାଉଛି । ଏହା ମଣ୍ଡି ପ୍ରଥାର ଉଛେଦ କରିବ ନାହିଁ, କିନ୍ତୁ ତାହାକୁ ଘରୋଇ ବ୍ୟବସାୟୀ ମାନଙ୍କ ସହ ପ୍ରତିଯୋଗିତା କରିବାକୁ ପଡିବ । ସେହିପରି ସର୍ବନିମ୍ନ ଦର ବ୍ୟବସ୍ଥା ରହିବ । କୃଷି ଦ୍ରବ୍ୟର କଟକଣା ମୁକ୍ତ ହେଲେ ମଧ୍ୟ ଜରୁରି ଅବସ୍ଥାରେ ତାହାକୁ ସରକାର ପ୍ରୟୋଗ କରାଯାଇ ପାରିବ । କୃଷି ଭାରତର ୮୫ ଭାଗ ଲୋକଙ୍କର ଜୀବିକା । ଯଦି ଆଇନ ସଫଳ ହୁଏ ତାହାଲେ ମୋଦିଙ୍କ ଭାଷାରେ, ଭାରତରେ ନବ ଯୁଗ ଆରମ୍ଭ ହେବ ।


ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର,
ମୋ:୯୪୩୭୨୩୫୩୮୬


# ଧାତୁ ନିର୍ମିତ ବାସନର ଉପାଦେୟତା

**ଆଜିକାଲି ବଜାରରେ ଓ ଅନ୍-ଲାଇନ୍ ସାଇଟ୍‌ରେ ଭଳିକିଭଳି କମ୍ପାନୀର ବାସନକୁସନ ଉପଲବ୍ଧ ହେଉଛି । ପ୍ରାଚୀନ କାଳରୁ ଆମ ଭାରତରେ ତମ୍ବା, ମାଟି, ଲୁହାର ବାସନକୁସନ ବ୍ୟବହାର ହେଉଥିବାବେଳେ ରାଜପରିବାରରେ ସୁନା ଓ ରୁପା ବାସନର ଉପଯୋଗ ହେଉଥିଲା ।**

♦ ତମ୍ବା ବାସନରେ ଖାଇବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକାରୀ । ବିଶେଷ କରି ତମ୍ବା ପାତ୍ରରେ ପାଣି ରଖି ସକାଳୁ ଉଠି ପିଇବା ଭଲ । ଉତ୍ତମ ପାଚନ ତନ୍ତ୍ର ନିମନ୍ତେ ଏହି ବାସନର ଉପାଦେୟତା ଥିବାବେଳେ ତମ୍ବା ବାସନକୁ ଭଲଭାବେ ପରିଷ୍କାର କରିବା ଜରୁରୀ । ବିଶେଷଜ୍ଞଙ୍କ ମତରେ ତମ୍ବା ପାତ୍ରରେ ପାଣି ପିଇଲେ ଦୃଷ୍ଟି ଶକ୍ତି ବୃଦ୍ଧି ହେବା ସହ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼େ । ଅନ୍ୟ ପକ୍ଷରେ ଗରମ ଖାଦ୍ୟ ଏଥିରେ ପରଷିବା ଅନୁଚିତ । ତମ୍ବା ଗିଲାସରେ ଖିର ପିଇଲେ ମଧ ସ୍ୱାସ୍ଥ୍ୟ ଉପରେ କୁପରିମାଣ ପଡୁଥିବାର ବିଶେଷଜ୍ଞଙ୍କ ମତ ।






♦ ଷ୍ଟିଲ ଏକ ପ୍ରକାର ମିଶ୍ରିତ ଧାତୁ ଅଟେ, ଯାହା କାର୍ବନ୍, କ୍ରୋମିୟମ୍ ଓ ନିକେଲ୍‌କୁ ମିଶାଇ ତିଆରି କରାଯାଇଥାଏ । ଶସ୍ତା ହୋଇଥିବା ଏହି ବାସନରେ ରାନ୍ଧି ଖାଇବା ସହ ପରଷି ଖାଇଲେ ସ୍ୱାସ୍ଥ୍ୟ ପାଇଁ ଭଲ । କମ୍ ଆଞ୍ଚରେ ଶୀଘ୍ର ଖାଦ୍ୟକୁ ଗରମ କରିପାରୁଥିବାରୁ ପୌଷ୍ଟିକତା ନଷ୍ଟ ହୋଇନଥାଏ । ଧ୍ୟାନରେ ରଖନ୍ତୁ, ଷ୍ଟିଲ୍ ବାସନକୁ ବେଶୀ ଘଷି ସଫା କରିବା ଦ୍ୱାରା ତାହାର ନିକେଲ୍ ବାହାରକୁ ଆସିଯାଏ । ପରେ ସେହି ବାସନରେ ରାନ୍ଧିଲେ ପେଟ ସମସ୍ୟା ସୃଷ୍ଟିହେଉଥିବାର ପ୍ରକାଶ ।

♦ ମାଟି ହାଣ୍ଡି ରନ୍ଧା ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ସବୁଠୁ ଭଲ । ବିଶେଷଜ୍ଞଙ୍କ ମତରେ ମାଟି ହାଣ୍ଡି ପ୍ରସ୍ତୁତ ଖାଦ୍ୟ ଖାଇଲେ ଶରୀରକୁ ୧୮ ପ୍ରକାରର ପୋଷକତତ୍ତ୍ୱ ମିଳିଥାଏ । ଆଜି ମଧ ଲୋକେ ନିପଟ ମଫସଲରେ ମାଟି ହାଣ୍ଡିରେ ରୋଷେଇ କରି ଖାଉଛନ୍ତି ।

♦ କଂସା ବାସନରେ ଭୋଜନ ଶୈଳୀ ଭାରତର ଅନ୍ୟତମ ପ୍ରାଚୀନ ପରମ୍ପରା । କଂସା ବାସନରେ ଭୋଜନ କଲେ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢିବା ସହ ଭୋକ ମଧ ଲାଗିଥାଏ । ତେବେ କଂସା ବାସନରେ ଖଟା ଖାଦ୍ୟ ଖାଇଲେ ତାହା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ ।

♦ ନନ୍‌ଷ୍ଟିକ୍ ବାସନରେ କମ୍ ତେଲରେ ଖାଦ୍ୟ ପ୍ରସ୍ତୁତ ହୋଇଥାଏ, ଏହା ସତ । ମନେରଖନ୍ତୁ, ନନ୍‌ଷ୍ଟିକ୍ ବାସନରେ ବିଭିନ୍ନ ପ୍ରକାରର କେମିକାଲ୍ କୋଟିଙ୍ଗ୍ ରହୁଥିବା କାରଣରୁ ସେଥିରେ ରନ୍ଧା ଖାଦ୍ୟ ଖାଇଲେ କର୍କଟ ରୋଗ ହେବାର ଆଶଙ୍କା ସର୍ବାଧିକ ।





■ ଓଠର ତ୍ୱଚା ଖୁବ୍ ପତଳା ହୋଇଥିବାବେଳେ ଏଥିରେ ତୈଳଗ୍ରନ୍ଥି ନଥାଏ । ଏହି କାରଣରୁ ଓଠ ନରମ ରହିନଥାଏ ଓ ଶୁଷ୍କତା ହେତୁ ଓଠ ଫଟା ଆରମ୍ଭ ହୋଇଥାଏ ।

■ ଓଠର କୋମଳତା ନିମନ୍ତେ ଭଲ କମ୍ପାନୀର ଲିପ୍‌ଷ୍ଟିକ୍ ଓ ସ୍କ୍ରବ୍ ବ୍ୟବହାର କରିବା ଉଚିତ । ସପ୍ତାହକୁ ଅନ୍ତତଃ ଥରୁଟିଏ ଓଠ ସ୍କ୍ରବ୍ କରିବା ଉଚିତ । ନରମ ଦାନ୍ତଘଷା ବ୍ରଶ୍‌ରେ ଓଠକୁ ହାଲକା ଭାବେ ଘଷିଲେ ମୃତ କୋଷିକାମାନ ବାହାରିଯାଏ ।

■ ରାତିରେ ଶୋଇବା ପୂର୍ବରୁ କ୍ଲିନଜିଙ୍ଗ୍ ମିଲ୍କରେ ଓଠକୁ ଭଲଭାବେ ସଫା କରି ଶୋଇବା ଉଚିତ । ଏହା ପରେ ଲିପ୍ ବାମ୍, ବାଦାମ ତେଲ,ବାଦାମର କ୍ରିମ୍ ଲଗାଇ ଶୁଅନ୍ତୁ ।

■ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା, ଭଲ କମ୍ପାନୀର ଲିପ୍‌ଷ୍ଟିକ୍ ଲଗାଇବା ଜରୁରୀ । ଶସ୍ତା ଜିନିଷ ବ୍ୟବହାର କଲେ ତାହାର କୁପ୍ରଭାବ ତ୍ୱଚା ଉପରେ ପଡିଥାଏ । ଏଣୁ ଗୋଟିଏ ଲିପ୍‌ଷ୍ଟିକ୍ କିଣନ୍ତୁ, କିନ୍ତୁ ତାହା ନାମୀ ବ୍ରାଣ୍ଡର ହୋଇଥିବା ଆବଶ୍ୟକ ।

■ ଲିପ୍‌ଷ୍ଟିକ୍ ଲଗାଇବା ପୂର୍ବରୁ ଓଠରେ ଲିପ୍‌ବାମ ଲଗାଇ ଦିଅନ୍ତୁ । ଏହା ଓଠର ତ୍ୱଚାକୁ ବିଭିନ୍ନ ରାସାୟନିକ ତତ୍ତ୍ୱରୁ ରକ୍ଷା କରିଥାଏ ।

**ଯୁବତୀ ଓ ମହିଳାଙ୍କର ଅନ୍ୟତମ ପ୍ରିୟ ସୌନ୍ଦର୍ଯ୍ୟ ପ୍ରସାଧନ ସାମଗ୍ରୀ ଭାବେ ଲିପ୍‌ଷ୍ଟିକ୍ ଜଣାଯାଏ । ନାମୀ ସୌନ୍ଦର୍ଯ୍ୟ ବିଶେଷଜ୍ଞ ଶେହନାଜ୍ ହୁସୈନ୍‌ଙ୍କ ମତରେ ନିୟମିତ ଲିପ୍‌ଷ୍ଟିକ୍ ଲଗାଉଥିଲେ, କେତୋଟି ଦିଗ ପ୍ରତି ସତର୍କ ରହିବା ଉଚିତ ।**

# ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ : କଦଳୀ ବର୍ଫି

ସମ୍ପ୍ରତି କରୋନାର ଭୟ ଚତୁର୍ଦ୍ଦିଗରେ ବଢ଼ିଚାଲିଛି । ଲୋକେ ବର୍ତ୍ତମାନ ଘର ରନ୍ଧା ଖାଇବାକୁ ସବୁଠୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି । ଅପଣଙ୍କ ସୁସ୍ଥତା ତଥା ରୋଗପ୍ରତିରୋଧକ ଶକ୍ତି ବଢ଼ାଇବାରେ କଦଳୀ ଫଳ ଖୁବ୍ ସହାୟକ । କଦଳୀକୁ ବ୍ୟବହାର କରି ଘରେ ସୁଆଦିଆ ବର୍ଫି ତିଆରି କରି ସପରିବାର ଖାଇପାରିବେ ।

**ଆବଶ୍ୟକ ସାମଗ୍ରୀ:** ପାଚିଲା କଦଳୀ ୫ଟି, ଖିର ଦେଢ କପ, ୧ ବଡ ଚାମଚ ଘିଅ, ଅଧ କପ୍ ନଡିଆ କୋରା, ୧ କପ୍ ଚିନି, ୧ଛୋଟ ଚାମଚ ଗୁଜୁରାତି ଗୁଣ୍ଡ, ପେସ୍ତାବାଦାମ ୪-୫ଟି ଚୂନାଚୂନା କଟା ।

**ପ୍ରସ୍ତୁତି :**

ସବୁଠୁ ପ୍ରଥମେ କଦଳୀକୁ ଭଲଭାବେ ଏକପାତ୍ରରେ ଚକଟି ନିଅନ୍ତୁ । ଅନ୍ୟ ଏକ ପାତ୍ରକୁ ଚୁଲାରେ ବସାଇ ଖିର ଫୁଟାନ୍ତି । ୫ ମିନିଟ୍ ପରେ ଚୁଲା ବନ୍ଦ କରି ସେଥିରେ କଦଳୀ ଚକଟାକୁ ଭଲଭାବେ ମିଶାଇନେବେ । ସେହି ମିଶ୍ରଣ ହାଲକା ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଗରମ କରିବେ । ଏବେ ଅନ୍ୟ ସମସ୍ତ ସାମଗ୍ରୀ ମିଶାଇ ଚୁଲାକୁ ବନ୍ଦ କରିଦିଅନ୍ତୁ । ଗୋଟିଏ ବଡ ଥାଳି ନେଇ ସେଥିରେ ଘିଅ ଲଗାଇ କଦଳୀ-ଖିର ମିଶ୍ରଣକୁ ଢାଳି ହାଲକା ଉଷୁମ ଥିବା ଅବସ୍ଥାରେ ବର୍ଫି ପରି କାଟିନେବେ । ଏବେ ପ୍ରସ୍ତୁତ 'କଦଳୀ ବର୍ଫି', ସପରିବାର ଏହାକୁ ଖାଇବାର ମଜା ନିଅନ୍ତୁ ।



# କାଳୀ ଝିଅ ଭୂମିକାରେ ଇଲିଆନା



ଆଜିକାଲି ବଲିଉଡ୍‌ରେ ଭିନ୍ନ ସ୍ୱାଦର ଫିଲ୍ମକୁ ଅନେକ ପ୍ରଯୋଜକ-ନିର୍ଦ୍ଦେଶକ ଗୁରୁତ୍ୱ ଦେଉଛନ୍ତି । ଏ ଭଳି ଫିଲ୍ମ ଗତାନୁଗତିକ ମସଲା ଫିଲ୍ମ ତୁଳନାରେ କମ୍ ଖର୍ଚ୍ଚରେ ନିର୍ମିତ ହୋଇପାରୁଛି । ଦର୍ଶକ ମଧ୍ୟ ପସନ୍ଦ କରୁଛନ୍ତି । ଏହି ତାଲିକାରେ ଏବେ ଯୋଡିହେବାକୁ ଯାଉଛି 'ଅନ୍‌ଫେଆର୍ ଆଣ୍ଡ୍ ଲଭ୍‌ଲି' । ନାମରୁ ବୁଝିପାରୁଥିବେ, କାହାଣୀ କେବେ ହେଲେ ଚିରାଚରିତ ହୋଇ ନ ଥିବ । ହଁ, ଏହା ଜଣେ ହରିୟାଣୀ କାଳୀ ଝିଅର କାହାଣୀ, ଯିଏ ତ୍ୱଚାର ବର୍ଣ୍ଣ ପାଇଁ ସମାଜରେ ଅଣଦେଖା ଏପରିକି ଘର-ପରିବାରରେ ମଧ୍ୟ ଉପହାସର ପାତ୍ରୀ । ଏହା ତା'ର ସଂଘର୍ଷମୟ ଜୀବନର କାହାଣୀ । କାଳୀ ଝିଅ ଭୂମିକାରେ ଦର୍ଶକ ଦେଖିବେ ତୋଫା ରୋଗୀ ଇଲିଆନ୍ ଡି' କ୍ରୁଜ୍‌ଙ୍କୁ । ଫିଲ୍ମରେ ତାଙ୍କୁ ଏପରି କୃତ୍ରିମତା ଦିଆଯାଇଛି ଯେ, ଲାଗିବ ସତେ ଯେମିତି ବିଲକୁଲ କାଳୀ ! ଏହି ଭୂମିକାକୁ ଇଲିଆନା ଏକ ଆହ୍ୱାନ ଭାବେ ଗ୍ରହଣ କରିଛନ୍ତି । ଏହା ଦେହକୁ ଯାଉଛି ନିର୍ଦ୍ଦେଶନା କ୍ଷେତ୍ରରେ ସଦ୍ୟ ପ୍ରବେଶ କରିଥିବା ବଲୱିନ୍ଦର ସିଂହ ଜାନୁଜାଙ୍କ ପ୍ରଥମ ଫିଲ୍ମ । ସେ ଅବଶ୍ୟ ବଲିଉଡ୍ ପାଇଁ ନୂଆ ନୁହନ୍ତି । ମୁଖ୍ୟତଃ କାହାଣୀକାର ଓ ସଂଳାପ ଲେଖକ ଭାବେ ସୁପରିଚିତ । 'ସାଁଡ କୀ ଆଁଖ', 'ମୁବାରକନ', 'ଫିରଙ୍ଗୀ' ଆଦିର କାହାଣୀ ସେ ଲେଖିଥିବା ଜଣାଯାଏ । ଫିଲ୍ମରେ ଇଲିଆନାଙ୍କ ସହ ଅଭିନୟ କରୁଛନ୍ତି ରଣଦୀପ ହୁଡା । ଗତ ବର୍ଷ ଇଲିଆନା ଦେଖିବାକୁ ମିଳିଥିଲେ 'ପାଗଲପନ୍ତୀ'ରେ । ଅଭିଷେକ ବଚ୍ଚନଙ୍କ ସହ ତାଙ୍କର ଆଗାମୀ ଫିଲ୍ମ 'ଦ ବିଗ୍ ବୁଲ୍' ଏବେ ମୁକ୍ତିଲାଭ ଅପେକ୍ଷାରେ ।

# ଧାନସଂଗ୍ରହ ପୂର୍ବରୁ ପୂର୍ବପ୍ରସ୍ତୁତି ସାରିବାକୁ ନିର୍ଦ୍ଦେଶ : ଅଧିକରୁ ଅଧିକ ଚାଷୀଙ୍କୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ଉପରେ ଖାଦ୍ୟଯୋଗାଣ ମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର,୨୯।୧୦ (ନି.ପ୍ର): ନଭେମ୍ବର ପହିଲାଠାରୁ ଧାନସଂଗ୍ରହ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବାରୁ ଏଥି ନିମନ୍ତେ ସମସ୍ତ ପୂର୍ବପ୍ରସ୍ତୁତି ସାରିବା ପାଇଁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ବୀର ବିକ୍ରମ ଯାଦବ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୁଧବାର ଦିନ ଖରିଫ ଧାନସଂଗ୍ରହ ସଂପର୍କରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଜିଲ୍ଲାପାଳମାନଙ୍କ ମଧ୍ୟରେ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ବିଭାଗୀୟ କମିଶନର କହିଥିଲେ ଯେ ଯେଉଁସବୁ ଜିଲ୍ଲାରେ ଶୀଘ୍ର ଧାନ ଅମଳ ହେଉଛି ସେଠାରେ ନଭେମ୍ବର ୧ରୁ ୧୫ ତାରିଖ ମଧ୍ୟରେ ଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ ହେବାକୁ ଥିବାବେଳେ ଡେରିରେ ଖରିଫ୍ ଧାନ ଅମଳ ଜିଲ୍ଲାରେ ନଭେମ୍ବର ୧୬ ତାରିଖରୁ ନଭେମ୍ବର ୩୦ ତାରିଖ ମଧ୍ୟରେ ଧାନସଂଗ୍ରହ କାର୍ଯ୍ୟ ଆରମ୍ଭ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ତେବେ ଧାନ ଅମଳର ପ୍ରକୃତ ସ୍ଥିତାବସ୍ଥାକୁ ଅନୁଧାନ କରି ସଂପୃକ୍ତ ଜିଲ୍ଲାର ଜିଲ୍ଲା ଧାନ ସଂଗ୍ରହ କମିଟି ଧାନ ସଂଗ୍ରହର ନିର୍ଦ୍ଦିଷ୍ଟ ତାରିଖ ସ୍ଥିର କରିବେ । ଧାନସଂଗ୍ରହ ନିମନ୍ତେ ଚାଷୀ ତାଲିକା ଚୂଡ଼ାନ୍ତ କରିବା ନିମନ୍ତେ ସମସ୍ତ ନୂତନ କିମ୍ବା ପରିବର୍ତ୍ତନ କରିଥିବା ଚାଷୀଙ୍କର ବ୍ୟାଙ୍କ ଆକାଉଂଟ, ଅଣଭୂଲେଖ ଜମି ଏବଂ ଜଳସେଚିତ ଜମି ଆଦିର ତଥ୍ୟ ସଂପର୍କରେ ନିର୍ଭୁଲ ଭାବରେ ଯାଂଚ କାର୍ଯ୍ୟ ସଂପନ୍ନ କରିବା ପାଇଁ ସଚିବ ଶ୍ରୀ ଯାଦବ କହିଥିଲେ । ଏଥି ସହିତ ସମସ୍ତ ଚାଷୀଙ୍କର ଆଧାର ସଂଯୋଗୀକରଣ ଏବଂ ଇଂଟରନେଟ୍ ଆଦି ଅନ୍ୟାନ୍ୟ ଭିତିଭୂମି କାର୍ଯ୍ୟ ଶେଷ କରିବା ପାଇଁ ସେ କହିଥିଲେ । କୋଭିଡ୍-୧୯ ସ୍ଥିତିରେ ସମସ୍ତ ପ୍ରକାର ମାର୍ଗଦର୍ଶିକା ପାଳନ ସହିତ ମଣ୍ଡିଗୁଡ଼ିକର ସାନିଟାଇଜେସନ୍, ମାସ୍କ ପରିଧାନ ଏବଂ ସାମାଜିକ ଦୂରତ୍ୱ ଆଦିକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଚାଷୀମାନଙ୍କ ଅବଗତି ନିମନ୍ତେ ଧାନସଂଗ୍ରହର ସମସ୍ତ ନିୟମାବଳୀ, ଧାନର ଏଫ୍‌ଏକ୍ୟୁ ମାନ ଏବଂ ଧାନସଂଗ୍ରହ କେନ୍ଦ୍ର ଓ ତାରିଖ ଆଦି ସଂପର୍କରେ ବ୍ୟାପକ ପ୍ରଚାର ଓ ଜନସଚେତନତା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ଧାନସଂଗ୍ରହ କାର୍ଯ୍ୟର ଅଗ୍ରଗତି ସଂପର୍କରେ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ନିୟମିତ ମଣ୍ଡି ପରିଦର୍ଶନ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା । ଏଥି ସହିତ ଜିଲ୍ଲା ଓ ସବ୍‌ଡିଭିଜନ୍ ସ୍ତରରେ ଟାସ୍କ ଫୋର୍ସ ଗଠନ କରି ଉପୁଜୁଥିବା ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ କୁହାଯାଇଥିଲା । ରାଜ୍ୟର ଗ୍ରାମୀଣ ଅର୍ଥନୀତି ତଥା ଜନସାଧାରଣଙ୍କ ଖାଦ୍ୟ ସୁରକ୍ଷା ଦିଗରେ ଧାନ ଉତ୍ପାଦନ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଥିବାବେଳେ ରାଜ୍ୟରେ ଗତ ଖରିଫ ବିପଣନ ଋତୁରେ ୨୦୧୯-୨୦ରେ ରେକର୍ଡ ୭୦ ଲକ୍ଷ ୫୬ ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଛି । ସେହିପରି ସର୍ବନିମ୍ନ ସହାୟକ ମୂଲ୍ୟ ଆଧାରରେ ଚାଷୀମାନଙ୍କୁ ଧାନ କ୍ରୟ ବାବଦକୁ ମୋଟ ୧୨ ହଜାର ୮୦୮ କୋଟି ଟଙ୍କା ପ୍ରଦାନ କରାଯାଇ ଚାଷୀମାନଙ୍କର କ୍ରୟଶକ୍ତିକୁ ବୃଦ୍ଧି କରାଯାଇଛି । ସାରା ରାଜ୍ୟରେ ଅଭୂତପୂର୍ବ କୋଭିଡ୍-୧୯ ସ୍ଥିତିରେ ଓଡ଼ିଶାର କୃଷକମାନେ ଅକ୍ଲାନ୍ତ ପରିଶ୍ରମ କରି ଖରିଫ ଧାନ ଚାଷ କରି ଲୋକମାନଙ୍କର ଖାଦ୍ୟ ନିରାପତାକୁ ସୁନିଶ୍ଚିତ କରିଥିବାବେଳେ ଅଧିକରୁ ଅଧିକ ଚାଷୀ ଯେପରି ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ ବିକ୍ରି କରିପାରିବେ ସେଥି ନିମନ୍ତେ ଚଳିତ ଖରିଫ ଧାନ ସଂଗ୍ରହ କାର୍ଯ୍ୟକୁ ସୁଚାରୁ ରୂପେ ସଂପନ୍ନ କରିବା ପାଇଁ ଜିଲ୍ଲାପାଳ ଏବଂ ବିଭାଗୀୟ କ୍ଷେତ୍ର ଅଧିକାରୀମାନେ ତତ୍ପରତା ପ୍ରକାଶ କରିବା ପାଇଁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ଉତ୍ସର୍ଗୀକୃତ ମନୋଭାବ ଏବଂ ସଂକଳ୍ପ ନେଇ ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀମାନେ ଖରିଫ୍ ଧାନ ସଂଗ୍ରହ କାର୍ଯ୍ୟକୁ ସଫଳ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆହ୍ୱାନ ଦେଇଥିଲେ । ରାଜ୍ୟର ଚାଷୀମାନଙ୍କ ମଧ୍ୟରୁ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ଚାଷୀ କ୍ଷୁଦ୍ର ଓ ନାମମାତ୍ର ଚାଷୀ ହୋଇଥିବାବେଳେ ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ପ୍ରକୃତ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ କରି ସେମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ଦିଗରେ ପଦକ୍ଷେପ ନେବା ପାଇଁ କହିଥିଲେ । ଏଥି ସହିତ ଧାନସଂଗ୍ରହ କେନ୍ଦ୍ରରୁ ମିଲରମାନଙ୍କ ଦ୍ୱାରା ସେହିଦିନ ଧାନ ଉଠାଣ ଏବଂ ଧାନ କିଣିବାର ୨୪ରୁ ୪୮ ଘଂଟା ମଧ୍ୟରେ ଚାଷୀମାନଙ୍କ ବ୍ୟାଙ୍କ ଆକାଉଂଟକୁ ସିଧାସଳଖ ପ୍ରାପ୍ୟ ପ୍ରଦାନ ଉପରେ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିଥିଲେ । ଧାନସଂଗ୍ରହ କାର୍ଯ୍ୟରେ କୌଣସି ଖିଲାପ ଦୃଷ୍ଟିକୁ ଆସିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ବୈଠକରେ ନିବନ୍ଧକ, ସମବାୟ ସମିତି ସମୂହ, ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକଙ୍କ ସମେତ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, ଜିଲ୍ଲା ଯୋଗାଣ ଅଧିକାରୀ ଏବଂ ଡିଆରସିଏସ୍ ଓ ଏଆରସିଏସ୍ ମାନେ ଯୋଗଦେଇଥିଲେ ।

# ମୁନୀଗୁଡା ଥାନା ଆଇଆଇସି ଦୁର୍ଗାମାଧ୍ୱ ପ୍ରଧାନଙ୍କ ବଦଳି

ଗୁଣୁପୁର,୨୯।୧୦ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣୁପୁର ଉପଖଣ୍ଡ ମୁନିଗୁଡା ଥାନା ଆଇଆଇସି ଶ୍ରୀ ଦୁର୍ଗା ମାଧବ ପ୍ରଧାନଙ୍କ ବଦଳି ହୋଇଛି । ସେ ଅଳ୍ପ କିଛି ଦିନ ପୂର୍ବରୁ ଦାୟିତ୍ୱ ଗ୍ରହଣ କରିଥିଲେ । କିନ୍ତୁ କିଛି ଅନୀୟମିତ କାର୍ଯ୍ୟ ସାଙ୍ଗକୁ ଦଶହରା ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ହୋଇଥିଲା । ସେ ବିନା କାରଣରେ ଗୋଟିଏ ଗାଡିକୁ ଦୀର୍ଘ ଆଠ ଦିନ ପର୍ଯ୍ୟନ୍ତ ରଖି ଅର୍ଥ ଦାବି କରୁଥିବା ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପ୍ରକାରେ ରାୟଗଡା ଏସ୍‌ପି ଶ୍ରୀ ଶ୍ରବଣ ବିବେକ ଏମ ଅତି ଚତୁରତା ସହିତ ତଦନ୍ତ କରି ଆଇଆଇସି ଶ୍ରୀ ପ୍ରଧାନଙ୍କୁ ରାୟଗଡା ରୋଡ ସେଫ୍ଟି ସେଲ୍ କୁ ବଦଳି କରାଯାଇଥିବା ଜଣାପଡିଛି । ତାଙ୍କ ସ୍ଥାନରେ ମୁନିଗୁଡା ଥାନାକୁ ଟିକିରିରେ ଥିବା ଆଇଆଇସି ସୁଜ୍ଞାନୀ ସାହୁଙ୍କୁ ଆଦେଶ ହୋଇଥିବା ଜଣାପଡିଛି । ଏସ୍‌ପିଙ୍କର ଏହି ବିଚାରକୁ ମୁନିଗୁଡା ଅଞ୍ଚଳରେ ଭୂୟସୀ ପ୍ରଶଂସା କରାଯାଇଛି । ଏଥିସହ ଅମ୍ବାଦଲା ଆଇଆଇ ସିବନ୍ଦନା ନାୟକଙ୍କୁ ଟିକିରି ଥାନାକୁ ବଦଳି ହୋଇଥିବା ବେଳେ ନୀଳାମ୍ବର ଜାନୀଙ୍କୁ ଆମ୍ବାଦଲା ଥାନାକୁ ବଦଳି କରାଯାଇଥିବା ସୂଚନା ମିଳିଛି ।

# ମହତାବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଯାପିତ

ଭଦ୍ରକ, ୨୯/୧୦(ହି.ସ.) - ଭଦ୍ରକ ଜିଲା ବନ୍ତ ବ୍ଲକ ଗ୍ୱରିଗାଁ ନେତାଜୀ ଯୁବକସଂଘ ଆନୁକୂଲ୍ୟରେ ମହତାବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଂଟରେ ମୋଟ ୮ ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ । ଉକ୍ତ ଦଳ ଗୁଡ଼ିକ ମଧ୍ୟରେ ପ୍ରତିଯୋଗୀତା ହୋଇଥିବା ବେଳେ ଗ୍ୱରିଗାଁ ନେତାଜୀ ଯୁବକ ସଂଘ ଓ ସୋସୋ ମରଗ୍ୱଇପଦା ଫାଇନାଲକୁ ଉତୀର୍ଣ୍ଣ ହୋଇଥିଲେ । ଏକ ରୋମାଂଚକର ଖେଳରେ ନେତାଜି ଯୁବକ ସଂଘ ବିଜୟ ଲାଭ କରିଥିଲା । ରାମଚନ୍ଦ୍ର ବେହେରା ଓ କାହ୍ନୁ ଚରଣ ସାହୁ ଆମ୍ପାୟରିଂ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ନାଗରିକ ଶିକ୍ଷାବିତ ରଥ ବେହେରା ଯୋଗଦେଇ କ୍ରିକେଟ ଖେଳ ଶୃଙ୍ଖଳିତ ଖେଳ ହୋଇଥିବା ବେଳେ ସାମାନ୍ୟ ନଜୀ ହଟିଲେ ପରାଜୟ ନିଶ୍ଚିତ ବୋଲି ମତପ୍ରକାଶ କରି ବିଜୟୀ ଓ ରନର୍ସଅଫ ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ । ନେତାଜୀ ଯୁବକସଂଘର ସଭାପତି ଜଗନ୍ନାଥ ସାହୁ, ସମ୍ପାଦକ ଦୀପକ ବେହେରା, ସଭ୍ୟ ନୀଳମାଧବ ସାହୁ, ଶରତ ରାଉଳ, ରାଜେଶ ସାହୁ, ସନାତନ ପୃଷ୍ଟି, କମଳା ବେହେରା, କେଶବ ପୃଷ୍ଟି, ଶିବ ସାହୁ, ଗଣେଷ ସାହୁ, କୈବଲ୍ୟ ସାହୁ ପ୍ରମୁଖ ଖେଳ ପରିଗ୍ୱଳନାରେ ସହଯୋଗ କରିଥିଲେ ।

# କଜଳାରେ ରହୁଥିବା ଜନଜାତି ସଂପ୍ରଦାୟଙ୍କୁ ମିଳୁନି ରାସନ କାର୍ଡ

କେନ୍ଦ୍ରାପଡ଼ା,୨୯।୧୦ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର କଜଳାରେ ରହୁଥିବା ଜନଜାତି ସଂପ୍ରଦାୟର ବ୍ୟକ୍ତି ମାନଙ୍କୁ ରାସନ କାର୍ଡ ମିଳି ନଥିବା ଅଭିଯୋଗ ହୋଇଛି । ବୁଧବାର ପୂର୍ବାହ୍ନରେ ଏହି ସଂପ୍ରଦାୟର ମହିଳା ମାନେ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ଭେଟି ଅଭିଯୋଗ କରିବା ସହ ତୁରନ୍ତ ସେମାନଙ୍କୁ ରାସନ କାର୍ଡ ଯୋଗାଇ ଦେବାକୁ ଦାବି କରିଥିଲେ । ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଏହି ବସ୍ତିରେ ସର୍ଭେ କରାଯାଇ ତାଲିକା ପ୍ରସ୍ତୁତ କରାଯାଇ ଥିଲେ ମଧ ମାତ୍ର ୧୪ଜଣଙ୍କୁ କାର୍ଡ ଦିଆଯାଇ ଥିବାବେଳେ ଅବଶିଷ୍ଟ ବ୍ୟକ୍ତି ମାନଙ୍କୁ ଦୀର୍ଘଦିନ ହେଲା କାର୍ଡ ପ୍ରଦାନ କରାଯାଉ ନାହିଁ । ଫଳରେ ଏହି ଦରିଦ୍ର ସଂପ୍ରଦାୟ ର ବ୍ୟକ୍ତିମାନେ ଖୋଲା ବଜାର ରୁ ଚାଉଳ, ଗହମ ଓ ଅନ୍ୟ କଣ୍ଟ୍ରୋଲ ସାମଗ୍ରୀ ଗୁଡିକ କିଣୁଥିବା ବେଳେ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆ ଯାଉଥିବା ସୁବିଧା ସୁଯୋଗ ପାଇପାରୁ ନାହାଁନ୍ତି । ଲକ୍ଷ୍ମୀ ମୁର୍ମୁ, ପୂର୍ଣ୍ଣିମା ଟୁଡୁ, ବାରି ହାଁସଦା, ସେନା ହାଁସଦା, ନବ ଟୁଡୁ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବି ଜଣାଇଥିଲେ ।

# ପର୍ଯ୍ୟଟକମାନଙ୍କ ନିମନ୍ତେ ଶିମିଳିପାଳ ଅଭୟାରଣ୍ୟ ନଭେମ୍ବର ୧ରୁ ଖୋଲିବ

ବାରିପଦା,୨୯।୧୦ (ନି.ପ୍ର): କରୋନା କଟକଣା ମଧ୍ୟରେ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଶିମିଳିପାଳ ଅଭୟାରଣ୍ୟ ଆସନ୍ତା ନଭେମ୍ବର ୧ ତାରିଖ ଠାରୁ ପର୍ଯ୍ୟଟକମାନଙ୍କ ନିମନ୍ତେ ଖୋଲିବ ବୋଲି କ୍ଷେତ୍ର ନିର୍ଦ୍ଦେଶକ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ତଥା ଆଂଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରୁ ଜଣାପଡିଛି । ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ଶିମିଳିପାଳ ଅଭୟାରଣ୍ୟ ମଧ୍ୟକୁ ପର୍ଯ୍ୟଟକମାନଙ୍କ ପ୍ରବେଶ ନିମନ୍ତେ ବାରିପଦା ଓ ଯଶୀପୁର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟାଳୟରୁ ଅନୁମତି ମିଳିପାରିବ । ଏଥି ସହିତ ପ୍ରତ୍ୟେକ ଦିନ ପିଠାବଟା ରେଞ୍ଜର ଲୁଲୁଙ୍ଗ ଫାଟକ ଦେଇ ୨୫ ଗୋଟି ଓ ଯଶୀପୁରର କାଳିଆଣି ଫାଟକ ମଧ ଦେଇ ୩୫ ଗୋଟି ଚାରିଚକିଆ ଯାନର ପ୍ରବେଶ ନିମନ୍ତେ ସର୍ବପ୍ରଥମେ ଆସିଥିବା ଯାନଗୁଡ଼ିକ ମଧ୍ୟରୁ କ୍ରମାନ୍ୱୟ ଅନୁସାରେ ଅନୁମିତି ମିଳିପାରିବ । ଏଥି ନିମନ୍ତେ ପିଠାବଟା ଓ ଯଶିପୁର ବୁକିଂ କାଉଂଟରରେ ପୂର୍ବାହ୍ନ ୬ଟାରୁ ୯ଟା ପର୍ଯ୍ୟନ୍ତ ପ୍ରବେଶ ପତ୍ର ମିଳିପାରିବ । କରୋନା ମାର୍ଗଦର୍ଶିକା ଅନୁପାଳନ ସହିତ ଅଭୟାରଣ୍ୟକୁ ସ୍ୱଚ୍ଛ ନିର୍ମଳ ରଖିବା ଲକ୍ଷ୍ୟ ନେଇ ପର୍ଯ୍ୟଟକମାନେ ଭିତରକୁ ପ୍ରବେଶ ସମୟରେ ନିଜ ସାଥୀରେ ପ୍ଲାଷ୍ଟିକ ସାମଗ୍ରୀ, ମାଦକ ଦ୍ରବ୍ୟ, ଆମିଶ ଆଦି ନେବା ଉପରେ କଟକଣା ଜାରି କରାଯାଇଅଛି । ପର୍ଯ୍ୟଟକମାନେ ପ୍ରବେଶ ସମୟରେ ମାସ୍କ ପରିଧାନ ସହ ସାମାଜିକ ଦୂରତାକୁ ଅନୁପାଳନ ତଥା ପ୍ରଚଳିତ ନିୟମାବଳୀ ଅନୁସାରେ ଫାଟକରେ ଲିଖିତନାମା ଦାଖଲ କରିବେ ଏବଂ ଏହା ଉଲ୍ଲଙ୍ଘନ କଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ । ସେହିପରି ପ୍ରବେଶ ଓ ପ୍ରସ୍ଥାନ ବେଳେ ଫାଟକରେ ସେମାନଙ୍କର ଯାନ, ଜିନିଷପତ୍ର ସହିତ ସେମାନଙ୍କୁ ଯାଂଚ୍ କରାଯିବ । ଅପରାହ୍ନ ୩ଟା ପୂର୍ବରୁ ଯୋରନ୍ଦା ଓ ବରେହିପାଣି ଜଳପ୍ରପାତ ଏବଂ ୪ଟା ପୂର୍ବରୁ ଚହଲା ଛାଡ଼ିବାକୁ ହେବ । ପର୍ଯ୍ୟଟକମାନେ ଅଭୟାରଣ୍ୟ ମଧ୍ୟରୁ ସେମାନଙ୍କର ପ୍ରସ୍ଥାନ ସମୟ ଏପରି ସ୍ଥିର କରିବେ ଯେପରି ଅପରାହ୍ନ ୫ଟା ମଧ୍ୟରେ ପିଠାବଟା, ତୁଳସୀବଣି ଓ କାଳିଆଣି ତନଖି ଫାଟକକୁ ଅତିକ୍ରମ କରିପାରିବେ । କୌଣସୀ କାରଣବଶତଃ ଅଭୟାରଣ୍ୟ ମଧ୍ୟରେ ଯାନ ଖରାପ ହେଲେ ପର୍ଯ୍ୟଟକମାନଙ୍କୁ ବାରିପଦା ଓ ଯଶିପୁର ବସଷ୍ଟାଣ୍ଡକୁ ସ୍ଥାନାନ୍ତରିତ କରାଇବା ନିମନ୍ତେ ଅଗ୍ରୀମ ଭାବେ ୪ ହଜାର ଟଙ୍କା ଜମା ଦେବାକୁ ହେବ । ଏଥି ନିମନ୍ତେ ଯାନ ଚାଳକ ପ୍ରସ୍ତୁତ ରହିବେ । ଅଭୟାରଣ୍ୟ ମଧ୍ୟକୁ ପର୍ଯ୍ୟଟକମାନଙ୍କୁ ନେଇଯାଇଥିବା ଯାନ ବଳବତର ରହିଥିବା ନିୟମାବଳୀକୁ ଯଦି ଦ୍ୱିତୀୟ ଥର ନିମନ୍ତେ ଉଲ୍ଲଙ୍ଘନ କରୁଥିବେ । ତେବେ ତାଙ୍କୁ ପରବର୍ତ୍ତି ସମୟରେ ପ୍ରବେଶ ନିମନ୍ତେ ଅନୁମତି ମିଳିପାରିବ ନାହିଁ । ଚଳିତ ବର୍ଷ ଅଭୟାରଣ୍ୟ ମଧ୍ୟରେ ପର୍ଯ୍ୟଟକମାନଙ୍କର ରାତ୍ରି ରହଣି ନିମନ୍ତେ ବଫର ଏରିଆର ଜାମୁଆଣି, କୁମାରୀ, ରାମତୀର୍ଥ, ଗୁଡ଼ଗୁଡ଼ିଆ ଆଦି ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ବ୍ୟବସ୍ଥା ଯୋଗାଇ ଦିଆ ଯାଉଥିବା ବେଳେ କୁଆଁରୀଗାଁ ନିକଟରେ ବାଉଁଶରେ ନିର୍ମିତ କଟେଜର ବ୍ୟବସ୍ଥା କରାଯାଇଅଛି । ଏଥି ନିମନ୍ତେ ପର୍ଯ୍ୟଟକମାନଙ୍କୁ ୱେବସାଇଟରେ ଅଗ୍ରୀମ ଆରକ୍ଷଣ କରାଇବାକୁ ପଡ଼ିବ । ଭ୍ରମଣ ପାଇଁ ଶିମିଳିପାଳ ଅଭୟାରଣ୍ୟ ଖୋଲିବାର ନିଷ୍ପତିକୁ ମଝିରେ ମଝିରେ ଶିମିଳିପାଳ କର୍ତ୍ତୃପକ୍ଷଙ୍କ ଦ୍ୱାରା ତଦାରଖ କରାଯିବ ଓ ପାରିପାର୍ଶ୍ୱିକ ଅବସ୍ଥାକୁ ନଜରକୁ ନେଇ ପରବର୍ତି ନିଷ୍ପତି ନିଆଯିବ । ପୁଣି ଅଭୟାରଣ୍ୟକୁ ପ୍ରବେଶ ସମୟରେ ପର୍ଯ୍ୟଟକମାନେ ପ୍ରତ୍ୟେକ ଯାନରେ ଜଣେ ଲେଖାଏଁ ଗାଇଡ଼କୁ ସାଥୀରେ ନେବା ବାଧତାମୂଳକ ବୋଲି କ୍ଷେତ୍ର ନିର୍ଦ୍ଦେଶକ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ତଥା ଆଂଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଧିବଦ୍ଧ ଭାବେ ଏକ ନିର୍ଦ୍ଦେଶନାମା ଜାରି କରାଯାଇଥିବାର ଜଣାପଡ଼ିଛି ।

# ଅସହାୟ ବାଳକ କୁ ଉଦ୍ଧାର କଲେ ଯୁବକ

ମାଲକାନଗିରି,୨୯।୧୦ (ନି.ପ୍ର): ଭଲକାମ କରିବାର ମାନସିକତା ସମସ୍ତଙ୍କ ଭିତରେ ରହିବା ନିହାତି ଜରୁରୀ । କେବଳ ନିଜ କଥା କିମ୍ବା ନିଜ ପରିବାର କଥା ଚିନ୍ତାକଲେ ହବନି । ଅନ୍ୟ ମାନଙ୍କ ପାଇଁ ଆମକୁ ଅନେକ କିଛି କରିବାକୁ ପଡିବ । ବାସ୍ ଏଇ ସଂକଳ୍ପ ନେଇ ଜଣେ ଅସହାୟ ଲୋକ ଙ୍କୁ ଉଦ୍ଧାର କରି ନିରାପଦ ସ୍ଥାନ ରେ ନେଇ ରଖିଛନ୍ତି କିଛି ଯୁବକ । ରାସ୍ତା କଡ଼ରରେ ପଡିଥିଲେ ପାର୍ବଣ ଋତୁ ଥିବାରୁ ଶହ ଶହ ଗାଡି ମୋଟର ଯିବା ଆସିବା କରୁଛି ହେଲେ କାହାରି ନଜରରେ ଆସିନଥିଲା କି କେହି ସ ହୃଦୟ ରେ ସାହାଯ୍ୟ କରିବାକୁ ଚାହୁଁନ ଥିଲେ ।ତେବେ ସେହି ରାସ୍ତା ଦେଇ କିଛି ଯୁବକ ବାଇକ ଯୋଗେ ଆସୁଥିବା ବେଳେ ତାଙ୍କୁ ଉଦ୍ଧାର କରି ନିରାପଦ ସ୍ଥାନ କୁ ନେଇଯିବା ଦେଖିବାକୁ ମିଳିଥିଲା । ତେବେ ଆମେ ଏହିବାଳକ ବିଷୟରେ ରେ ଅନେକ ସମୟ ଧରୀ କିଛି ଲୋକ କୁ ପଚାରି ବାରୁ ଜଣା ପଡିଛି କି ଏହି ବାଳକର ନାମ ରାହୁଲ ଓ ଘର ଏମପିଭି ୮୧ ଗ୍ରାମରେ । ଏହି ପିଲା ଟିର ବାପା ମା ନାହାନ୍ତି ଓ ପିଲାଟି କିଛି ବର୍ଷ ଧରି ପାଗଳ ପ୍ରାୟ ହୋଇ ଏଣେ ତେଣେ ବୁଲୁ ଥିବା ଜଣାପଡିଛି । ଶୀତ ରେ ଦେହରେ କିଛି ଲୁଗାପଟା ନଥିଲା ଏବଂ ଏହି ପିଲା ଟି ଏମପିଭି ୮୧ ଗାଁ ମଶାଣି ନିକଟ ଜାତୀୟ ରାଜପଥ ଉପରେ ଶୋଇଥିବା ଅବସ୍ଥାରେ ଦେଖି କିଛି ସହୃଦୟ ଯୁବକ ଉଦ୍ଧାର କରି ଥିବା ଜଣାପଡିଛି ।

# ବସୁନ୍ଧରା ଯୋଜନାରେ ୪୮ ଜଣ ଭୂମିହୀନଙ୍କୁ ପଟ୍ଟା ବଣ୍ଟନ

କେନ୍ଦ୍ରାପଡ଼ା,୨୯।୧୦ (ନି.ପ୍ର): କେନ୍ଦ୍ରାପଡା ତହସିଲ ଅନ୍ତର୍ଗତ ବିଭିନ୍ନ ପଂଚାୟତ ରେ ଭୂମିହୀନ ମାନଙ୍କୁ ବସୁନ୍ଧରା ଯୋଜନାରେ ପଟ୍ଟା ବଣ୍ଟନ କରାଯାଇ ଥିବା ଜଣାପଡିଛି । ରାଜ୍ୟ ସରକାର ଭୂମିହୀନ ନାଗରିକଙ୍କ ପାଇଁ ବସୁନ୍ଧରା ଯୋଜନା କାର୍ଯ୍ୟକାରୀ କରିଥିବା ବେଳେ ଏହି ଯୋଜନା ଅନ୍ତର୍ଗତ ୪୮ ଜଣ ଭୂମିହୀନଙ୍କୁ ପଟ୍ଟା ବଣ୍ଟନ କରାଯାଇଛି । କେନ୍ଦ୍ରାପଡା ତହସିଲ ଅଧିନ କପାଳେଶ୍ୱର, କୁତରଙ୍ଗ, ବାରୋ ପ୍ରଭୃତି ପଂଚାୟତ ର ଏହି ବ୍ୟକ୍ତି ମାନଙ୍କୁ ବୁଧବାର ପୂର୍ବାହ୍ନରେ ତହସିଲ ପକ୍ଷରୁ ପଟ୍ଟା ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ତହସିଲଦାର ହେମଲତା ବାହାଲିଆ ଆଡିସନ୍ୟାଲ ତହସିଲଦାର ନମିତା ବାରିକ, ରେକର୍ଡ କିପର ପ୍ରଶାନ୍ତ ସ୍ୱାଇଁ ଓ ଅମୀନ ସୁକଦେବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ରହ୍ମପୁରରେ ମାସ୍କ ନ ପିନ୍ଧିବାରୁ ଗତ ୨୪ ଘଂଟାରେ ୯୩ ଜଣଙ୍କୁ ଜୋରିମାନା

ଭୁବନେଶ୍ୱର,୨୯।୧୦ (ନି.ପ୍ର): ବ୍ରହ୍ମପୁରରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିବା କାରଣରୁ ୯୩ ଜଣଙ୍କୁ ଜୋରିମାନା କରା ଯାଇଛି । ବ୍ରହ୍ମପୁର ଏସପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ଏହା ବାଦ ଏହି ସମୟ ମଧ୍ୟରେ ବିଭିନ୍ନ କାରଣରୁ ୬ଟି ମାମଲା ରୁଜୁ ହୋଇଥିବା ବେଳେ ୩୩ ଜଣଙ୍କୁ ଗିରଫ କରା ଯାଇଥିବା ସେ ସୂଚନା ଦେଇଛନ୍ତି ।

# ପିଆଜ ଦର ବୃଦ୍ଧି ବିରୋଧରେ ସିପିଆଇର ବିକ୍ଷୋଭ

ଭୁବନେଶ୍ୱର,୨୯।୧୦ (ନି.ପ୍ର): ଅହେତୁକ ପିଆଜ ଓ ଅତ୍ୟାବଶ୍ୟକ ଖାଉଟି ସାମଗ୍ରୀର ଦର ବୃଦ୍ଧି ବିରୋଧରେ ଗତକାଲି ରାଜଧାନୀ ଭୁବନେଶ୍ୱରଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଅଶୋକନଗରଠାରେ ରାସ୍ତାରୋକ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଗତକାଲି ପୂର୍ବାହ୍ନରେ ଶତାଧିକ ସିପିଆଇ କର୍ମୀ ହାତରେ ପ୍ଲାକାର୍ଡ ଓ ବେକରେ ପିଆଜ ମାଳ ପକାଇ ରାଜ୍ୟଦପ୍ତର ଭଗବତୀ ଭବନଠାରୁ ଏକ ଶୋଭାଯାତ୍ରାରେ ବାହାରି ଅଶୋକନଗରଠାରେ ରାସ୍ତାରୋକ ଓ ବିକ୍ଷୋଭ କରିଥିଲେ । ସେଠାରେ ବିକ୍ଷୋଭକାରୀଙ୍କୁ ସିପିଆଇ ଜୋନାଲ କମିଟି ସମ୍ପାଦକ ସୁର ଜେନା, ଏଆଇଟିୟୁସି ଜାତୀୟ ପରିଷଦ ସଭ୍ୟ ଜୟନ୍ତ ଦାସ ଉଦ୍‌ବୋଧନ ଦେଇ କହିଥିଲେ ମହାମାରୀ କରୋନା ସମୟରେ ଗରିବ, ଶ୍ରମିକ ଓ ମଧ୍ୟବିତ ଲୋକେ କାମଧନ୍ଦା ଏବଂ କର୍ମସଂସ୍ଥାନ ହରାଇ ଜୀବନ ଓ ଜୀବିକା ପାଇଁ ସଂଘର୍ଷ କରୁଥିବାବେଳେ ବାରମ୍ବାର ନିତ୍ୟ ଖାଦ୍ୟସାମଗ୍ରୀ ଡାଲି, ଆଳୁ, ତେଲ ଓ ପିଆଜର ଦର ବୃଦ୍ଧି କରି ଗରିବ ମଧ୍ୟବିତମାନଙ୍କ ଭାତ ଥାଳିରେ ଗୋଇଠା ମାରିବା ସହ ସମାନ ହୋଇଛି । ତୁରନ୍ତ ରାଜ୍ୟ ଓ କେନ୍ଦ୍ର ସରକାର ପିଆଜ, ଆଳୁ, ତେଲକୁ କଂଟ୍ରୋଲସାମଗ୍ରୀଭୁକ୍ତ କରି ସରକାରୀ ଦୋକାନ ଓ କଂଟ୍ରୋଲ ଆକାରରେ ଯୋଗାଇଦେବା ସହ ଯୁଦ୍ଧକାଳୀନ ଭିତିରେ ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ କହିଥିଲେ । ଯଦି ସରକାର, ପ୍ରଶାସନ ଏ ଦିଗରେ ପଦକ୍ଷେପ ନ ନିଅନ୍ତି ତେବେ ଆଗାମୀଦିନରେ ଉଭୟ ସରକାର ଓ ପ୍ରଶାସନକୁ ଅଚଳ କରିଦିଆଯିବ ବୋଲି ଶ୍ରୀ ଜେନା ଚେତାବନୀ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କୈଳାସ ପୁହାଣ, ଛେତମ୍ବର ଭୋଇ, ସୁଷମା ଭୋଇ, ଡାକ ହେମ୍ବ୍ରମ୍, ଶରତ ସ୍ୱାଇଁ, ଲୋକନାଥ ଭୋଇ ପ୍ରମୁଖ ବିକ୍ଷୋଭ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ ।

# ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋ ତଥା ସ୍ନାତକୋତର ପରୀକ୍ଷା ଫଳ ପ୍ରକାଶିତ

ଜୟପୁର,୨୯।୧୦ (ନି.ପ୍ର): ଜୟପୁର ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋ ତଥା ସ୍ନାତକୋତର ପରୀକ୍ଷା ଫଳ ବୁଧବାର ପ୍ରକାଶିତ ହୋଇଛି । କୋଭିଡ ଯୋଗୁଁ ପରୀକ୍ଷା ବିଳମ୍ବରେ ହୋଇଥିବା ବେଳେ ପରୀକ୍ଷା ଫଳ ମଧୟ ବିଳମ୍ବରେ ବାହାରିଛି । ଶେଷ ବର୍ଷ ସ୍ନାତକର କଳା ବିଭାଗରେ ଶତକଡା ୯୪ ପ୍ରତିଶତ ହୋଇଥିବା ବେଳେ ବିଜ୍ଞାନ ବିଭାଗରେ ଉତୀର୍ଣ୍ଣ ହାର ୯୭ ପ୍ରତିଶତ ଏବଂ ବାଣିଜ୍ୟ ବିଭାଗରେ ଉତୀର୍ଣ୍ଣ ହାର ୯୭ ପ୍ରତିଶତ ହୋଇଛି । ସ୍ନାତୋକରେ କଲେଜ ଟପ୍ପର ବିଭୁପ୍ରସାଦ ନେପାକ ହୋଇଥିବା ବେଳେ ସ୍ନାତୋକୋତରରେ ଆଲିସମିତା ପାଣ୍ଡିଆ ଟପ୍ପର ହୋଇ କଲେଜର ନାମ ରଖିଛନ୍ତି । ସେହିପରି ସ୍ନାତକୋତରରେ ଉଦ୍ଭିଦ ବିଜ୍ଞାନ ବିଭାଗ ୧୦୦ ପ୍ରତିଶତ, ରାସାୟନ ବିଜ୍ଞାନ ୯୩ ପ୍ରତିଶତ, ବୈଷୟିକ ବିଜ୍ଞାନ ବିଭାଗ ୮୯ ପ୍ରତିଶତ, ଗଣିତ ବିଭାଗ ୧୦୦ ପ୍ରତିଶତ, ପଦାର୍ଥ ବିଜ୍ଞାନ ବିଭାଗ ୧୦୦ ପ୍ରତିଶତ, ପ୍ରାଣୀ ବିଜ୍ଞାନ ବିଭାଗ ୧୦୦ ପ୍ରତିଶତ, ଅର୍ଥନିତି ବିଭାଗ ୯୨ ପ୍ରତିଶତ, ଇଂରାଜି ବିଭାଗ ବିଭାଗ ୯୪ ପ୍ରତିଶତ, ଇତିହାସ ବିଭାଗ,୮୪ ପ୍ରତିଶତ, ଓଡିଆ ବିଭାଗ୧୦୦ ପ୍ରତିଶତ, ଦର୍ଶନଶାତ୍ର ବିଭାଗ ୧୦୦ ପ୍ରତିଶତ, ରାଜନୀତି ବିଜ୍ଞାନ ୯୨ ପ୍ରତିଶତ, ସମାଜ ବିଜ୍ଞାନ ବିଭାଗ ୧୦୦ ପ୍ରତିଶତ, ବାଣିଜ୍ୟ ବିଭାଗ ୧୦୦ ପ୍ରତିଶତ, ଏମପି ଏମପିଏମଆଇଆର ବିଭାଗ ୧୦୦ ପ୍ରତିଶତ ପାସ ହୋଇଛନ୍ତି । ଉତମ ସ୍ନାତକୋତର ଅର୍ଥନୀତିରେ ଶୁଭଶ୍ରୀ ପାତ୍ର ୧୪୫୬ ମାର୍କ ରଖିଥିବା ବେଳେ ଇଂରାଜୀରେ ଶ୍ରୁତି ଭଟ୍ଟ ମିଶ୍ର ୧୩୬୮, ଇତିହାସରେ ସମୁନ ବେବ୍ରତା ୧୪୪୧ ମାର୍କ ରଖିଥିବା ବେଳେ ଓଡିଆରେ ଦିପିକା ନାୟକ ୧୫୯୧ ମାର୍କ ରଖିଥିବା ବେଳେ ଦର୍ଶନଶାସ୍ତ୍ରରେ ରଜନି କାନ୍ତା ସିଚୁଆନ ୧୪୯୪, ରାଜନୀତି ବିଜ୍ଞାନ ଦିପିକା ସାମନ୍ତରାୟ ୧୫୧୮ ମାର୍କ ରଖିଛନ୍ତି । ସେହିପରି ବାଣିଜ୍ୟରେ ହାତିମା ବେଗୁମ ୧୫୨୫ ମାର୍କ ରଖିଥିବା ବେଳେ ଏମପିଏମଆଇଆର ସସ୍ମିତା ପାତ୍ର ୧୪୮୬, ଉଭିଦ ବିଜ୍ଞାନରେ ବିଜୟ ଲକ୍ଷ୍ମୀ ନାୟକ ୧୭୨୧, ପଦାର୍ଥ ବିଜ୍ଞାନରେ ଲିପା ମହାନ୍ତି ୧୬୫୬ ବୈଷୟିକ ବିଜ୍ଞାନ ଏ. କ୍ରିଷ୍ଣା ୧୫୯୩, ଗଣିତ ବିଭାଗରେ ବିବି ସାହାସଲମା ୧୭୩୫, ପଦାର୍ଥ ବିଜ୍ଞାନ ସଂଯୁକ୍ତା ନାୟକ ୧୭୧୩, ପ୍ରାଣି ବିଜ୍ଞାନ ଆଲେସ୍ମିତା ପାଣ୍ଡିଆ ୧୭୫୩ ମାର୍କ ରଖି ଉତୀର୍ଣ୍ଣ ହୋଇଛନ୍ତି । ସେହିପରି ସ୍ନାତୋକତରେ ଉଦ୍ଭିଦ ବିଜ୍ଞାନରେ ପ୍ରଣତି ପରିଡା ୨୦୧୬ ମାର୍କ ରଖିଥିବା ବେଳେ ରାସାୟନିକ ବିଜ୍ଞାନ କୌଶିକ ମିଶ୍ର ୨୦୩୩ ମାର୍କ ରଖିଥିବା ବେଳେ ବୈଷୟିକ ବିଜ୍ଞାନ ବେଭି ରେଡ୍ଡି ତ୍ରିଦେବ୧୯୮୯ ମାକ ରଖିଥିବା ବେଳେ ଗଣିତ ଶ୍ରିୟାରାଣି ପଣ୍ଡା୧୯୯୨ ମାର୍କ ରଖିଥିବା ବେଳେ ପଦାର୍ଥ ବିଜ୍ଞାନ ବିଭୁ ପ୍ରସାଦ ନେପାକ୨୦୬୧ ମାର୍କ ରଖିଥିବା ବେଳେ ପ୍ରାଣି ବିଜ୍ଞାନରେ ଶୁଭସ୍ୱତା ମହାରଣା୨୦୪୧ ମାର୍କ ରଖିଛନ୍ତି । ସେହିପରି କଳା ବିଭାଗର ଅର୍ଥନିତିରେ ବୃନ୍ଦା ବୋଡା୧୭୩୬ ମାର୍କ ରଖିଥିବା ବେଳେ ଇଂରାଜୀରେ ଉଷାଶ୍ରୀ ମିଶ୍ର୧୮୪୮ ମାର୍କ ରଖିଥିବା ବେଳେ ଇତିହାସ ମୋହିନି ବିଷୋୟୀ୧୭୫୨ ମାର୍କ ରଖିଥିବା ବେଳେ ଓଡିଆରେ ସନ୍ତୋଷ ମିତା ମାଝି ୧୭୭୮ ମାର୍କ ରଖିଥିବା ବେଳେ ଦର୍ଶନପାତ୍ର ସିଲତ ବେହେରା୧୯୨୯ ମାର୍କ ରଖିଥିବା ବେଳେ ରାଜନିତି ବାଁଜ୍ଞାନ ରେ ମିତା ସତପଥି୧୮୫୪ ମାର୍କ ରଖିଥିବା ବେଳେସମାଜ ବିଜ୍ଞାନରେ ସନ୍ଧ୍ୟାରାଣି ପାତ୍ର୧୭୯୮ ମାର୍କ ରଖିଛନ୍ତି । ସେହିପରି ୯୫ ପ୍ରତିଶଥ ପରୀକ୍ଷାର୍ଥି ପାସ୍ ହୋଇଥିବା ବେଳେ ବିସିଏରେ ୯୬ ପ୍ରତିଶତ ପାସ ହୋଇଛନ୍ତି । ବିବିଏରେ ଆକୁପାଲି ଡିମ୍ପଲ୧୯୦୧ ମାର୍କ ମାର୍କ ଟପ୍ପର ହୋଇଥିବା ବେଳେ ବିସିଏ ରେ ମାନିସା ଦାସ୧୯୭୦ ମାର୍କ ରଖି ଟପ୍ପର ହୋଇଥିବା ବିଷୟ କଲେଜ ଅଧ୍ୟକ୍ଷ ଗୋପାଳ ହଲଦାର ପ୍ରକାଶ କରିଛନ୍ତି ।

# ଖାଦ୍ୟରେ ନିଶା ଦେଇ ପରପୁରୁଷ ସହ ସମ୍ପର୍କ ରଖିବାକୁ ବାଧ କରୁଥିଲେ ସ୍ୱାମୀ

## ଝିଅକୁ ଧରି କୂଅକୁ ଡ଼େଇଁଲେ ମହିଳା : ଝିଅ ମୃତ, ମା ଗୁରୁତର

ଗଞ୍ଜାମ,୨୯।୧୦ (ନି.ପ୍ର): ପାରିବାରିକ କଳହକୁ କେନ୍ଦ୍ର କରି ଝିଅକୁ ଧରି କୂଅକୁ ଡ଼େଇଁଲା ମା । ଘଟଣାରେ ଝିଅର ମୃତ୍ୟୁ ଘଟିଥିବା ବେଳେ ମାଆ ଗୁରୁତର ଭାବେ ଆହତ ହୋଇ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଚିକିତ୍ସାଧିନ ଥିବା ଜଣାପଡିଛି । ଗତକାଲି ବିଳମ୍ବିତ ରାତିରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଯାଇଛି ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସହରରେ । ସୂଚନା ଅନୁଯାୟୀ, ବଡ଼ ବଜାର ଥାନା ଅନ୍ତର୍ଗତ ଶ୍ରୀରାମନଗର ଅଂଚଳର ମାଆ ବିଜୟଲକ୍ଷ୍ମୀ ସାହୁ ୩ ବର୍ଷର ଝିଅକୁ ଧରି କୂଅକୁ ଡେଇଁ ପଡିଥିଲେ । ବିଜୟ ଲକ୍ଷ୍ମୀ ତାଙ୍କ ସ୍ୱାମୀଙ୍କ ବିରୋଧରେ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି । ସେ ତାଙ୍କୁ ନିଶା ଦେଇ ପରପୁରୁଷ ସହିତ ଶାରିରୀକ ସମ୍ପର୍କ ରଖିବାକୁ ବାଧ କରୁଥିଲେ । ଏପରିକି ତିନି ବର୍ଷର ଝିଅ ମଧ ଏହି ନିର୍ଯାତନାରୁ ବାଦ୍ ପଡିନଥିଲା ବୋଲି ସେ କହିଛନ୍ତି । କୁନି ଝିଅକୁ ମଧ ଯୌନ ନିର୍ଯ୍ୟାତନା ଦିଆଯାଇଥିବା ସେ କହିଛନ୍ତି । ୨୦୧୪ ମସିହାରେ ଶ୍ରୀରାମନଗର ବିଜୟଲକ୍ଷ୍ମୀ ସାହୁ ବିବାହ କରିଥିଲେ ବ୍ରହ୍ମପୁର ବଡ ବଜାର ଥାନା ଅନ୍ତର୍ଗତ ବାଟୁଆରୀ ସାହିର ସୀମାଚଂଳ ସାହୁଙ୍କୁ । ଇତିମଧ୍ୟରେ ସେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ । ଝିଅ ଜନ୍ମ ହେବା ପର ଠରୁ ଅନେକ ସମୟରେ ପତିପତ୍ନୀଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା । ମାଆ ଝିଅ ଗୋଟିଏ କୋଠରୀରେ ଶୋଉଥିବା ବେଳେ ଉଭୟଙ୍କୁ ଖାଦ୍ୟରେ ନିଶା ମିଶାଇ ଦିଆଯାଉଥିଲା । ମାଆ ଝିଅଙ୍କ ଉପରେ ନିର୍ଯାତନା ଅସହ୍ୟ ହେବାରୁ ବିଜୟଲକ୍ଷ୍ମୀ କିଛି ଦିନ ହେଲା ଶାଶୁ ଘର ଛାଡି ବାପଘର ଶ୍ରୀରାମନଗର ଚାଲି ଯାଇଥିଲେ । ସେ ଏନେଇ ପୂର୍ବରୁ ବ୍ରହ୍ମପୁର ମହିଳା ଥାନାରେ ଅଭିଯୋଗ କରିବା ସହ ଗଞ୍ଜାମ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ମହିଳା ଥାନାରେ ଏ ବାବଦରେ ଜଣାଇଥିଲେ ସୁଦ୍ଧା ତାଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯାଇନଥିବା ସେ କହିଛନ୍ତି । ଗତକାଲି ପୁଣି ଥରେ ତାଙ୍କ ସ୍ୱାମୀ ସୀମାଚଂଳ ଶ୍ରୀରାମନଗର ଆସି କିଛି ଭିଡ଼ିଓ ଦେଖାଇ ତାଙ୍କୁ ବ୍ଲାକମେଲିଂ କରିଥିଲେ । ଏହାର କିଛି ସମୟ ପରେ ବିଜୟ ଲକ୍ଷ୍ମୀ ଘରର କବାଟ ବନ୍ଦ କରି ଝିଅକୁ ଧରି କୂଅକୁ ଡ଼େଇଁ ପଡିଥିଲେ । ସାହିର ଲୋକମାନେ ଗୁରୁତର ଅବସ୍ଥାରେ ମାଆଝିଅଙ୍କୁ ଉଦ୍ଧାର କରିବା ସହ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତି କରିଥିଲେ । ସେଠାରେ ଝିଅକୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ବିଜୟଲକ୍ଷ୍ମୀ ଚିକିତ୍ସାଧିନ ରହିଛନ୍ତି । ମହିଳା ଥାନା ଅଧିକାରୀ ଅଞ୍ଜଳି ବିଶ୍ୱାଳ କହିଛନ୍ତି, ବିଜୟଲକ୍ଷ୍ମୀଙ୍କ ଅଭିଯୋଗ ଆଧାରରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ।

# ଅତିରିକ୍ତ ଏସ୍‌ପିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଭଦ୍ରକ,୨୯।୧୦ : ଭଦ୍ରକର ଅତିରିକ୍ତ ଏସ୍‌ପି କୈଳାସ ଚନ୍ଦ୍ର ପରିଡାଙ୍କୁ ଭଦ୍ରକର ଅଗ୍ରଣୀ ସାମାଜିକ ସଂଗଠନ ଫେଲୋସିପ୍ ପରିବାର ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆ ଯାଇଛି । ଭଦ୍ରକ ୱାନ୍ ଷ୍ଟପ୍ ସେଣ୍ଟର ପରିସରରେ ଅନୁଷ୍ଠିତ ଏକ ସଭାରେ ଫେଲୋସିପ୍‌ର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି ଅଧ୍ୟକ୍ଷତା କରିଥିଲେ । ଏଥିରେ ଅତିଥି ଭାବେ ଯୋଗ ଦେଇ ଅନ୍ୟତମ ଅତିରିକ୍ତ ଏସ୍‌ପି ବିକାଶ ଦାଶ କହିଥିଲେ କି ସେ ଜଣେ ଉତ୍ତମ ସହଯୋଗୀଙ୍କ ସହଯୋଗ ପାଇବାରୁ ବଞ୍ଚିତ ହେବେ । ଭଦ୍ରକର ଆଇନ ଶୃଙ୍ଖଳା ପରିସ୍ଥିତିକୁ ମୁକାବିଲା କରିବାରେ ବନ୍ଧୁ ଅନ୍ୟତମ ଅତିରିକ୍ତ ଏସପି ଶ୍ରୀଯୁକ୍ତ ପରିଡାଙ୍କ ସହଯୋଗ ଅବର୍ଣ୍ଣନୀୟ । ଶ୍ରୀଯୁକ୍ତ ପରିଡା ଜଣେ ଦକ୍ଷ ପୁଲିସ ଅଧିକାରୀ ଭାବେ କର୍ତ୍ତବ୍ୟ ପ୍ରତି ସଦା ସର୍ବଦା ଯତ୍ନଶୀଳ ଥିଲେ ବୋଲି କହିଥିଲେ । ଅନ୍ୟତମ ଅତିଥି ଟାଉନ ଥାନା ଆଇ ଆଇଆଇସି ଚନ୍ଦନ ଘଡେଇ ତାଙ୍କ ବକ୍ତବ୍ୟରେ ଶ୍ରୀଯୁକ୍ତ ପରିଡାଙ୍କ ଭଳି ଜଣେ ଜ୍ଞାନୀଗୁଣୀ ଅଫିସରଙ୍କ ଅଧିନରେ କାର୍ଯ୍ୟ କରିବା ଖୁବ୍ କମ୍ ଲୋକଙ୍କ ଭାଗ୍ୟରେ ମିଳିଥାଏ । ପୁଲିସ ଆଇନ କାନୁନ ସମ୍ପର୍କରେ ଶ୍ରୀଯୁକ୍ତ ପରିଡାଙ୍କର ଅଗାଧ ଜ୍ଞାନ ତଳିଆ ଅଧିକାରୀଙ୍କ ପାଇଁ ମାର୍ଗଦର୍ଶନ କରାଇଥାଏ ବୋଲି କହିଥିଲେ । ଫେଲୋସିପ୍‌ର ସମ୍ପାଦକ ଫାରୁକ୍ ଭାଇ ଶ୍ରୀଯୁକ୍ତ ପରିଡାଙ୍କ ଫେଲୋସିପ୍ ପ୍ରତି ରହିଥିବା ଭଲ ପାଇବା ଅବସର ପରେ ମଧ୍ୟ ଜାରି ରହିବ ବୋଲି ଆଶାବ୍ୟକ୍ତ କରିଥିଲେ । ସମ୍ବର୍ଦ୍ଧନାର ପ୍ରତ୍ୟୁତ୍ତରରେ ଶ୍ରୀଯୁକ୍ତ ପରିଡା ଭଦ୍ରକବାସୀଙ୍କ ଭଲପାଇବା, ଫେଲୋସିପ୍ ସହିତ ସମ୍ପର୍କ ତାଙ୍କ ପାଇଁ ଅଭୁଲା ହୋଇ ରହିବ । ଫେଲୋସିପ୍ ପକ୍ଷରୁ ବିଭିନ୍ନ ସମୟରେ କର୍ମଶାଳା ଆୟୋଜନ କରି ଅନ୍ୟମାନଙ୍କ ଦିଗ୍‌ଦର୍ଶନ ଦେବାରେ ସେ ପୂର୍ଣ୍ଣ ସହଯୋଗ ରଖିବେ ବୋଲି ପ୍ରତିତି ଦେଇଥିଲେ । ଶେଷରେ ଅଧକ୍ଷ ଶ୍ରୀ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୨୮ ଜଣଙ୍କଠାରୁ ଜୋରିମାନା

ଭୁବନେଶ୍ୱର,୨୯।୧୦ (ନି.ପ୍ର) : କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୨୮ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୫୧୭ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୫୬୨ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

# ବାରିପଦା ଟାଉନ ଥାନାରେ ଶହୀଦ ଫଟୋ ଗ୍ୟାଲେରୀ ଉଦ୍‌ଘାଟିତ



ବାରିପଦା ,୨୯।୧୦ (ନି.ପ୍ର): ଅକ୍ଟୋବର ୨୨ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଶହୀଦ ସପ୍ତାହ ପାଳନ ଅବସରରେ ଓଡିଶାର ପୋଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟର ପ୍ରତି ଥାନାରେ ସେହି ଥାନାରେ କାର୍ଯ୍ୟରତ ଥାଇ ଶହୀଦ ହୋଇଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ଏକ ଫୋଟ ଗ୍ୟାଲେରି ପ୍ରତିଷ୍ଠା କରାଯିବା ଅବସରରେ ଆଜି ବାରିପଦା ଟାଉନ ଥାନା ପରିସରରେ ଶହୀଦ ହୋଇଥିବା ପୋଲିସ ଅଧିକାରୀ ତଥା କର୍ମଚାରୀ ମାନଙ୍କ ସ୍ମୃତି ଉଦେଶ୍ୟରେ ଏକ ଫୋଟ ଗ୍ୟାଲେରୀ ମୟୂରଭ ଏସ.ପି. ପରମାର ସ୍ମିଥ ପୁରୁଷତ୍ତୋମ ଦାସଙ୍କ କରକୋମଳରେ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ପୂର୍ବତନ ଏ.ଏସ.ଆଇ. ନାରାୟଣ ଚନ୍ଦ୍ର ପ୍ରଧାନ, ପୂର୍ବତନ ହାବିଲଦାର ରାଜେନ୍ଦ୍ର ମହାନ୍ତ, ପୂର୍ବତନ ସିପାହୀ ଗହ୍ମା ହେମ୍ବ୍ରମ ପ୍ରମୁଖ ଶହୀଦ ମାନଙ୍କ ଫୋଟଚିତ୍ରରେ ଏସ.ପି.ଙ୍କ ସମେତ ବାରିପଦା ଟାଉନଥାନା ଅଧିକାରୀ ବିରେନ୍ଦ୍ର କୁମାର ସେନାପତି ଏବଂ ଉପସ୍ଥିତ ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀ ଶ୍ରଦ୍ଧାଳି ଅର୍ପଣ ପୂର୍ବକ ତାଙ୍କର ସ୍ମୃତି ଚାରଣ କରିଥିଲେ । ଶହୀଦ ମାନଙ୍କ ପରିବାର ବର୍ଗ ମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ସହିତ ଏସ.ପି. ଏହୀଦ ମାନଙ୍କର ପରିବାର ବର୍ଗଙ୍କୁ ସେମାନଙ୍କର ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ ।

### ପରକିୟା ପ୍ରୀତିର କରୁଣ ପରିଣତି

# ବିବାହିତ ମହିଳାର ଫଟୋ ଭାଇରାଲ କରି ଯୁବକ ଗିରଫ : ଦୁଇ ପରିବାରର ଅଶାନ୍ତି ତୀବ୍ର

ଜଳେଶ୍ୱର,୨୯।୧୦ (ନି.ପ୍ର): ଜଣେ ବିବାହିତ ଯୁବକ ଅନ୍ୟ ଜଣେ ବିବାହିତ ମହିଳାଙ୍କ ସହିତ ଅନୈତିକ ସଂପର୍କ ସହିତ ମୋବାଇଲରେ ଆପତ୍ତି ଜନକ ଫଟୋ ଉଠାଇ ବ୍ଲାକ ମେଲିଂ କରିବା ଓ ପରେ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିବା ଘଟଣାରେ ଜଳେଶ୍ୱର ପୋଲିସ୍ ଯୁବକ ଜଣକୁ ଗିରଫ କରିଛି । ଅନ୍ୟ ପକ୍ଷରେ ଦୁଇ ପରିବାରର ଅଶାନ୍ତି ତୀବ୍ର ଧାରଣ କରିଥିବା ଜଣାଯାଇଛି । ସୂଚନା ଅନୁଯାୟୀ ଖୁଦିଆ ମାଝିସାହି ପଂଚାୟତର ଅଂଗନୱାଡି କର୍ମୀଙ୍କ ସହିତ ଜଳେଶ୍ୱର ନୂଆବଜାରର ଅଂଚଳର ଜନୈକ ଯୁବକଙ୍କ ସହ ବିବାହ ହୋଇଥିଲା । ଏବେ ତାଙ୍କର ୬/୭ ବର୍ଷର ପୁଅ ମଧ୍ୟ ଅଛନ୍ତି । କିନ୍ତୁ କୌଣସି କାରଣରୁ ଉକ୍ତ ମହିଳାଙ୍କ ସହ ଜଳେଶ୍ୱର ଏକ୍ସିବ୍ୟାଙ୍କର ଜନୈକ କର୍ମଚାରୀ ସହିତ ଚିହ୍ନାଜଣା ହୋଇଥିଲା । ଏହି ଅଭିଯୁକ୍ତ ଯୁବକଙ୍କ ନାମ ବିକ୍ରମ କୁମାର ପ୍ରଧାନ ହୋଇଥିବା ବେଳେ ତାଙ୍କ ଘର ଶିଖରପୁର ପଂଚରାୟତର ଚକହରି ଗ୍ରାମର ବୋଲି ଜଣାଯାଇଛି । ପରେ ଦୁଇଜଣଙ୍କ ମଧ୍ୟରେ ସୋସିଆଲ ମିଡିଆରେ ଫଟୋ ଆଦାନ ପ୍ରଦାନ ଓ ସଂପର୍କ ନିବିଡ ହୋଇଥିଲା । ସ୍ୱାମୀଙ୍କ ଅନୁପସ୍ଥିତରେ ବିକ୍ରମ ନୂଆବଜାର ଆସି ଏହି ମହିଳାଙ୍କ ଅଗୋଚରରେ ଫଟୋ ଅଶ୍ଳିଳ ଉଠାଇବା, ଅଶ୍ଳିଳ କଥାବାର୍ତା କରିବା ଓ ରେକର୍ଡ କରିଥିବା ଜଣାଯାଇଛି । ଉକ୍ତ ମହିଳାଙ୍କ ସଂପର୍କରେ ସ୍ୱାମୀ ଜାଣିବା ପରେ ତାଙ୍କୁ ବାରଣ କରିଥିଲେ । ବିକ୍ରମ ସହିତ ସଂପର୍କ ଛିନ୍ନ କରିବାକୁ ସ୍ୱାମୀ ମହିଳା ଜଣକୁ କହିବାରୁ ବିକ୍ରମ ଏହାଜାଣି ଅଶ୍ଳିଳ ଭିଡିଓ ସ୍ୱାମୀ ନିକଟକୁ ପଠାଇଥିଲେ । ମହିଳା ଜଣକ ବିକ୍ରମ ସହିତ ସୁ-ସମ୍ପର୍କ ରଖିବା ସହିତ ୩୦ଲକ୍ଷ ଟଙ୍କା ନ ଦେଲେ ସୋସିଆଲ ମିଡିଆରେ ଏହା ପ୍ରଚାର କରିବେ ବୋଲି ଧମକ ଦେଇଥିଲେ । ଫଳରେ ମହିଳା ଜଣକ ଥାନାରେ ଅଭିଯୋଗ କରିବାକୁ ୩୪୧/୨୦ରେ ଏକ ମାମଲା ରୁଜୁ ହୋଇଛି । ଦଫା ୩୭୬, ୨୯୪, ୫୦୬ ଓ ୩୮୫ ସହିତ ୬୭ / ୬୭(ଏ) ଆଇପିସି ଅନୁଯାୟୀ ବିକ୍ରମ ଉପରେ ମାମଲା ରୁଜୁ ହେବା ସହ ଡାକ୍ତରୀ ପରୀକ୍ଷାପରେ ତାକୁ କୋର୍ଟ ଚାଲାଣ କରାଯାଇଛି । ଅନ୍ୟପକ୍ଷରେ ବିକ୍ରମ ଜଣେ ବିବାହିତ ଯୁବକ ଓ ତାର ଅଡେଇ ବର୍ଷର ଜଣେ ଝିଅ ରହିଛି । ପିଡିତାଙ୍କୁ ତାଙ୍କ ସ୍ୱାମୀ ଡିଭର୍ସ ଦେବା ନେଇ ପ୍ରସ୍ତୁତି ହୋଇଥିବା ବେଳେ ବିକ୍ରମର ସ୍ତ୍ରୀ ଅନ୍ୟଏକ ମାମଲା ରୁଜୁ କରିବା ନେଇ ପ୍ରସ୍ତୁତ ହେଉଥିବା ଜଣାଯାଇଛି । କିନ୍ତୁ ଏ ସମସ୍ତ ଅଭିଯୋଗକୁ ବିକ୍ରମ ଏଡାଇ ଯାଇଛି ।


# ଉଦଳା ବିଜ୍ଞାପିତ ଅଚଂଳ ପରିଷଦ, ଉଦଳା

ସଂଖ୍ୟା-୧୬୩୪ ତାରିଖ ୨୯.୧୦.୨୦୨୦

ସ୍ୱଚ୍ଛ ଉଦଳା ସୁସ୍ଥ ଉଦଳା

ସ୍ୱଚ୍ଛ ଭାରତ
ଏକ ପାଦ ସ୍ୱଚ୍ଛତା ଆଡକୁ

ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା

## ବିଜ୍ଞପ୍ତି (Notification)

ଏତଦ୍ୱାରା ଉଦଳା ପୌରାଂଚଳରେ ବସବାସ କରୁଥିବା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଯେ ତା ୦୨.୧୦.୨୦୨୦ରିଖଠାରୁ ଉଦଳା ସହରକୁ "ଖୋଲା ଶୌଚମୁକ୍ତ" ଯୁକ୍ତ (ODF+)ସହର ଭାବେ ଘୋଷଣା କରାଯାଇଥିବାରୁ ସହର ମଧ୍ୟରେ ବିଭିନ୍ନ ଖୋଲା ସ୍ଥାନରେ ଯଦି କୌଣସି ବ୍ୟକ୍ତି ମଳତ୍ୟାଗ କିମ୍ବା ପରିସ୍ରା କରୁଥିବାର ଦୃଷ୍ଟି ଗୋଚର ହୁଏ ତେବେ ଉକ୍ତ ବ୍ୟକ୍ତି ବିଶେଷଙ୍କଠାରୁ ନିମ୍ନ ପ୍ରକାର ଜରିମାନା ଆଦାୟ କରାଯିବ ।

୧. ଖୋଲା ସ୍ଥାନରେ ମଳତ୍ୟାଗ ନିମନ୍ତେ- ଟ. ୨୦୦.୦୦ ଙ୍କା

୨.ଖୋଲା ସ୍ଥାନରେ ପରିସ୍ରାତ୍ୟାଗ ନିମନ୍ତେ- ଟ.୫୦.୦୦ଙ୍କା

ନିମ୍ନଲିଖିତ ନିୟମକୁ ବିଧିବଦ୍ଧ ଭାବରେ ପାଳନ କରାଯିବା ପାଇଁ ଉଦଳା ପୌରବାସୀଙ୍କୁ ନିବେଦନ କରାଯାଉଅଛି ।

- ରାସ୍ତାକଡ଼ରେ କିମ୍ବା ରାସ୍ତାରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ ।
- ନିଜ ଘରୁ ବାହାରୁଥିବା ଅଳିଆ ଆବର୍ଜନାକୁ ପୃଥିକରଣ (ଓଦା/ଶୁଖିଲା) କରି ପୌରପାଳିକାର ଆସୁଥିବା ଅଳିଆ ସଂଗ୍ରହ ଗାଡ଼ିକୁ ହସ୍ତାନ୍ତର କରନ୍ତୁ ।
- ନାଳରେ ଅଳିଆ ଆର୍ବଜନା ପକାନ୍ତୁ ନାହିଁ ।
- COVID-19 ର ନିୟମ ମାନି ସାମାଜିକ ଦୂରତା ଏବଂ ମୁହଁରେ ମାସ୍କ ପରିଧାନ କରନ୍ତୁ ।

ଏଣୁ ସମସ୍ତଙ୍କୁ ଅନୁରୋଧ ଘରେ ନିଜେ ତିଆରି କରିଥିବା ଶୌଚାଳୟ ଏବଂ ବିଜ୍ଞାପିତ ଅଂଚଳ ତରଫରୁ ନିର୍ମିତ ହୋଇଥିବା ଶୌଚାଳୟ ଓ ପରିସ୍ରାଗାର ବ୍ୟବହାର କରି ଜରିମାନା ଦେବାରୁ ନିଜକୁ ବଂଚିତ କରନ୍ତୁ ଏବଂ ଉଦଳା ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାରେ ସହଯୋଗ କରନ୍ତୁ ।

"ଖୋଲାରେ ଝାଡ଼ାଯିବା ଦେଶ ପାଇଁ ଲଜ୍ଜା"

ନିର୍ବାହୀ ଅଧିକାରୀ
ଉଦଳା ବିଜ୍ଞାପିତ ଅଂଚଳ ପରିଷଦ, ଉଦଳା


# ସଂଗୀତ ଗୁରୁ ସରୋଜ ମିଶ୍ରଙ୍କ ୯୨ ବର୍ଷ ବୟସରେ ଦେହାନ୍ତ : ଜଳେଶ୍ୱରରେ ଶୋକ

ଜଳେଶ୍ୱର, ୨୯/୧୦ (ନି.ପ୍ର) : ଓଡିଶାର ଜଣେ କ୍ଷାତନାମା ସଂଗୀତ ଗୁରୁ ତଥା ଜଳେଶ୍ୱର ଅଂଚଳରେ ଘରେ ଘରେ ପରିଚିତ ସରୋଜ କୁମାର ମିଶ୍ର ୯୨ ବର୍ଷ ବୟସରେ ରାତ୍ରୀ ୧.୧୦ମି.ରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ସେ ଜଳେଶ୍ୱରର ବ୍ଲକର ରାଜପୁର ପଂଚାୟତ ମିଲିଟାରି ବଜାରରେ ମାର୍ଚ୍ଚ ୧୪, ୧୯୨୮ରେ ଜନ୍ମ ଗ୍ରହଣ କରିଥିଲେ । ବାପା ଭୂପତି ମିଶ୍ର କଟକ ରେଳ ଷ୍ଟେସନ ମାଷ୍ଟର ଥିବାରୁ ସରୋଜ ବାବୁଙ୍କ ବାଲ୍ୟ ଓ ଶୈଶବ ଜୀବନ କଟକରେ କଟିଥିଲା । କଟକର ମିଶନ ହାଇସ୍କୁଲରୁ ମ୍ୟାଟ୍ରିକ ପାସ୍ କରି ବାଲେଶ୍ୱର ଏଫଏମ୍ କଲେଜରୁ ବିକମ୍ ପାସ୍ କରିଥିଲେ । ପରେ ଜମାଲପୁରସ୍ଥିତ ରାୟବାହାଦୁର ବିଶ୍ୱନାଥ ପରିଡା ହାଇସ୍କୁଲରେ କିଛିଦିନ ପାଇଁ ଶିକ୍ଷକତା କରିଥିଲେ । ପରେ ବାରିପଦ ଟାଉନ୍ ୟୁଜିଏମ୍‌ଇରେ ଶିକ୍ଷକତା କରୁଥିବା ବେଳେ ତାଙ୍କର ସ୍ୱକୀୟ ନାଚର ପ୍ରତିଭା ବିକଶିତ ହୋଇଥିଲା । ଓଡିଶୀ ନୃତ୍ୟର ଜଣେ ପ୍ରତିଭାବାନ୍ ବ୍ୟକ୍ତି ଥିଲେ । ଜଳେଶ୍ୱର ସ୍ୱର୍ଣ୍ଣଲେଖା କଳାବିକାଶ କେନ୍ଦ୍ରରେ ଦୀର୍ଘବର୍ଷ ଧରି ଶିକ୍ଷକତା କରିଥିଲେ । ସେ ଜଣେ ମିଷ୍ଟଭାଷୀ, ସୁହୃଦ୍ ବ୍ୟକ୍ତି, କଳାପ୍ରେମୀ, କର୍ତ୍ତବ୍ୟ ପରାୟଣ , ସଂଗଠକ ଓ ଅନୁଷ୍ଠାନ ପ୍ରେମୀ ଥିଲେ । ତାଙ୍କୁ ଡ. ସୋନାଲ ମାନସିଂ କଳା ପ୍ରତିଭା ଏୱାର୍ଡ, ଲାଇଫ ଟାଇମ୍ ଏଚିଭମେଣ୍ଟ ଏୱାର୍ଡ ଇତ୍ୟାଦି ବହୁ ପୁରସ୍କାର ପାଇଛନ୍ତି । ଆଜି ସକାଳେ ତାଙ୍କ ମୃତୁ ଖବର ପ୍ରଚାରିତ ହେବାପରେ ରାଜପୁର ସରପଂଚ ଦିଲ୍ଲିପ କୁମାର ପରିଡା, ଲାଇଫର ମୁଖ୍ୟ ତ୍ରିଲୋଚନ ଗିରି, ପ୍ରଶାନ୍ତ ପ୍ରଧାନ, ଦୁର୍ଗାଶଙ୍କର ଭୂୟାଁ, ହରିଶ ଭୂୟାଁ, ଗଣେଷ ପାତ୍ର, ସୁବଳ ପରିଡା, ବ୍ରଜମୋହନ ସାହୁ, ଡା ଅଲୋକ ରଂଜନ ଜାନା, ମହେଶ୍ୱର ପ୍ରଧାନ, ଗୋପି ବଲ୍ଲଭ ସାହୁ, ଅର୍ପଦିପା ସାହୁ ପ୍ରମୁଖ ଶେଷ ଦର୍ଶନ କରିଥିଲେ । ତାଙ୍କ ମୃତ୍ୟୁରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ପ୍ରତୀପ କୁମାର ପ୍ରଧାନ, ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ, ଡ. ଶ୍ରୀକାନ୍ତ ଚରଣ ପାତ୍ର, ଶଂକର ଘୋଷ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ମୁଁ ନେବି ବାଲେଶ୍ୱର ...

ସହଯୋଗ ଯୋଗୁଁ ହିଁ ଏହା ସମ୍ଭବ ହୋଇପାରିଛି ବୋଲି ସେ କହିଥିଲେ । ମୁଁ ଜାଣେ ମୋ ପ୍ରତି ଆପଣମାନଙ୍କର ବହୁତ ସ୍ନେହ ଓ ଭଲପାଇବା ରହିଛି । ଆଜି ଯଦି ମୁଁ ବାଲେଶ୍ୱର ଯାଇଥାନ୍ତି ତେବେ ଆପଣମାନେ ବହୁ ସଂଖ୍ୟାରେ ଆସିଥାନ୍ତେ । ମୋ ପାଇଁ ଜଣେ ବି କେହି ବିପଦରେ ପଡୁ ଏହା ମୁଁ କେବେ ଚାହେଁ ନାହିଁ । ସେଥିପାଇଁ ମୁଁ ଆଜି ଭିଡିଓ କନଫେରନ୍ସିଂରେ ଆପଣମାନଙ୍କୁ ଭେଟୁଛି । କରୋନା ଦୂର ହେବା ପରେ ମୁଁ ବାଲେଶ୍ୱର ଆସିବି ଓ ଆପଣମାନଙ୍କୁ ଭେଟିବି । ବାଲେଶ୍ୱର ଉତର ଓଡିଶାର ଏକ ମୁଖ୍ୟ ସହର । ବାଲେଶ୍ୱରରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ସହିତ ରାଜ୍ୟ ସରକାର ଏକ ନୂଆ ମେଡିକାଲ କଲେଜ କରିଛନ୍ତି । ବାଲେଶ୍ୱରର ବିକାଶ ପାଇଁ ବହୁତ ସୁଯୋଗ ରହିଛି । ବାଲେଶ୍ୱରର ବିକାଶକୁ ଆଗକୁ ନେବା ପାଇଁ ମୁଁ ଚାହେଁ । ନିକଟରେ ବାଲେଶ୍ୱରରୁ ବସ୍ତି ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରିଛୁ । ସେହିପରି ଗାଁରେ ରହୁଥବା ଭୂମିହୀନ ଗରିବଙ୍କୁ ଜମି, ଘର କଚ୍ଚା ଘରକୁ ପକ୍କା ଘର, ଜମିକୁ ପାଣି, ଗାଁରେ ରାସ୍ତା, ବିଜୁଳି ଓ ଭଲ ପିଇବା ପାଣି ମୋର ଗୁରୁତ୍ୱ ରହିବ । ମିଶନ ଶକ୍ତି ର ମାଆ ମାନେ କୋଭିଡ୍ ପରିଚାଳନା ଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ବହୁତ ଭଲ କାମ କରୁଛନ୍ତି । ମୁଁ ସବୁବେଳେ ଆପଣଙ୍କ ସାଥିରେ ଅଛି । ଆପଣମାନେ ଭଲ କାମ ଜାରି ରଖନ୍ତୁ । ବାଲେଶ୍ୱର ଆସିଲେ ଫକୀରମୋହନ ସେନାପତିଙ୍କ କଥା ମନେ ପଡେ । ସେ ହେଉଛନ୍ତି ମୋ ପ୍ରିୟ ଲେଖକ । ତାଙ୍କର ରେବତୀ ଗଳ୍ପ ମୋତେ ସବୁଠୁ ଭଲ ଲାଗେ । ସେହିପରି ବିଜୁବାବୁ ଓ ଡ. ଏ ପି ଜେ ଅବଦୁଲ କାଲାମଙ୍କ କଥା ମଧ୍ୟ ମନେ ପଡେ । ଡକ୍ଟର ଅବଦୁଲ କାଲାମ ଯେତେବେଳେ ବିଜୁବାବୁଙ୍କୁ ଭେଟୁଥିଲେ ସବୁବେଳେ ବିଜୁବାବୁ ଗୋଟିଏ କଥା କହୁଥିଲେ, "ଡକ୍ଟର କାଲାମ, ଆପଣ ଚାନ୍ଦିପୁରରେ ଏଭଳି ମିଜାଇଲ ତିଆରି କରନ୍ତୁ ଯାହାକି ଚାଇନାକୁ ମଧ ଡରାଇ ପାରିବ" ।୧୯୯୩ ରେ ବିଜୁବାବୁ ଓଡିଶାର ମୁଖ୍ୟମନ୍ତ୍ରୀ ଥିବା ସମୟରେ ହିଁ ଚାନ୍ଦିପୁରରୁ ପୃଥ୍ୱୀ କରାଯାଇଥିଲା ଏବଂ ଏହା ଏ ପି ଜେ ଅବଦୁଲ କାଲାମ ଦ୍ୱୀପ ରେ ପଡିଥିଲା । ଏବେ ଯେତେବେଳେ ବି ବାଲେଶ୍ୱରରୁ ମିସାଇଲ ପରୀକ୍ଷଣ କରାଯାଉଛି ସେତେବେଳେ ବିଜୁବାବୁ ଓ ଡ. ଏ ପି ଜେ ଅବଦୁଲ କାଲାମ ଙ୍କ କଥା ହିଁ ମୋ ମନକୁ ଆସିଥାଏ । ମୋର ବିଶ୍ୱାସ ଭାରତ ମିସାଇଲ କ୍ଷେତ୍ରରେ ଦିନେ ସୁପର ପାୱାର ହେବ ଏବଂ ବାଲେଶ୍ୱରର ସୁନାମ ସାରା ବିଶ୍ୱରେ ପହଂଚିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

## କଂଗ୍ରେସ ଶାସନ କାଳରେ...

ସଂରକ୍ଷଣ ଓ ଅନ୍ୟାନ୍ୟ ସୁବିଧା ପାଇଁ ୧ ଲକ୍ଷ କୋଟି ଟଙ୍କାର କୃଷି ଭିତିଭୂମି ପାଣ୍ଠି ଗଠନ କରାଯାଇଛି । ଆଜି ମଧ୍ୟ କୃଷକଙ୍କ ଲାଭ ପାଇଁ ଇଥାନଲର ପ୍ରକ୍ରିୟାକରଣ ମୂଲ୍ୟକୁ ବୃଦ୍ଧି କରାଯାଇଛି ବୋଲି ସେ କହିଛନ୍ତି । ବିହାରର ବିକାଶ ପାଇଁ ଏଠାରେ ଡବଲ ଇଞ୍ଜିନ ସରକାରର ଆବଶ୍ୟକତା ରହିଛି । ଏହି ନିର୍ବାଚନ ପ୍ରଚାର ଅବସରରେ ଶ୍ରୀ ପ୍ରଧାନ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ ।

## ୨ରୁ ଖୋଲିବ...

ମାଧ୍ୟମରେ ରୁଟିନ୍ ଚେକ୍‌ଅପ୍ ଜାରି ରହିବ ବୋଲି ଏମସ୍ ର ମେଡିକାଲ ସୁପରିଟେଣ୍ଡେଂଟ ସୂଚନା ଦେଇଛନ୍ତି । ଉଲ୍ଲେଖ୍ୟଯୋଗ୍ୟ ଯେ କରୋନା ସଂକ୍ରମଣ ଦୃଷ୍ଟିରୁ ଗତ ଜୁଲାଇ ୧୦ ତାରିଖ ଠାରୁ ଏମସ୍ ର ଓପିଡି ବନ୍ଦ ରହିଥିଲା ।

## ଆସିଲା ଡିଏନଏ ...

ଇଣ୍ଡିଆନ୍ ଅଏଲ କର୍ତୃପକ୍ଷଙ୍କୁ ମଧ୍ୟ ଏସମ୍ପର୍କରେ ସୂଚନା ଦିଆହୋଇଛି ଯାହା ଫଳରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ମିଳିପାରିବ । ବିସ୍ଫୋରଣ ଘଟଣାରେ ମୋଟ ୨ଜଣଙ୍କ ମୃତ୍ୟୁ ହୋଇଛି । ତେବେ ଅନ୍ୟ କୌଣସି ଲୋକଙ୍କ ମୃତ୍ୟୁ ହୋଇଥିବା ସୂଚନା ଦିଆଯାଇନାହିଁ ବୋଲି ପୋଲିସ୍ କମିଶନର କହିଛନ୍ତି । ଉଲ୍ଲେଖ୍ୟଯୋଗ୍ୟ ଯେ ଗତ ଅକ୍ଟୋବର ୭ ତାରିଖ ଅପରାହ୍ନରେ ରାଜଭବନ ନିକଟରେ ଥିବା ଇଣ୍ଡିଆନ୍ ଅଏଲ ପେଟ୍ରୋଲ ଫିଲିଂ ଷ୍ଟେସନ୍ ରେ ବଡ ଧରଣର ବିସ୍ଫୋରଣ ପରେ ଅଗ୍ନିକାଣ୍ଡ ଘଟିଥିଲା । ଏହି ଦୁର୍ଘଟଣାରେ ୯ ଜଣ ଗୁରୁତର ଆହତ ହୋଇଥିବା ବେଳେ ୨ ଜଣଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କଟକ ଏସସିବି ସ୍ଥାନାନ୍ତର କରାଯାଇଥିଲା । ସେମାନଙ୍କ ମଧ୍ୟରୁ ସତ୍ୟ ନାୟକ ନାମକ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା । ଏହି ଦୁର୍ଘଟଣା ପରେ ଗଞ୍ଜାମ ଜିଲ୍ଲାର ସୀମାଂଚଳ ପରିଡ଼ା ନିଖୋଜ ଥିବା କଥା ତାଙ୍କ ପରିବାର ପକ୍ଷରୁ କୁହାଯାଇଥିଲା । ଘଟଣାସ୍ଥଳରୁ ମିଳିଥିବା ମାଂସ ଖଣ୍ଡ ପରୀକ୍ଷଣ ପାଇଁ ପଠାଯାଇଥିବା ବେଳେ ସୀମାଂଚଳଙ୍କର ପରିବାର ଲୋକଙ୍କ ଠାରୁ ମଧ୍ୟ ନମୂନା ସଂଗ୍ରହ କରାଯାଇ ଟେଷ୍ଟ କରାଯାଇଥିଲା । ଘଟଣାର ତଦନ୍ତ ପାଇଁ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ଏବଂ ମୁଖ୍ୟମନ୍ତ୍ରୀ ଆହତମାନଙ୍କ ମାଗଣା ଚିକିତ୍ସା ଘୋଷଣା କରିଥିଲେ ।

## ରାଜ୍ୟରେ ଆଉ...

ଜଣେ ୫୮ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ବାଲେଶ୍ୱର ଜିଲ୍ଲାର ଜଣେ ୪୧ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ବାଲେଶ୍ୱର ଜିଲ୍ଲାର ଜଣେ ୫୦ ବର୍ଷୀୟ କରୋନା ଆକ୍ରାନ୍ତ ମହିଳାଙ୍କ ମୃତ୍ୟୁ ଘଟିଛି । ସମ୍ବଲପୁର ଜିଲ୍ଲାର ଜଣେ ୪୮ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ନୂଆପଡା ଜିଲ୍ଲାରେ ଜଣେ ୬୫ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ନୂଆପଡା ଜିଲ୍ଲାର ଜଣେ ୫୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଅନୁଗୁଳ ଜିଲ୍ଲାର ଜଣେ ୪୩ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଅନୁଗୁଳ ଜିଲ୍ଲାର ଜଣେ ୬୦ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

## ବାଲେଶ୍ୱରରେ ବିଜେପି ତାରକା...

ପ୍ରଚାରକମାନେ କହିଥିଲେ । ପଦଯାତ୍ରା, ଡୋର କ୍ୟାମ୍ପେନିଂ ଓ ପଥପ୍ରାନ୍ତ ସଭା ମାଧ୍ୟମରେ ସେମାନେ ଲୋକଙ୍କୁ ବିଜେପି ଦଳର ଆଭିମୁଖ୍ୟ ଲୋକପ୍ରିୟ ପ୍ରଧାନମନ୍ତ୍ରୀଙ୍କ ନୀତି ଆଦର୍ଶ ସାଙ୍ଗକୁ ରାଜ୍ୟ ସରକାରଙ୍କ ଅବହେଳା ସମ୍ପର୍କରେ ନେତାମାନେ ଲୋକଙ୍କୁ ବୁଝାଇଥିଲେ । ଆଞ୍ଚଳିକ ବିକାଶକୁ ଗୁରୁତ୍ୱ ଦେବା ସହ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିବା ବିଜେପିର ଯୋଗ୍ୟ ପ୍ରାର୍ଥୀ ମାନସ କୁମାର ଦତ୍ତଙ୍କୁ ଏହି ଉପ-ନିର୍ବାଚନରେ ଅଧିକ ସଂଖ୍ୟକ ଭୋଟରେ ଜିତାଇବାକୁ ସେମାନେ ନିବେଦନ କରିଥିଲେ । ଏହି ଷ୍ଟାର କ୍ୟାମ୍ପେନରଙ୍କୁ ଦେଖିବା ଓ ସେମାନଙ୍କ ଭାଷଣ ଶୁଣିବାକୁ ପ୍ରତ୍ୟେକ ସ୍ଥାନରେ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା ।

## ଘରେ ବସି ନନ୍ଦନକାନନ ...

nandankanan.org/tour କିମ୍ବା ନନ୍ଦନକାନନ ଡଟ୍ ଓଆରଜି ୱେବସାଇଟରେ ଏହି ଭିଡିଓ ଉପଲବ୍ଧ ହେବ । କରୋନା ସଂକ୍ରମଣ ଦୃଷ୍ଟିରୁ ଗତ ମାର୍ଚ୍ଚ ମାସ ଠାରୁ ବନ୍ଦ ଥିବା ନନ୍ଦନକାନନ ଗତ ଅକ୍ଟୋବର ୪ ତାରିଖରେ ଖୋଲିଛି । ପର୍ଯ୍ୟଟକମାନଙ୍କ ଉଭୟ କାଉଂଟର ଓ ଅନ୍ ଲାଇନରେ ଟିକେଟ ବ୍ୟବସ୍ଥା କରାଯାଇଛି ।

## ୨୪ ଘଂଟାରେ କରୋନାରୁ ...

ଅନୁସାରେ ସୁନ୍ଦରଗଡ଼ ଜିଲ୍ଲାରୁ ୧୭୦ ଜଣ,ଅନୁଗୁଳ ଜିଲ୍ଲାରୁ ୧୨୬ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିପରି କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୦୨ ଜଣ,କଟକ ଜିଲ୍ଲାରୁ ୧୦୦ ଜଣ, ବଲାଙ୍ଗୀର ଜିଲ୍ଲାରୁ ୯୬ ଜଣ,ବାଲେଶ୍ୱର ଜିଲ୍ଲାରୁ ୮୯ ଜଣ, ମୟୂରଭଂଜ ଜିଲ୍ଲାରୁ ୮୦ ଜଣ,କଳାହାଣ୍ଡି ଜିଲ୍ଲାରୁ ୭୬ ଜଣ , ଜଗତସିଂହପୁର ଜିଲ୍ଲାରୁ ୭୩ ଜଣ, ନୂଆପଡ଼ା ଜିଲ୍ଲାରୁ ୬୮ ଜଣ,ଝାରସୁଗୁଡ଼ା ଜିଲ୍ଲାରୁ ୫୫ ଜଣ ,ଢେଙ୍କାନାଳ ଜିଲ୍ଲାରୁ ୪୯ ଜଣ,ଯାଜପୁର ଜିଲ୍ଲାରୁ ୪୮ ଜଣ, ପୁରୀ ଜିଲ୍ଲାରୁ ୪୭ ଜଣ, ନବରଂଗପୁର ଓ ସମ୍ବଲପୁର ଜିଲ୍ଲାରୁ ୪୫ ଜଣ ଲେଖାଏଁ , କେନ୍ଦୁଝର ଓ କନ୍ଧମାଳ ଜିଲ୍ଲାରୁ ୪୨ ଜଣ ଲେଖାଏଁ ,ବରଗଡ ଜିଲ୍ଲାଓ ସୁବର୍ଣ୍ଣପୁର ଜିଲ୍ଲାରୁ ୩୭ ଜଣ ଲେଖାଏଁ , ମାଲକାନଗିରି ଜିଲ୍ଲାରୁ ୩୫ ଜଣ, ରାୟଗଡ଼ା ଜିଲ୍ଲାରୁ ୩୪ ଜଣ ,କୋରାପୁଟ ଜିଲ୍ଲାରୁ ୩୩ ଜଣ, ବୌଦ୍ଧ ଜିଲ୍ଲାରୁ ୩୨ଜଣ,ନୟାଗଡ଼ ଜିଲ୍ଲାରୁ ୩୦ ଜଣ , ଭଦ୍ରକ ଜିଲ୍ଲାରୁ ୨୫ ଜଣ, ଗଂଜାମ ଜିଲ୍ଲାରୁ ୨୦ ଜଣ, ଗଜପତି ଜିଲ୍ଲାରୁ ୫ ଜଣ, ଦେବଗଡ଼ରୁ ୪ ଜଣ ଓ ରାଜ୍ୟପୁଲରୁ ୪୧ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ।

## ନଭେମ୍ବର ୨ରେ...

ସାମିଲ୍, 'ମେଟ୍' ମାନଙ୍କୁ ସ୍ୱଷ୍ଟ ମଜୁରୀ ପ୍ରଦାନ ବ୍ୟବସ୍ଥା ତଥା ମନରେଗାରୁ ମିଡିଲ୍‌ମ୍ୟାନ୍ ଓ ଭେଂଚର ଉଚ୍ଛେଦ ବ୍ୟବସ୍ଥା ଇତ୍ୟାଦି ପ୍ରସଙ୍ଗରେ ରାଜ୍ୟ ପଂଚାୟତିରାଜ ବିଭାଗ ଟାଳଟୁଳ ନୀତି ଅବଲମ୍ବନ କରୁଛି ବୋଲି କମିଟି ଅଭିଯୋଗ କରିଛି । ଏହି ଦାବି ନେଇ ଚଳିତ ବର୍ଷ ସେପ୍ଟେମ୍ବର ୩୦ରେ ରାଜ୍ୟର ପ୍ରାୟ ସମସ୍ତ ପିଡି.ଡି.ଆର.ଡି.ଏ.ଙ୍କ ଜରିଆରେ ସଂଘର କର୍ମକର୍ତାମାନେ ପ୍ରତୀକ ଧାରଣା ଦେବା ସହ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ମୁଖ୍ୟଶାସନ ସଚିବ, ପଂଚାୟତିରାଜ ବିଭାଗ ମନ୍ତ୍ରୀ ଓ ପ୍ରମୁଖ ଶାସନ ସଚିବ ଇତ୍ୟାଦିଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ସୁଦ୍ଧା ଏଯାବତ୍ ପ୍ରଶାସନ କୌଣସି ସମାଧାନ ହୋଇନାହିଁ । ତେଣୁ ୨ ତାରିଖରେ ପୁଣି ଥରେ ଆନ୍ଦୋଳନ କରିବାକୁ ସଂଘ ନିଷ୍ପତି ନେଇଥିବା ଶ୍ରୀ ବିଶ୍ୱାଳ କହିଛନ୍ତି ।

## ଇ-ବିଧାନସଭା ପାଇଁ ୧...

ଏଥି ନିମିତ ୧ କୋଟି ୨ ଲକ୍ଷ ୯୬ ହଜାର ୪୦୮ ଟଙ୍କାର ପ୍ରଥମ କିସ୍ତି ଅର୍ଥ ଆବଂଟିତ ହୋଇଛି । ଏହି ମିଶନ ମୋଡ୍ କାର୍ଯ୍ୟକ୍ରମକୁ ସଂପନ୍ନ କରିବା ପାଇ ଇତି ମଧରେ ଯୁଦ୍ଧକାଳୀନ ଭିତିରେ କାର୍ଯ୍ୟ ଆଗେଇ ଚାଲିଛି । ୱାଇ-ଫାଇ, ଲୋକାଲ୍ ଅନ୍ ନେଟ୍‌ୱାର୍କ ଏବଂ ଭିଡ଼ିଓ କନ୍‌ଫରେନ୍ସିଂ କାର୍ଯ୍ୟ ଇତି ମଧରେ ସଂପୂର୍ଣ୍ଣ କରାଯାଇଛି ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ମଧ ଦ୍ରୁତଗତିରେ ଆଗେଇ ଚାଲିଛି । ପ୍ରକାଶଯୋଗ୍ୟ ଯେ, ଏହି କାର୍ଯ୍ୟ ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ୬୦ ଶତକଡ଼ା ଏବଂ ରାଜ୍ୟ ସରକାରଙ୍କ ତରଫରୁ ୪୦ ଶତକଡ଼ା ଅର୍ଥ ବିନିଯୋଗ କରାଯିବ ।

# ଦେଶରେ ଗତ ୨୪ଘଂଟା ମଧ୍ୟରେ କୋଭିଡ ପାଇଁ ୧୦,୭୫,୭୬୦ ନମୂନାର ପରୀକ୍ଷଣ

ନୂଆଦିଲ୍ଲୀ,୨୯।୧୦ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ କୋବିଡ ପାଇଁ ୧୦,୭୫,୭୬୦ ନମୂନାର ପରୀକ୍ଷଣ କରା ଯାଇଛି । ଏହା ସହିତ ଦେଶରେ ବର୍ତମାନ ସୁଦ୍ଧା, ୧୦,୬୫,୬୩,୪୪୦ ନମୂନାର ପରୀକ୍ଷଣ କରା ଯାଇଥିବା ଆଇଏମସିଆର ପକ୍ଷରୁ ସୂଚନା ଦିଆ ଯାଇଛି ।

# ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୨୯।୧୦ (ନି.ପ୍ର): ଆଜି ଖୋର୍ଧା ଜିଲ୍ଲାରେ ୨୨୨ ଟି ନୂଆ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ୪୮୨୮୭ହୋଇଛି । ରାଜା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୭,୯୧୬, ବାଲେଶ୍ୱର ଜିଲ୍ଲାରେ ୧୦,୧୨୮, ବରଗଡ ଜିଲ୍ଲାରେ ୮,୫୩୩, ଭଦ୍ରକ ଜିଲ୍ଲାରେ ୬,୬୫୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୬,୬୦୭. ବୌଦ୍ଧ ଜିଲ୍ଲାରେ ୨,୫୪୩, କଟକ ଜିଲ୍ଲାରେ ୨୫,୬୭୪, ଦେବଗଡ ଜିଲ୍ଲାରେ ୧,୦୩୧, ଢେଙ୍କାନାଳ ଜିଲ୍ଲାରେ ୫,୦୩୪. ଗଜପତି ଜିଲ୍ଲାରେ ୩,୮୪୦, ଗଂଜାମ ଜିଲ୍ଲାରେ ୨୧,୧୨୩ , ଜଗତସିଂହପୁର ଜିଲ୍ଲାରେ ୭,୩୮୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାଜପୁର ଜିଲ୍ଲାରେ ୧୦,୭୪୨ , ଝାରସୁଗୁଡା ଜିଲ୍ଲାରେ ୬,୨୯୬, କଳାହାଣ୍ଡି ଜିଲ୍ଲାରେ ୫,୦୮୮, କନ୍ଧମାଳ ୫,୬୧୩, କେନ୍ଦ୍ରାପଡା ଜିଲ୍ଲାରେ ୭,୪୫୫, କେନ୍ଦୁଝର ଜିଲ୍ଲାରେ ୬,୧୯୮ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କୋରାପୁଟ ଜିଲ୍ଲାରେ ୭,୩୦୮ , ମାଲକାନଗିରି ଜିଲ୍ଲାରେ ୪,୭୯୫, ମୟୁରଭଂଜ ଜିଲ୍ଲାରେ ୧୧,୧୯୪. ନବରଙ୍ଗପୁର ଜିଲ୍ଲାରେ ୫,୨୧୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୫,୯୨୯, ନୂଆପଡା ଜିଲ୍ଲାରେ ୫,୪୯୩ , ପୁରୀ ଜିଲ୍ଲାରେ ୧୨,୪୦୪, ରାୟଗଡା ଜିଲ୍ଲାରେ ୮,୦୬୦. ସମ୍ବଲପୁର ଜିଲ୍ଲାରେ ୭,୯୧୧ . ସୁବର୍ଣ୍ଣପୁର ଜିଲ୍ଲାରେ ୪,୩୮୧ ଓ ସୁନ୍ଦରଗଡ ଜିଲ୍ଲାରେ ୧୦,୮୫୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟପୁଲରେ ଆକ୍ରାନ୍ତଙ୍କ ସଂଖ୍ୟା ବଢି ୭,୪୧୦ ହୋଇଛି ।

# ବିଜେପିର ମିଶ୍ରଣ ପର୍ବ: ଶତାଧିକ ସଂଖ୍ୟାଲଘୁ ମହିଳା-ପୁରୁଷଙ୍କୁ ଦଳରେ ସ୍ୱାଗତ



ବାଲେଶ୍ୱର,୨୯।୧୦ (ନି.ପ୍ର): ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଭିନ୍ନ ଦଳରେ ନୂତନ କର୍ମୀ ଓ ସମର୍ଥକଙ୍କ ଯୋଗଦାନ ବାଲେଶ୍ୱରର ରାଜନୀତିକୁ ପ୍ରଭାବିତ କରିବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ବିଜେପିରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଶତାଧିକ ମହିଳା ଓ ପୁରୁଷ ସମର୍ଥକ ତଥା କର୍ମୀଙ୍କର ଆଜି ଯୋଗଦାନ ଦଳୀୟ କର୍ମକର୍ତ୍ତାଙ୍କ ସ୍ପୃହା ବୃଦ୍ଧିରେ ବେଶ୍ ସହାୟକ ହୋଇଛି । ସ୍ଥାନୀୟ ରୟାଲ କୁଇନ୍ କଲ୍ୟାଣମଣ୍ଡପରେ ଆୟୋଜିତ ଏକ ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଜେପି ରାଜ୍ୟ ସଂଖ୍ୟାଲଘୁ ନେତା ସିକନ୍ଦର ଅଲ୍ଲି, ମୁଖ୍ୟ ସଚେତକ ମୋହନ ମାଝୀ, ଉମରକୋଟ୍ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ଯୋଗଦେଇ ନବାଗତ ସଂଖ୍ୟାଲଘୁ କର୍ମୀ ଓ ସମର୍ଥକଙ୍କୁ ଆନୁଷ୍ଠାନିକ ଭାବେ ଦଳରେ ସାମିଲ କରିଥିଲେ । ସମାଜର ସାର୍ବାଙ୍ଗୀନ ବିକାଶ ପାଇଁ ସବୁବର୍ଗର ଲୋକଙ୍କ ମଧ୍ୟରେ ସହଯୋଗ ଓ ସମନ୍ୱୟର ଆବଶ୍ୟକତା ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ କହିଥିଲେ । ତେବେ ନୂତନ ସଂଖ୍ୟାଲଘୁ କର୍ମୀଙ୍କ ବିଜେପିରେ ଯୋଗଦାନ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାରେ ବିଶେଷ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ । ଅନ୍ୟଦଳମାନେ ସଂଖ୍ୟାଲଘୁଙ୍କୁ ନେଇ ଭୋଟବ୍ୟାଙ୍କ ସୃଷ୍ଟି କରୁଥିବା ବେଳେ କେବଳ ମୋଦି ସରକାରଙ୍କ ସମୟରେ ସେମାନଙ୍କର ଉନ୍ନତି ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଇଛି ବୋଲି ଶ୍ରୀ ଷଡ଼ଙ୍ଗୀ କହିଥିଲେ । ବିଜେପି ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ରଂଜିତ୍ ପ୍ରଧାନଙ୍କ ନେତୃତ୍ୱରେ ଏହି ମିଶ୍ରଣ ପର୍ବ ଆୟୋଜିତ ହୋଇ ପାରିଥିବା ଜଣାପଡ଼ିଛି ।

ନାମଲେଖା ଚାଲିଛି

"ସା ବିଦ୍ୟା ଯା ବିମୁକ୍ତୟେ"

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ମାତୃ ବିହାର, ମାନସିଂବଜାର, ବାଲେଶ୍ୱର

R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।

ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ

ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

# ୨୩ ନଂ ୱାର୍ଡ଼ରେ ବିଜେଡିର କର୍ମୀ ସମ୍ମିଳନୀ

ବାଲେଶ୍ୱର,୨୯।୧୦ (ନି.ପ୍ର):ସଦର ଉପ-ନିର୍ବାଚନ ପରିପ୍ରେକ୍ଷୀରେ ବିଜେଡି ପକ୍ଷରୁ ବାଲେଶ୍ୱର ପୌରାଞ୍ଚଳର ୨୩ ନଂ ୱାର୍ଡ଼ରେ ର୍ୟାଲି ଓ କର୍ମୀ ସମ୍ମିଳନୀ ଆଜି ଅନୁଷ୍ଠିତ ହୋଇଯାଇଛି । ୱାର୍ଡ଼ର ବିଜେଡି ପର୍ଯ୍ୟବେକ୍ଷକ ସୁନୀଲ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଆକାଶ ଦାସପଟ୍ଟନାୟକ, ଭଦ୍ରକ ଜିଲ୍ଲା ବଜେଡି ଉପ-ସଭାପତି ଜଗନ୍ନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇ ବିକାଶକୁ ଦୃଷ୍ଟିରେ ରଖି ସ୍ୱରୂପ ଦାସଙ୍କୁ ନିର୍ବାଚନରେ ବିଜୟୀ କରିବାକୁ ନିବେଦନ କରିଥିଲେ । ବଢୁଥିବା ଜନ ସମର୍ଥନ ଚଳିତ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ବିଜୟର ଆଶାକୁ ଅଧିକ ଉଜ୍ଜ୍ୱଳିତ କରିଛି ବୋଲି ସେମାନେ କହିଥିଲେ । ପୂର୍ବତନ କାଉନସିଲର ସଂଜୟ ବେହେରାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଆଇନଜୀବୀ ଜିତେନ୍ଦ୍ର ଉପାଧ୍ୟାୟ, ରୋଜି ପଟ୍ଟନାୟକ, ଭଗବାନ ମୋହନି, ଦେବେନ୍ଦ୍ର ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

## ଇ-ବିଧାନସଭା ପାଇଁ ୧ କୋଟି ୨ଲକ୍ଷ ଟଙ୍କାର ପ୍ରଥମ କିସ୍ତି ଅନୁଦାନ ମଞ୍ଜୁର

ଭୁବନେଶ୍ୱର,୨୯।୧୦ (ନି.ପ୍ର): ଓଡ଼ିଶା ବିଧାନସଭାକୁ ଇ-ବିଧାନସଭାରେ ପରିଣତ କରିବା ପାଇଁ କେନ୍ଦ୍ର ପାର୍ଲିଆମେଂଟାରୀ ବିଭାଗ ତରଫରୁ ପ୍ରଥମ କିସ୍ତି ଅର୍ଥ ପ୍ରଦାନ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ଏଥି ନିମିତ ୧ କୋଟି ୨ ଲକ୍ଷ ୯୬ ହଜାର ୪୦୮ ଟଙ୍କାର ପ୍ରଥମ କିସ୍ତି ମିଳିଛି । ସୂଚନା ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ସମଗ୍ର ଦେଶରେ କେବଳ ଓଡ଼ିଶା ଏବଂ ପଞ୍ଜାବ ବିଧାନସଭା ଏହା କାର୍ଯ୍ୟକାରୀ କରିଛନ୍ତି ଏବଂ ଏଥି ପାଇଁ ଏହି ଅର୍ଥ ମଞ୍ଜୁର କରାଯାଇଛି । ଓଡ଼ିଶା ବିଧାନସଭା ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧକ୍ଷତାରେ ଏଥି ନିମିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ଏବଂ ଜାତୀୟ ଇ-ବିଧାନ ଆପ୍ଲିକେସନ୍ 'ନେଭା' ପାଇଁ କେନ୍ଦ୍ର ପାର୍ଲିଆମେଂଟାରୀ ବିଭାଗକୁ ୧୨ କୋଟି ୫୨ ଲକ୍ଷ ଟଙ୍କାର ଏକ ପ୍ରକଳ୍ପ ପ୍ରେରଣ କରାଯାଇଥିଲା । ବିଭାଗ ତରଫରୁ ୮ କୋଟି ୫୨ ଲକ୍ଷ ୩୬ ହଜାର ୬୪୨ ଟଙ୍କାର ବ୍ୟୟ ଅଟକଳ ଅନୁମୋଦିତ ହୋଇଥିଲା ଏବଂ ପ୍ରଥମ ପର୍ଯ୍ୟାୟରେ ▶▶ପୃଷ୍ଠା ୭

# ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ



ଭଦ୍ରକ,୨୯।୧୦ (ନି.ପ୍ର): ୧୯୯୯ ମସିହା ଅକ୍ଟୋବର ୨୯ ତାରିଖର ପ୍ରଳୟଙ୍କରୀ ମହାବାତ୍ୟା ହଜାର ହଜାର ଲୋକଙ୍କ ପ୍ରାଣ ନେଇ ଯାଇଥିଲା । ବହୁ ଟଙ୍କାର ସମ୍ପତି ନଷ୍ଟ ହୋଇଥିଲା । ଯାହାକୁ ମନେ ପଡିଲେ ଏବେ ମଧ ସମଗ୍ର ରାଜ୍ୟବାସୀ ଆତଙ୍କିତ ହୋଇପଡନ୍ତି । ଆଜି ସେହି ଅକ୍ଟୋବର ୨୯ ଯାହାକୁ ରାଜ୍ୟ ସରକାର ବିପର୍ଯ୍ୟୟ ପ୍ରଶମନ ଦିବସ ଭାବେ ପାଳନ କରିଆସୁଛନ୍ତି । ସେହି ଉପଲକ୍ଷେ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ କରାଯାଇଥିଲା । ଜିଲ୍ଲାପାଳ ଡ. ଜ୍ଞାନ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସେହି ପ୍ରଳୟଙ୍କରୀ ଦିବସକୁ ମନେ ପକାଇବା ସହ ଆଗାମୀ ଭବିଷ୍ୟତରେ ଆଉ ସେଭଳି ଦିନ ନ ଆସୁ ବୋଲି କହିଥିଲେ । ବାତ୍ୟାରେ ଜୀବନ ହରାଇଥିବା ହଜାର ହଜାର ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ସେମାନଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ । ଏହି ଅବସରରେ ଜିଲ୍ଲାପାଳ ଡ. ଦାସ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ୟାମଭକ୍ତ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅରୁଣ କୁମାର ମହାପାତ୍ର ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀଙ୍କୁ ଶପଥ ପାଠ କରାଇ ଆଇନ ଅନୁଯାୟୀ ଜିଲ୍ଲା ପ୍ରଶାସନ କାର୍ଯ୍ୟାଳୟର ବିଶ୍ୱାସର ସହ ଦାୟିତ୍ୱ ସମ୍ପନ୍ନ କରିବା, ଜିଲ୍ଲା ଓ ତାର ଜନସାଧାରଣଙ୍କ ପ୍ରତି ପୂର୍ଣ୍ଣ ବିଶ୍ୱାସ ଓ ଆସ୍ଥା ପ୍ରକଟ କରାଯିବ, କୌଣସି ଭୟ କିମ୍ବା ଦୟା, ପ୍ରେମ ଓ ଘୃଣାରେ ପ୍ରଭାବିତ ନ ହୋଇ ଆଇନ ପ୍ରଣୋଦିତ ପବିତ୍ର ସମ୍ବିଧାନର ସୁରକ୍ଷା ଓ ସମର୍ଥନ ଦେବା ସହ ସଭିଙ୍କୁ ସମାନ ଆଚରଣ ପ୍ରଦର୍ଶନ ପୂର୍ବକ ପରିବେଶର ସୁରକ୍ଷା କରିବା, ଜିଲ୍ଲାର ଜନସାଧାରଣଙ୍କ ଧନ ଜୀବନ ଓ ସ୍ଥାୟୀ ସୁରକ୍ଷା ପାଇଁ କୌଣସି ବିପର୍ଯ୍ୟୟ ମନୁଷ୍ୟ କୃତ ଏବଂ କଳହକୁ ଉସୁକାଉଥିବା ଜରୁରୀ ପରିସ୍ଥିତିରେ ନିଜକୁ ଉତ୍ସର୍ଗ କରିବା, ବ୍ୟକ୍ତିଗତ ଓ ପେଷାଗତ ଭାବେ ପରିବେଶ ସମ୍ବନ୍ଧୀୟ ପୋଷଣ ମାନଦଣ୍ଡ ସୃଷ୍ଟି କରି ତାହାକୁ କଡାକଡି ପାଳନ କରିବା, ଜରୁରୀ ସମୟରେ ଜିଲ୍ଲାର ନାଗରିକ ଓ ସମ୍ପଦର ସୁରକ୍ଷା ନିମିତ୍ତ ନିଜକୁ ଉତ୍ସର୍ଗ କରିବାକୁ ଜିଲ୍ଲାପାଳ ଶପଥ ମାଧ୍ୟମରେ ଆହ୍ୱାନ ଦେଇଥିଲେ ।

## ଓଡ଼ିଶା ରିଭ୍ୟୁର ସହଯୋଗୀ ସମ୍ପାଦକ ବିଭୁଚନ୍ଦ୍ର ମିଶ୍ରଙ୍କ ଅବସର ଗ୍ରହଣ

ଭୁବନେଶ୍ୱର,୨୯।୧୦ (ନି.ପ୍ର): ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗରେ କାର୍ଯ୍ୟରତ ଓଡ଼ିଶା ରିଭ୍ୟୁର ସହଯୋଗୀ ସମ୍ପାଦକ ବିଭୁଚନ୍ଦ୍ର ମିଶ୍ରଙ୍କର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା କୋଭିଡ୍ କଟକଣା ସହ ଏକ ସଂକ୍ଷିପ୍ତ ସମାବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ସହକର୍ମୀମାନଙ୍କ ଗହଣରେ ଶ୍ରୀ ମିଶ୍ରଙ୍କୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ଏବଂ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ ମହାନ୍ତି ମିଳିତ ଭାବେ ସମ୍ବର୍ଦ୍ଧିତ କରିଥିଲେ । ପ୍ରକାଶଯୋଗ୍ୟ ଯେ ଶ୍ରୀ ମିଶ୍ର ରାଜ୍ୟ ସରକାରଙ୍କ ମାସିକ ଇଂରାଜୀ ପତ୍ରିକା ଓଡ଼ିଶା ରିଭ୍ୟୁରେ ଦୀର୍ଘ ୩୦ ବର୍ଷ ଧରି ନିଷ୍ଠାର ସହ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରି ଆସିଛନ୍ତି । ଏଥି ସହ ବିଭାଗ ପକ୍ଷରୁ ପ୍ରକାଶ ପାଉଥିବା ବିଭିନ୍ନ ସ୍ୱତନ୍ତ୍ର ପ୍ରକାଶନ ଯଥା ଓଡ଼ିଶା ରେଫରେନ୍ସ ଆନୁଆଲ୍, ଇଲେକ୍ସନ ବ୍ୟାକ୍‌ଗ୍ରାଉଣ୍ଡର ଏବଂ ଅନ୍ୟାନ୍ୟ ସାରସ୍ୱତ ପ୍ରକାଶନରେ ତାଙ୍କ ଯୋଗଦାନ ପ୍ରଶଂସନୀୟ । ଶ୍ରୀ ମିଶ୍ରଙ୍କ ଅବସରକାଳୀନ ଜୀବନ ସୁସ୍ଥ ଓ ନିରାମୟ ହେଉ ବୋଲି ନିର୍ଦ୍ଦେଶକ ଶ୍ରୀ ମିଶ୍ର ଏବଂ ଉତ୍କଳ ପ୍ରସଙ୍ଗ ସମ୍ପାଦକ ଡ. ମହାନ୍ତି କାମନା କରିଛନ୍ତି । ଏହି ସମ୍ବର୍ଦ୍ଧନା ସଭାରେ ବିଭାଗର ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ ।

## କଂଗ୍ରେସ ଦଳ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ରାୟଗଡ଼ା ,୨୯।୧୦ (ନି.ପ୍ର): ରାୟଗଡା ଜିଲ୍ଲା କଲ୍ୟାଣସିଂପୁର ବ୍ଲକରେ କଂଗ୍ରେସ ଦଳ ପକ୍ଷରୁ ରାଷ୍ଟ୍ରପତିଙ୍କୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ଆଠ ଗୋଟି ଦାବୀ ପ୍ରଦାନ କରାଯାଇଛି । ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏବିଡିଓଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲା କଂଗ୍ରେସ ସଭାପତି ଦୁର୍ଗା ପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ଦଳ ପକ୍ଷରୁ ୧୦ଦଫା ଦାବୀ କଳା ଆଇନ୍ ପ୍ରତ୍ୟାହାର ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏବିଡିଓ ଭଗବାନ ଗୌଡଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି । କଂଗ୍ରେସ ଦଳର ସଦସ୍ୟମାନେ ସ୍ଥାନୀୟ ଗୁଣ୍ଡିଚା ମନ୍ଦିର ନିକଟରେ ଏକତ୍ରିତ ହୋଇ ଚାଷୀଙ୍କୁ କୃଷିଋଣ ଛାଡ, ସଂସଦରେ ପାରିତ ବିଧେୟକ ପ୍ରତ୍ୟାହାର, ଶ୍ରମିକ ବିରୋଧୀ ଶ୍ରମ ସଂସ୍କାର ଦାବୀ ବୋଲି ନାରା ଦେଇ ସମିତି କାର୍ଯ୍ୟାଳୟକୁ ଯାଇ ଏବିଡିଓ ଭଗବାନ ଗୌଡଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିରେ ୧୦ ଦଫା ଦାବୀ ମଧ୍ୟରୁ ମୁଖ୍ୟତଃ ୩ଗୋଟି ଦାବୀ ଚାଷୀ ଉତ୍ପାଦନର ବାଣିଜ୍ୟ କାରବାର ଆଇନ୍, କୃଷକ (ସଶକ୍ତିକରଣ ଓ ସୁରକ୍ଷା) ଦର ପ୍ରତିଶୃତି ରାଜିନାମା ଓ କୃଷି ସେବା ଆଇନ୍, ଅତ୍ୟାବଶକୀୟ ସାମଗ୍ରୀ (ସଂଶୋଧନ) ଆଇନ୍ ର କଳା ଆଇନ୍ ପ୍ରତ୍ୟାହାର ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏବିଡିଓ ଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ । ଦାବିପତ୍ର ପ୍ରଦାନ ବେଳେ ସଂସଦ ପ୍ରତିନିଧି ଗୁଡୁଲା ପ୍ରସାଦ ରାଓ, ବ୍ଲକ୍ ଅଧକ୍ଷ ଯୋଗେନ୍ଦ୍ର ୱାଡାକା, କୋଟା ସୂରିୟା ରାଓ, ପିସିସି ସଦସ୍ୟ ରମେଶ ଚନ୍ଦ୍ର ତ୍ରିପାଠୀ, ବିଷମକଟକ ନେତା ନୀଳମାଧବ ହିକକା, ଜିଲ୍ଲାର ସମ୍ପାଦକ ଏସ୍ ମଙ୍ଗରାଜ, ଆସମଲ ଖାନ୍ ସମେତ ବ୍ଲକ୍ ର ୧୪ଗୋଟି ପଞ୍ଚାୟତର ପ୍ରାୟ ୬୦ଜଣ ଦଳୀୟ କର୍ମୀ ନେତା ପ୍ରମୁଖ ଉପସ୍ଥିତ ଥିଲେ । କୋଭିଡ ନିୟମକୁ ମାନି ମୁହଁ ରେ ମାସ୍କ ଲଗାଇ ସାମାଜିକ ଦୂରତା ମଧରେ ରହି ଦାବିପତ୍ର ପ୍ରଦାନ କରାଯାଇଛି ।

# କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧ ଶ୍ରମ ଆଇନକୁ ବିରୋଧ

## ଭାରତୀୟ ମଜଦୁର ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା




ବାରିପଦା ,୨୯।୧୦ (ନି.ପ୍ର): କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ଶ୍ରମ ଆଇନ ବିରୋଧରେ ଆଜି ମୟୁରଭଂଜ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଭାରତୀୟ ମଜଦୁର ସଂଘ ପକ୍ଷରୁ ଧାରଣା ଓ ୬ ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ନିଗମାନନ୍ଦ ପଟ୍ଟନାୟକ ଏବଂ ଜିଲ୍ଲା ସଂପାଦକ ବୋଧିରଜତ ମହାନ୍ତଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧରେ ଜିଲ୍ଲାର ବି.ଏମ.ଏସ. କର୍ମକର୍ତ୍ତା କରୁଣାକର ଦାସ, ହେମଲତା ମିଶ୍ର,ଗଙ୍ଗାଚରଣ ଦିଗୀ, ବିଶେଶ୍ୱର ଦାସ, ଭାରତୀ କବାଟ, ସୁନାମଣୀ ଗୟାର, ସୁଷାନ୍ତ ନାଏକ, ଅନୁପମା ଦାସ, ପ୍ରମୋଦ ପାଲ, ବାବଲୁ ମହାନ୍ତ, ସୁଜିତ କୁମାର ଭଦେଓ, ଜଗବନ୍ଧୁ ଦଳେଇ, ଗୋପୀନାଥ ସିଂହ, ସୟ କୁମାର ପ୍ରମୁଖଙ୍କ ନେତୃତ୍ୱରେ ଜିଲ୍ଲାର ଶତାଧିକ କର୍ମକର୍ତ୍ତା ଯୋଗଦାନ କରିଥିଲେ । ଭାରତ ସରକାର ୨୯ଟି ଶ୍ରମ ଆଇନକୁ ନିରସ୍ତ କରି ୧୪ ଗୋଟି ଲେବର କୋଡ୍ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଦେଶବ୍ୟାପୀ ଲାଗୁ କରିବା କାମରେ ସମସ୍ତ ବିଭାଗକୁ ନିୟୋଜିତ କରିଛନ୍ତି । ଏଥିମଧ୍ୟରୁ ୪ଟି କୋଡ ସମ୍ବନ୍ଧିତ ରୁଲସ୍ ଆସନ୍ତା ଫେବୃଆରୀ ୨୦୨୧ ସୁଦ୍ଧା ଆଣିବା ପାଇଁ ଯୋଜନା ପ୍ରସ୍ତୁତ କରି ସାରିଛନ୍ତି । ଯାହା ଆଗାମୀ ଦିନରେ ଶ୍ରମିକ ଓ ଶ୍ରମ ସଂଗଠନ ଉଭୟଙ୍କ ପାଇଁ ଜଟିଳ ପରିସ୍ଥିତି ସୃଷ୍ଟି କରିବ । ବହୁରାଷ୍ଟ୍ରୀୟ କମ୍ପାନୀ ମାନଙ୍କୁ ସୁହାଇବା ଭଳି ଆଇନ ପ୍ରଣୟନ କରିଥିବା ଏବଂ ଏହି ନୂତନ ଶ୍ରମ ଆଇନ ଭାରତର ୭୦ କୋଟି ଶ୍ରମିକଙ୍କର ସାମାଜିକ ସୁରକ୍ଷା ଅଧିକାରକୁ ବିପର୍ଯ୍ୟସ୍ତ କରିବ ବୋଲି ଅଭିଯୋଗ କରାଯିବା ସହିତ ୬ଦଫା ସମ୍ବଳିତ ଏକ ଦାବୀପତ୍ର ପ୍ରଦାନ କରାଯାଇଥିବାର ଜଣାଯାଇଛି ।

# ନଭେମ୍ବର ୨ରେ ରାଜ୍ୟବ୍ୟାପୀ ପ୍ରତୀକ ଧାରଣା ଦେବେ ଗାଁସାଥୀ

ଭୁବନେଶ୍ୱର,୨୯।୧୦ (ନି.ପ୍ର): ୭ ଦଫା ଦାବି ନେଇ ଆସନ୍ତା ନଭେମ୍ବର ୨ ତାରିଖରେ ପୁଣି ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେଇଛି ଗାଁସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି । କମିଟିର ରାଜ୍ୟ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳ ସୂଚନା ଦେଇ କହିଛନ୍ତି ଯେ ନଭେମ୍ବର ୨ତାରିଖରେ ପୁଣିଥରେ ସମସ୍ତ ଜିଲ୍ଲାର ପି.ଡି.ଡି.ଆର.ଡିଏ ଅଫିସ୍ ଆଗରେ ପ୍ରତୀକ ଧାରଣା ସହିତ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଓ ଅନ୍ୟ ସମସ୍ତ ଅଧିକାରୀଙ୍କୁ ସ୍ମାରପତ୍ର ଦେବା ପାଇଁ ସଂଘ ସ୍ଥିର କରିଛି । ସମଗ୍ର ରାଜ୍ୟରେ 'ସ୍ୱୟଂ ସହାୟକ ଗୋଷ୍ଠୀ'ରୁ ଚୟନ ହେବାକୁ ଥିବା 'ମେଟ୍' ପ୍ରକ୍ରିୟାକୁ ସ୍ଥଗିତ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଏବେ ବି କୋରାପୁଟ ଜିଲ୍ଲାର ବିଭିନ୍ନ ବ୍ଲକରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀରୁ "ମେଟ" ଚୟନ ଜାରି ରହିଛି । ଟ୍ରେନିଂ, ଗାଁସାଥୀ (ମେଟ୍)ଙ୍କ ସ୍ୱଷ୍ଟ ଡାଟାବେସ୍, ରାଜ୍ୟରେ ଖାଲିଥିବା ୪୦,୦୦୦ ରୁ ଉର୍ଦ୍ଧ୍ୱ 'ମେଟ୍' ଚୟନ, ରାଜ୍ୟରେ କାର୍ଯ୍ୟରତ ସମସ୍ତ 'ଗାଁସାଥୀ (ମେଟ୍)ଙ୍କୁ ମାସକୁ ସର୍ବନିମ୍ନ ୧୦ ଦିନ, ବର୍ଷକୁ ଅତିକମ୍‌ରେ ୧୦୦ ଦିନରୁ ଉର୍ଦ୍ଧ୍ୱ ସରକାରୀ କାର୍ଯ୍ୟ ଉଚିତ୍ ପ୍ରାପ୍ୟ ସହିତ ପ୍ରଦାନ ଓ କମ୍ୟୁନିଟି ପ୍ରୋଜେକ୍ଟ ସହିତ ୧୦ଟି ଲାଇନ୍ ଡିପାର୍ଟମେଂଟ ଓ ବ୍ୟକ୍ତିଗତ ହିତାଧିକାରୀ ମନରେଗା ପ୍ରକଳ୍ପରେ ପ୍ରାପ୍ୟ ସହିତ ▶▶ପୃଷ୍ଠା ୭

# ଇଥାନଲର କ୍ରୟ ମୂଲ୍ୟ ବୃଦ୍ଧି ସମ୍ପର୍କିତ କ୍ୟାବିନେଟ୍ ନିଷ୍ପତ୍ତିକୁ କେନ୍ଦ୍ରମନ୍ତ୍ରୀଙ୍କ ସ୍ୱାଗତ

## ଆଖୁ ଚାଷୀଙ୍କ ଆୟକୁ ବୃଦ୍ଧି କରିବା ଦିଗରେ ବଡ ପଦକ୍ଷେପ: ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୨୯।୧୦ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ପେଟ୍ରୋଲରେ ଇଥାନଲ ମିଶ୍ରଣ ପାଇଁ ବିଭିନ୍ନ ଗ୍ରେଡରୁ ଉତ୍ପନ୍ନ ଇଥାନଲର କ୍ରୟ ମୂଲ୍ୟ ବୃଦ୍ଧି କରିବା ନିଷ୍ପତିକୁ ସ୍ୱାଗତ କରିବା ସହ ଏହି ନିଷ୍ପତି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଆଖୁ ଚାଷୀଙ୍କ ଆୟକୁ ବୃଦ୍ଧି କରିବା ଦିଗରେ ଏହା ବଡ ପଦକ୍ଷେପ ବୋଲି ସେ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି କ୍ୟାବିନେଟର ଆର୍ଥିକ ମାମଲାର କମିଟି ବୈଠକରେ ନିଆଯାଇଥିବା ନିଷ୍ପତି ଅନୁଯାୟୀ ଆଖୁ ରସରୁ ଉତ୍ପାଦନ ହେଉଥିବା ଇଥାନଲର ମୂଲ୍ୟ ଯଥାକ୍ରମେ ଲିଟର ପ୍ରତି ୬୨.୬୫ ଟଙ୍କା ବୃଦ୍ଧି କରାଯାଇଛି । ସେହିପରି ବି-ହେଭି ମୋଲାସେସ ଇଥାନଲର ବୃଦ୍ଧି ଲିଟର ପ୍ରତି ୫୭.୬୧ଟଙ୍କା ଏବଂ ସି-ହେଭି ମୋଲାସେସ ଇଥାନଲ ଲିଟର ପ୍ରତି ୪୫.୬୯ ଟଙ୍କାକୁ ବୃଦ୍ଧି କରାଯାଇଛି । ଏହାଦ୍ୱାରା ଆଖୁଚାଷୀମାନେ ଉପକୃତ ହେବେ । ଏହି ନିଷ୍ପତି ଫଳରେ ଆଖୁ ମିଲର ନଗଦ ପାଣ୍ଠିକୁ ବୃଦ୍ଧି କରାଯିବ । ଏହାସହ ଜାତୀୟ ଜୈବ ଇନ୍ଧନ ନୀତି ଅନୁଯାୟୀ ଲକ୍ଷ୍ୟ ହାସଲରେ ଇଥାନଲର ଉପଲବ୍ଧିକୁ ବୃଦ୍ଧି କରାଯିବ । ପେଟ୍ରୋଲରେ ଇଥାନଲ ମିଶ୍ରଣ କରିବାର ଅନେକ ଲାଭ ରହିଛି । ଏହା ଦ୍ୱାରା ପେଟ୍ରୋଲିୟମ ଉତ୍ପାଦ ଆମଦାନୀ ଉପରେ ନିର୍ଭରତା କମିବା ସହ ପ୍ରଦୂଷଣ କମିବ ଓ ଚାଷୀ ମାନଙ୍କୁ ଲାଭ ହେବ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo